READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ନିଆଳୀ : ମଠସାହି -ତିହୁଡି ରାସ୍ତାକଡରେ ପିଲାମାନେ ଖେଳୁଥିବାର ଦୃଶ୍ୟ ।

ବର୍ଷ-୫ ସଂଖ୍ୟା-୨୯ ୦୨ - ୦୮ ଅଗଷ୍ଟ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-29 02nd -08th AUGUST, 2021 BHUBANESWAR ₹ 5/- (8 Pages)

### ଭିଜିଲାନ୍ସ ଜାଲରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ ସଦସ୍ୟଙ୍କ ବ୍ୟକ୍ତିଗତ ସଚିବ ବିରଞ୍ଚି ନାରାୟଣ ସାହୁ

# କଳା ଟଙ୍କାର କୁବେର



- ୪ କୋଠା, ୧୪ ପ୍ଲଟ୍, ୫୬ ଲକ୍ଷ ଟଙ୍କାର ବୀମା
- ଆଲମିରାରୁ ମିଳିଲା ପରୀକ୍ଷାର୍ଥୀଙ୍କୁ ଆଡମିଟ୍ କାର୍ଡ
- ଘରୁ ମିଳିଲା ଲକ୍ଷାଧିକ ଟଙ୍କା, ଦେଢ଼କେଜି ସୁନା ଗହଣା
- ୪ଥର ବୁଲିଛନ୍ତି ବିଦେଶ, ବିପୁଳ ବିଦେଶୀ ନୋଟ୍ ଜବତ

**ଭୁବନେଶ୍ୱର, (ବିଶ୍ୱଜିତ୍ ପଟ୍ଟନାୟକ) :** ଭିଜିଲାନ୍ସ ଜାଲରେ ପଡିଛନ୍ତି ଓଡ଼ିଶା ଷ୍ଟାଫ ସିଲେକ୍ସନ ସଦସ୍ୟଙ୍କ (ପିଏସ୍) ବ୍ୟକ୍ତିଗତ ସଚିବ ବିରଞ୍ଚି ନାରାୟଣ ସାହୁ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସର ଏକାଧିକ ଟିମ୍ ଭୁବନେଶ୍ୱର ଓ କଟକର ୬ଟି ସ୍ଥାନରେ ଚଢ଼ଉ କରିଛନ୍ତି। ଚଢ଼ଉ ସମୟରେ ଶ୍ରୀ ସାହୁଙ୍କ ଘରୁ ମିଳିଲା ନଗଦ ୨୫ ଲକ୍ଷ ଟଙ୍କା ଓ ଦେଢ଼କେଜି ସୁନାଗହଣା। ଏଥିସହିତ ୪ କୋଠା, ୧୪ ପ୍ଲଟ୍ ଓ ୫୬ଲକ୍ଷ ଟଙ୍କାର ବୀମା ଥିବା ଜଣାପଡିଛି। ୪ଥର ବିଦେଶ ବୁଲିଛନ୍ତି ଶ୍ରୀ ସାହୁ। ତାଙ୍କ ଘରୁ ବିପୁଳ ବିଦେଶୀ ନୋଟ ଜବତ କରିଛି ଭିଜିଲାନ୍ସ। ଏତେ ପରିମାଣର ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀମାନେ ତାଟକା ହୋଇଯାଇଥିଲେ। ବିଭିନ୍ନ ବ୍ୟାଙ୍କରେ ଆହୁରି ପୁଳାପୁଳା ଟଙ୍କା ଥିବା ଜଣାପଡିଥିବା ବେଳେ ଓଏସ୍ଏସ୍ସି ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ମଧ୍ୟ ମିଳିଛି। ଓଡ଼ିଶା ଷ୍ଟାଫ୍ ସିଲେକ୍ସନ ପରୀକ୍ଷାରେ ନମ୍ବର ବଢ଼ାଇ ଚାକିରି କରାଇଦେବା ପାଇଁ କହି ବିରଞ୍ଚି ବିପୁଳ ଅର୍ଥ ଆଦାୟ କରିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ରାଜ୍ୟରେ ବିଭିନ୍ନ ନିଯୁକ୍ତି ପରୀକ୍ଷା କରୁଥିବା ଷ୍ଟାଫ୍ ସିଲେକ୍ସନ କମିଶନର ଜଣେ ତୃତୀୟ ଶ୍ରେଣୀ କର୍ମଚାରୀ ବିରଞ୍ଚିଙ୍କ ପାଖରେ ବିପୁଳ ପରିମାଣର ସମ୍ପତ୍ତି କେମିତି ଓ କୁଆଡୁ ଆସିଲା ତାହାକୁ ନେଇ ସନ୍ଦେହ ବଢ଼ିଚାଲିଛି। ତେବେ ବିରଞ୍ଚିଙ୍କ ଏହି କଳା କାରନାମା ପଛରେ ସେ ଏକୁଟିଆ ଅଛନ୍ତି କି ତାଙ୍କ ସହ ଆଉ କେଉଁ ବଡମୁଣ୍ଡ ଅଛନ୍ତି ତାହା ସନ୍ଦେହକୁ ବଢ଼ାଇ ଦେଇଛି। ବିରଞ୍ଚି ଏତେ ଟଙ୍କା ଆଣିଲେ କେଉଁଠୁ? ତାଙ୍କ ବେଆଇନ ଆୟର ସୂତ୍ର କ'ଣ? ବର୍ତ୍ତମାନ ଏ ସବୁର ଖୋଳତାଡ ଆରମ୍ଭ କରିଛି ଭିଜିଲାନ୍ସ। ବିରଞ୍ଚିଙ୍କୁ ଅଟକ ରଖି ମାରାଥନ ଜେରା କରୁଛି ଭିଜିଲାନ୍ସ ଟିମ୍। ପରୀକ୍ଷାର୍ଥୀଙ୍କୁ ଚାକିରି ପ୍ରତିଶ୍ରୁତି ଦେଇ ସେ ଟଙ୍କା ରୋଜଗାର କରିଥିବା ସନ୍ଦେହ କରାଯାଉଛି। କାରଣ ସେଭଳି ନହୋଇଥିଲେ ବିରଞ୍ଚିଙ୍କ ଘରୁ ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ମିଳିଲା କିପରି। ଭିଜିଲାନ୍ସ ଚଢ଼ଉ ପରେ ବିରଞ୍ଚିଙ୍କର ଏବେ ସୁଦ୍ଧା ଚାରିକୋଟି ସମ୍ପତ୍ତି ଠାବ କରାଯାଇଥିଲା ବେଳେ ଏହା ୫ କୋଟିକୁ ଟପିପାରେ ବୋଲି ଆଶା କରାଯାଉଛି। ଏହାଛଡ଼ା ତାଙ୍କ ବ୍ୟାଙ୍କ କାରବାରର ଅନେକ କାଗଜପତ୍ର ଭିଜିଲାନ୍ସ ଟିମ୍ ହାତରେ ଲାଗିଛି। ବ୍ୟାଙ୍କ ଜମାର ହିସାବ ସରିଲେ ବିରଞ୍ଚିଙ୍କର କେତେ ଟଙ୍କା ଅଛି ତାହା ପଦାକୁ ଆସିବ। ଆହୁରି ମଧ୍ୟ ବିରଞ୍ଚି କେତେ ସମ୍ପର୍କୀୟଙ୍କ ନାଁରେ ଟଙ୍କା ଓ ସମ୍ପତ୍ତି ଜମା ରଖିଛନ୍ତି ତାହାର ମଧ୍ୟ ଖୋଳତାଡ ହେବ। ➤ ପୃ-୬

## ମେଡିକାଲ ପାଠ୍ୟକ୍ରମ ପାଇଁ ରିଜର୍ଭେସନ



**ନୂଆଦିଲ୍ଲୀ :** ମେଡିକାଲ ପାଠ୍ୟକ୍ରମ କ୍ଷେତ୍ରରେ ଭାରତ ସରକାର ଐତିହାସିକ ପଦକ୍ଷେପ ନେଇଛନ୍ତି। ସରକାର ଏମିତି ଏକ ନିଷ୍ପତ୍ତି ନେଇଛନ୍ତି ଯାହା ମେଡିକାଲ ଜଗତରେ ନିଜ କ୍ୟାରିୟର ଗଢ଼ିବାକୁ ଚେଷ୍ଟା କରୁଥିବା ଛାତ୍ରଛାତ୍ରୀଙ୍କୁ ସହାୟକ ହେବ। ଏଣିକି ମେଡିକାଲ ଓ ଡେଣ୍ଟାଲ ପାଠ୍ୟକ୍ରମ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ। ଓବିସି ବର୍ଗର ପିଲାମାନଙ୍କ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା କରାଯିବ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାମାନଙ୍କ ପାଇଁ ୧୦%ର ସଂରକ୍ଷଣ ବ୍ୟବସ୍ଥା ରହିବ। ଦେଶରେ ଥିବା ସମସ୍ତ ➤ ପୃ-୬

## ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବାରେ ସରକାର ପଛୁଆ କି ?

**ଭୁବନେଶ୍ୱର :** ରାଜ୍ୟସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ୨୦୧୬ ବର୍ଷ ଠାରୁ ରାଜ୍ୟର ୩୦ଗୋଟି ଜିଲ୍ଲାରେ ଓଡିଶା ଆଦର୍ଶ ବିଦ୍ୟାଳୟ ମାନ ସି.ବି.ଏସ୍.ଇ. ଢାଞ୍ଚାରେ ଖୋଲିବାର ଯୋଜନା ରଖିଥିବା ବେଳେ ଏ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ଆଦର୍ଶ ବିଦ୍ୟାଳୟମାନ ଖୋଲାଯାଇପାରୁ ନାହିଁ। ଓଡିଶା ଆଦର୍ଶ ବିଦ୍ୟାଳୟମାନ ଖୋଲି ଗ୍ରାମାଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କୁ ଉନ୍ନତ ମାନର ସି.ବି.ଏସ୍.ଇ. ପାଠ୍ୟକ୍ରମ ଯୋଜନା ଜରିଆରେ ଉଚ୍ଚ ଶିକ୍ଷିତ କରିବା ସହିତ ଶିକ୍ଷକ, ଶିକ୍ଷୟତ୍ରୀ ଓ ସରକାରୀ କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ଏକ ନିଆରା ପରମ୍ପରା ସୃଷ୍ଟି କରିବା ଯେଉଁ ଲକ୍ଷ ରଖିଥିଲେ ସେଥିରେ ସଫଳ ନହୋଇପାରିବା ଘଟଣା ଏକ ପ୍ରହସନ ପରି ଲାଗୁଛି। ଜିଲ୍ଲାର ପ୍ରତି ବ୍ଲକ ମାନଙ୍କରେ ପ୍ରତିଷ୍ଠା କରିବାର ଯୋଜନା ରଖାଯାଇଥିବା ବେଳେ ଏ ପର୍ଯ୍ୟନ୍ତ କେତେକ ଜିଲ୍ଲା ମାନଙ୍କରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ପାରିନାହିଁ। ଏପରିକି ରାଜ୍ୟର ୩୦ଗୋଟି ଜିଲ୍ଲାରେ ଥିବା ୩୧୪ଗୋଟି ବ୍ଲକ ମଧ୍ୟରୁ ➤ ପୃ-୬

## ପ୍ରଗତିଶୀଳ ନୂଆ ଶିକ୍ଷା ନୀତି ନୂଆ ଭାରତର ମାଇଲଖୁଣ୍ଟ : ଧର୍ମେନ୍ଦ୍ର



**ନୂଆଦିଲ୍ଲୀ/ଭୁବନେଶ୍ୱର :** ଆଗାମୀ ଦିନର ଭବିଷ୍ୟତ ଆମ ଯୁବପିଢିଙ୍କ ଶିକ୍ଷାର ବ୍ୟବସ୍ଥା ଉପରେ ନିର୍ଭର କରୁଥିବା ବେଳେ ଦେଶର ନୂଆ ଜାତୀୟ ଶିକ୍ଷା ନୀତି ରାଷ୍ଟ୍ର ନିର୍ମାଣ ମହାଯଜ୍ଞରେ ବଡ଼ ଯୋଗଦାନ ପାଳଟିଛି ବୋଲି ଗୁରୁବାର ନୂଆ ଶିକ୍ଷା ନୀତି ପ୍ରଣୟନର ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଭିଡିଓ କନଫରେନ୍ସିଂ ଜରିଆରେ ଶିକ୍ଷା ଓ ଦକ୍ଷତା ବିକାଶର ନୀତି ନିର୍ଦ୍ଧାରକ, ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବୋଧିତ କରିଛନ୍ତି। ସେହିପରି ପ୍ରଗତିଶୀଳ ନୂତନ ଜାତୀୟ ଶିକ୍ଷା ନୀତି ଭାରତର ଭବିଷ୍ୟତକୁ ନୂଆ ରୂପ ଦେବାରେ ସୁଦୂରପ୍ରସାରୀ ପ୍ରଭାବ ପକାଇବ ତଥା ନୂଆ ଭାରତର ମାଇଲଖୁଣ୍ଟ ହେବ ବୋଲି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭବିଷ୍ୟତରେ ଆମେ କେତେ ଆଗକୁ ବଢ଼ିବା ଏବଂ କେତେ ଉପରକୁ ଯିବା ଏହା ଯୁବପିଢିଙ୍କ ଶିକ୍ଷା ଏବଂ ସେମାନଙ୍କୁ ମାର୍ଗ ଦେଖାଇବା ଉପରେ ନିର୍ଭର କରେ। ଯୁବପିଢ଼ିର ଶିକ୍ଷା ଉପରେ ଦେଶର ଭବିଷ୍ୟତ ନିର୍ଭରଶୀଳ ଥିବା ବେଳେ ଆଜି ଦେଖାଯାଉଥିବା ସମ୍ଭାବନାକୁ ସାକାର କରିବା ପାଇଁ ଦେଶର ଯୁବକଙ୍କୁ ଦୁନିଆରେ ଗୋଟିଏ ପାଦ ଆଗକୁ ବଢ଼ିବା ସହ ଅଧିକା ଚିନ୍ତା କରିବାକୁ ହେବ। ନୂଆ ଜାତୀୟ ଶିକ୍ଷା ନୀତି ଯୁବପିଢ଼ିଙ୍କୁ ବିଶ୍ୱାସ ଦେଉଛି ଯେ ଦେଶ ଏବେ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କ ସାଥୀରେ ଅଛି ଏବଂ ➤ ପୃ-୬

### ବକ୍ରବାଣୀ



ଭୋଅଟ ଆଇଲେ ନେତା ଆସନ୍ତି
ଦୁଆର ମୁହଁରେ ବସି କାନ୍ଦନ୍ତି
ଗୋଡ ହାତ ଧରି ନେହୁରା ହେଇ
ଆମକୁ ପୁଳାଏ ଭରସା ଦେଇ
ସର୍କାର ଗଢ଼ନ୍ତି ଜିତିଲା ପରେ
ଗରୀବ ବାପୁଡା ଭୋକରେ ମରେ
ଯେ କି ଗଣତନ୍ତ୍ର ଆମେ ପାଇଲେ
ଗୋରା ଚାଲିଗଲେ କଳା ଆଇଲେ
ଚୋର ଖଣ୍ଟ ଆଜି ସାଧୁ ବେଶରେ
ଲୁଟନ୍ତି ଆମକୁ ଆମ ଦେଶରେ।

—— ଟୁଟୁ

## ବିଚାରପତିଙ୍କୁ ଗାଡି ମଡାଇ ହତ୍ୟା ମାମଲା, ନିଜ ଆଡୁ ସଂଜ୍ଞାନକୁ ନେଇଛନ୍ତି ସୁପ୍ରିମ୍‌କୋର୍ଟ



**ନୂଆଦିଲ୍ଲୀ :** ଝାଡଖଣ୍ଡର ଧାନବାଦ ଅତିରିକ୍ତ ଜିଲ୍ଲା ଏବଂ ଦୌରାଜଜ୍ ଉତ୍ତମ ଆନନ୍ଦଙ୍କ ସନ୍ଦିଗ୍ଧ ହତ୍ୟା ମାମଲାକୁ ନିଜଆଡୁ ବିଚାର ପାଇଁ ଗ୍ରହଣ କରିଛନ୍ତି ସୁପ୍ରିମ୍ କୋର୍ଟ। ଏଥିସହିତ ତଦନ୍ତର ଅଗ୍ରଗତି ସମ୍ପର୍କରେ ଝାଡଖଣ୍ଡ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି। ତଦନ୍ତର ଅନୁଧ୍ୟାନ ଝାଡଖଣ୍ଡ ହାଇକୋର୍ଟ ମଧ୍ୟ କରିବେ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଏହି ମାମଲାରେ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଏନ୍ ଭି ରମଣା କହିଛନ୍ତି, ଗତ ବୁଧବାର ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଯାଇଛି। ଉକ୍ତ ଘଟଣାରେ ଜଣେ ଏଡିଜେଙ୍କୁ ଗୋଟିଏ ଅଟୋ ଧକ୍କା ଦେଇଛି। ଉକ୍ତ ମାମଲାକୁ ଝାଡଖଣ୍ଡ ହାଇକୋର୍ଟ ମଧ୍ୟ ନିଜ ଆଡୁ ସଂଜ୍ଞାନକୁ ନେଇଛନ୍ତି। ଦେଶରେ ବିଚାରପତି ଓ ଆଇନଜୀବୀଙ୍କ ଜୀବନ ପ୍ରତି ଥିବା ବିପଦକୁ ଦୃଷ୍ଟିରେ ରଖି ସୁପ୍ରିମ୍‌କୋର୍ଟ ଉକ୍ତ ମାମଲାକୁ ନିଜ ଆଡୁ ସଂଜ୍ଞାନକୁ ନେଇଛନ୍ତି। ଝାଡଖଣ୍ଡ ହାଇକୋର୍ଟ ନିଜଆଡୁ ମାମଲାକୁ ସଂଜ୍ଞାନକୁ ନେଇଥିବା ଜାଣି ମଧ୍ୟ ➤ ପୃ-୬

## 'ନ୍ୟାୟପାଳିକା ପ୍ରତି ବିପଦ'



**ଭୁବନେଶ୍ୱର :** ବିହାର ଧାନବାଦରେ ଜିଲ୍ଲା ଏବଂ ଅତିରିକ୍ତ ଦୌରାଜଜ୍ ଉତ୍ତମ ଆନନ୍ଦଙ୍କୁ ଗାଡି ଚଢ଼ାଇ ହତ୍ୟା କରାଯିବା ପ୍ରସଙ୍ଗରେ ରାଜ୍ୟର ଜଣେ ବରିଷ୍ଠ ଆଇନଜୀବୀ ତଥା ଓଡ଼ିଶା ବାର କାଉନସିଲ୍‌ର ପୂର୍ବତନ ଚେୟାରମ୍ୟାନ୍ ମାନସ ମହାପାତ୍ରଙ୍କୁ ଘଟଣା ପଛର କାରଣ କ'ଣ ସମ୍ପର୍କରେ ମତ ମାଗିଥିଲୁ। ଶ୍ରୀ ମହାପାତ୍ର କହିଥିଲେ ଯେ, ଏହା ନିଶ୍ଚିତ ପ୍ରତିହିଂସା ପରାୟଣ ଓ ଥ୍ରେଟ୍ ଟୁ ଜୁଡିସିଆରି। ଆଉ ଗୋଟିଏ ହେଉଛି ଲ' ଆଣ୍ଡ ସିଷ୍ଟମ ଫେଲ୍ ହେଲେ ଏଭଳି ଘଟଣା ଘଟିଥାଏ। ଦେଶର ନ୍ୟାୟିକ ବ୍ୟବସ୍ଥାକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଚାହୁଁଥିବା ନେତାମାନେ ଗୁଣ୍ଡା ଓ ଅପରାଧୀଙ୍କ ଜରିଆରେ ଅସ୍ଥିରତା ସୃଷ୍ଟି କରିଥାନ୍ତି। ଯାହାକି ଗଣତନ୍ତ୍ର ପ୍ରତି ବଡ ବିପଦ। ବିହାର ଘଟଣାରେ ଗଣତନ୍ତ୍ରକୁ ସ୍ୱତନ୍ତ୍ର ଭାବେ ହିଂସାତନ୍ତ୍ରରେ ପରିଣତ କରିବା ଆରମ୍ଭ ବୋଲି କୁହାଯାଇପାରିବ। ଜଣେ ବିଚାରପତିଙ୍କୁ ଯେତେବେଳେ ଅମାନୁଷିକ ଭାବେ ହତ୍ୟା କରାଯାଇଛି ଏହା ପଛରେ ଅପରାଧୀଙ୍କ ଭୂମିକା ସହିତ ରାଜନୈତିକ ଉଦ୍ଦେଶ୍ୟ ମଧ୍ୟ ରହିଛି। ନିର୍ଦ୍ଦିଷ୍ଟ ଭାବେ କହି ନହେଲେ ବି ଯେଉଁ ମାମଲାରେ ଅପରାଧୀଙ୍କ ବେଲ୍ ରିଜେକ୍ଟ ହୋଇଥିବ କିମ୍ବା କନଭିକ୍ସନ ହୋଇଥିବ, ସେତେବେଳେ ସେମାନେ ହିଂସାପରାୟଣ ହୋଇ ଏଭଳି ମାନବିକତା ବିହୀନ କାର୍ଯ୍ୟ କରିଥାନ୍ତି। ନ୍ୟାୟିକ ବ୍ୟବସ୍ଥା ଉପରେ ଯେଉଁମାନେ ଭରସା କରୁନାହାନ୍ତି, ଏଭଳି ଘଟଣା ପାଇଁ ସେମାନେ ଦାୟୀ। ତେଣୁ ଉଦ୍ଦେଶ୍ୟମୂଳକ ଭାବେ ଜଣେ ବିଚାରପତିଙ୍କୁ ହତ୍ୟା କରାଯାଇଛି। ଏହା ଦେଶର ନ୍ୟାୟପାଳିକା ପ୍ରତି ବିପଦ।




### ସାରା ରାଜ୍ୟରେ 'ୱାନ୍ ନେସନ୍, ୱାନ୍ ରେସନ୍' ଆରମ୍ଭ

## ସ୍ୱାଭିମାନର ସହ ବଞ୍ଚିବା ସମସ୍ତଙ୍କର ଅଧିକାର : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଆଜିଠାରୁ ଓଡ଼ିଶାର ସବୁ ଜିଲ୍ଲାରେ ଗୋଟିଏ ଦେଶ, ଗୋଟିଏ ରାସନ କାର୍ଯ୍ୟକ୍ରମ ଆରମ୍ଭ ହେଲା। ଏହାଦ୍ୱାରା ରାଜ୍ୟ ବାହାରର ଲୋକ ଓଡ଼ିଶାରେ ଓ ଓଡ଼ିଶାର ଲୋକ ରାଜ୍ୟ ବାହାରେ ତାଙ୍କ ପସନ୍ଦର ଦୋକାନରୁ ରେସନ ପାଇପାରିବେ। ରାଜ୍ୟର ୧୦,୫୭୮ ସୁଲଭ ମୂଲ୍ୟ ଦୋକାନରେ ହିତାଧିକାରୀମାନେ ଏହି ସୁବିଧା ପାଇବେ। ଏହାସହିତ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପାଇଲଟ୍ ପ୍ରକଳ୍ପ ଭାବରେ ମାଲକାନଗିରି ଜିଲ୍ଲାରେ ଭିଟାମିନଯୁକ୍ତ ଚାଉଳ ପ୍ରଦାନ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଗଲା। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ସ୍ୱାଭିମାନର ସହ ବଞ୍ଚିବା ସମସ୍ତଙ୍କର ଅଧିକାର ଓ ଗରିବ ଲୋକଙ୍କୁ ଏହି ଅଧିକାରରୁ କେହି ବଞ୍ଚିତ କରିପାରିବ ନାହିଁ। ଆମର ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଅଧିକାରକୁ ଆମେ ସବୁବେଳେ ସମ୍ମାନ ଜଣାଇ ଆସିଛୁ। ଗରିବ ଲୋକଙ୍କ କଲ୍ୟାଣ ପାଇଁ ଆମର ଉଦ୍ୟମ ଜାରି ରହିବ। ଭିଟାମିନଯୁକ୍ତ ଚାଉଳରେ ଭିଟାମିନ୍ ବି-୧୨ ଓ ଫୋଲିକ୍ ଏସିଡ ଥିବାରୁ ଏହା ଗରିବ ଲୋକମାନଙ୍କ ସହିତ ବିଶେଷକରି ମହିଳା ଓ ବାଳିକା ମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ବହୁତ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଖାଦ୍ୟ ସୁରକ୍ଷା ରାଜ୍ୟ ସରକାରଙ୍କ ସବୁଠାରୁ ବଡ କଲ୍ୟାଣ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ୯୩ଲକ୍ଷ ପରିବାର ଓ ସାଢ଼େ ୩ କୋଟି ଲୋକ ଉପକାର ପାଉଛନ୍ତି। ୨୦୦୮ରେ ଆପଣଙ୍କ ରାଜ୍ୟ ସରକାର କେଜି ୨ ଟଙ୍କାରେ ଓ ୨୦୧୩ରୁ କେଜି ୧ ଟଙ୍କାରେ ଚାଉଳ ଯୋଗାଇ ଆସୁଛି। ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ପାଇଁ ତାଙ୍କର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଲେ, ମୁଁ ସବୁବେଳେ କହିଆସିଛି ଜଣେ ବି ଗରିବ ଲୋକ ଯେପରି ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ ହୁଏ, ତାହା ଆମର ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି କହିଥିଲେ ଯେ, କେଜି ୧ ଟଙ୍କାରେ ଚାଉଳ ମିଳିବା ଦ୍ୱାରା ଗରିବ ଲୋକଙ୍କର ଖାଦ୍ୟ ନିରାପତ୍ତା ମଜବୁତ ହୋଇଛି। ରାଜ୍ୟର ବିଭିନ୍ନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରି ସେ କହିଥିଲେ ଯେ, ଖାଦ୍ୟ ନିରାପତ୍ତା ସହିତ ➤ ପୃ-୬

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟରେ ଉନ୍ନତି ହେବ। କୌଣସି ଗୁରୁତ୍ୱପୂର୍ଣ୍ଣ ବସ୍ତୁ ଚୋରି ହୋଇପାରେ। ଲୋକପ୍ରିୟତା ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ସ୍ଥିତି ଉତ୍ତମ ରହିବ। ଘରକୁ ଅତିଥି ଆସିପାରନ୍ତି। ଛାତ୍ରଛାତ୍ରୀମାନେ ପାଠପଢ଼ାରୁ ମନ ହଟାନ୍ତୁ ନାହିଁ।

**ବୃଷ** ସକାରାତ୍ମକ ଶକ୍ତିକୁ ନିଜର ଶାରୀରିକ ଅବକାଶରେ ଲଗାନ୍ତୁ। ଅଟକିଥିବା ଆର୍ଥିକ ମାମଲାର ସମାଧାନ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହନ୍ତୁ। ଅତିଥିଙ୍କୁ ଅଯଥା ନିଜ ଜୀବନଚର୍ଯ୍ୟାରେ ସାମିଲ କରନ୍ତୁ ନାହିଁ। କ୍ଷତି ସହିବେ।

**ମିଥୁନ** କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ଓ ପୁରସ୍କୃତ ହୋଇପାରନ୍ତି। ପରିବାରରେ ଶାନ୍ତି ରହିବ। ବ୍ୟବସାୟରେ ବିରୋଧର ସମାନା କରିବେ। ଉଚ୍ଚଶିକ୍ଷା ମାର୍ଗରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେବ। ପାଠ ପାଇଁ ମାର୍ଗ ଚୟନ କରିବେ।

**କର୍କଟ** ମାନସିକ ଅଶାନ୍ତି ରହିବ। ଆବଶ୍ୟକ ଅନୁଯାୟୀ ଧନ ନଥିବାରୁ ଘରେ କଳହ ସୃଷ୍ଟି ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ।

**ସିଂହ** ଡାକ୍ତରଖାନା ଯାଇପାରନ୍ତି। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବଡ ନିବେଶରୁ ଦୂରେଇ ରହନ୍ତୁ। ନୂଆ ବନ୍ଧୁ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ। ଛାତ୍ରମାନେ ସଫଳ ହେବେ।

**କନ୍ୟା** ଖର୍ଚ୍ଚରେ ବୃଦ୍ଧି ହେବ କିନ୍ତୁ ଆୟ କମିବ ନାହିଁ। ଘରେ ସମସ୍ତଙ୍କ ମଧ୍ୟରେ ପ୍ରତିଷ୍ଠା ପ୍ରାପ୍ତି ହେବେ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରମାନେ ପାଠପଢ଼ାରେ ମନଦେବେ। ପ୍ରେମିକଙ୍କ ସହ ପାଟିତୁଣ୍ଡ ହୋଇପାରେ।

**ତୁଳା** ଆରାମ ପାଇଁ ସମୟ ପାଇବେ। ଛୋଟ ବ୍ୟବସାୟରୁ ଅଧିକ ଲାଭ ହେବ। ବଡମାନଙ୍କ ଠାରୁ ସହଯୋଗ ମିଳିବ। ଛାତ୍ରମାନେ ସଫଳତା ପାଇବେ। ଦମ୍ପତିମାନେ ସୁଖରେ ସମୟ କଟାଇବେ।

**ବିଛା** ଶାରୀରିକ ଓ ମାନସିକ ବ୍ୟସ୍ତତା ରହିବ। ପଇସା ଉଧାର ନେଇପାରନ୍ତି। ଧନପ୍ରାପ୍ତି ହେବ। କାର୍ଯ୍ୟକ୍ଷେତ୍ରରେ ଅନ୍ୟ ଶଙ୍କା ଦୃଷ୍ଟିରେ ଦେଖି ପାରନ୍ତି, ଛାତ୍ରମାନେ ଜଗିରଖି ଆଗାନ୍ତୁ।

**ଧନୁ** ମନ ଚଞ୍ଚଳ ରହିବ। ଅର୍ଥପ୍ରାପ୍ତି ଯୋଗ ଅଛି। ପୁରୁଣା କଥାକୁ ନେଇ ଚିନ୍ତିତ ହେବେ। ଯୋଜନାର ପୁନଃବିଚାର କରନ୍ତୁ। ଯୋଜନାବଦ୍ଧ ଭାବରେ ଛାତ୍ରମାନେ ନିଷ୍ପତ୍ତି ନିଅନ୍ତୁ। ପ୍ରେମୀଙ୍କୁ ବିବାହ ପ୍ରସ୍ତାବ ଦେଇପାରନ୍ତି।

**ମକର** ମନ ଅସ୍ଥିର ରହିବ। ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। ବଡଙ୍କ ସହଯୋଗ ନିଅନ୍ତୁ। ପରିବାର ସହ ସମୟ କଟାଇବେ। ଚାକିରିରେ ପରିବର୍ତ୍ତନ ହୋଇପାରେ। ଛାତ୍ରମାନେ ଆବଶ୍ୟକଠାରୁ ଅଧିକ ଆଶା ରଖିବେ।

**କୁମ୍ଭ** ଆଖିର ସମସ୍ୟା ଦୂର ହେବ। ରାଜସିକ ସୁବିଧା ପାଇବେ। ପରିବାର ସହ ଧାର୍ମିକ ଯାତ୍ରା କରିପାରନ୍ତି। ବାପା ମା' ଖୁସିହେବେ। ନୂଆ ବ୍ୟବସାୟ କରିବେ। ଛାତ୍ରମାନେ ପାଠରେ ରୁଚି ରଖିବେ। ପ୍ରିୟତମଙ୍କୁ ଖରାପ କଥା କୁହନ୍ତୁ ନାହିଁ।

**ମୀନ** ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବେ। ସେଥିପାଇଁ ମନଚଞ୍ଚଳ ଓ ଅସ୍ଥିର ରହିବ। ଦୂର ଯାତ୍ରା କରିପାରନ୍ତି। ମନସ୍ଥିର ରଖନ୍ତୁ। ଆବଶ୍ୟକ ସ୍ଥଳେ ବନ୍ଧୁଙ୍କ ପରାମର୍ଶ ନିଅନ୍ତୁ। ପରିବାର ସହ ସମୟ କଟେଇବେ। ଆତ୍ମବିଶ୍ୱାସ ବଢ଼ିବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଅର୍ଥନୀତି ପାଇଁ ଖରାପ ସଙ୍କେତ

# ଅଭିବୃଦ୍ଧି ହାର ହ୍ରାସ କଲା ଆଇଏମ୍ଏଫ୍

**ନୂଆଦିଲ୍ଲୀ :** ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଭାରତର ଅଭିବୃଦ୍ଧି ହାରର ଆକଳନ ପୂର୍ବ ତୁଳନାରେ ଆହୁରି ହ୍ରାସ କରିଛି। ଆଇଏମ୍ଏଫ୍ ଆକଳନ କରିଛି ଯେ ୨୦୨୧-୨୨ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୯.୫% ରହିବ। ପୂର୍ବରୁ ଅଭିବୃଦ୍ଧି ହାର ୧୨.୫% ରହିବ ବୋଲି ଏହି ସଂସ୍ଥା ଆକଳନ କରିଥିଲା। ତେଣୁ ପୂର୍ବ ଆକଳନ ତୁଳନାରେ ଏବେ ଅଭିବୃଦ୍ଧି ହାରକୁ ୩% ହ୍ରାସ କରାଯାଇଛି। ଆଇଏମ୍ଏଫ୍ ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୧ ମାର୍ଚ୍ଚରୁ ମେ ମାସ ମଧ୍ୟରେ କରୋନାର ଦ୍ୱିତୀୟ ଲହର ଯୋଗୁ ଭାରତ ଅଭିବୃଦ୍ଧି ଗତି ଗୁରୁତର ଭାବେ



ପ୍ରଭାବିତ ହୋଇଛି। ଏହି ଆର୍ଥିକ ଅଭିବୃଦ୍ଧି ଝଟକାରୁ ମୁକୁଳିବା ପାଇଁ ଆଉ କିଛି ସମୟ ଲାଗିପାରେ। ଆଇଏମ୍ଏଫର ଏପରି ଅଭିବୃଦ୍ଧି ହାର ହ୍ରାସ ଆକଳନ ଦେଶର ଅର୍ଥନୀତି ପାଇଁ ଏକ ବଡ଼ ଝଟକା ବୋଲି କୁହାଯାଉଛି। ଭାରତର ଅଭିବୃଦ୍ଧି ହାରକୁ ଆଇଏମଏଫ କରୋନା ପାଇଁ ହ୍ରାସ କରିଥିଲେ ହେଁ ବିଶ୍ୱର କ୍ଷେତ୍ରରେ କୌଣସି ପରିବର୍ତ୍ତନ କରିନି। ପୂର୍ବଭଳି ବିଶ୍ୱର ଅଭିବୃଦ୍ଧି ହାର ୬% ରହିବ ବୋଲି ସଂସ୍ଥା ତା' ରିପୋର୍ଟରେ କହିଛି। ଆଇଏମଏଫ ଭାରତ ସହ ବିଭିଭ ବିକାଶଶୀଳ ରାଷ୍ଟ୍ରର ଅର୍ଥନୀତିକ ଅଭିବୃଦ୍ଧି ହାର ଆକଳନକୁ ହ୍ରାସ କରିଛି। ତେବେ ଯେଉଁ ଦେଶଗୁଡ଼ିକ ପାଖରେ ପର୍ଯ୍ୟାପ୍ତ ପରିମାଣର କରୋନା ଟିକା ରହିଛି, ସେମାନଙ୍କ ଅର୍ଥନୀତି ଆଗାମୀ ଦିନରେ ଦ୍ରୁତଗତିରେ ଆଗକୁ ଯିବ ବୋଲି ଆଇଏମଏଫ ଆଶା କରିଛି। କରୋନା ଟିକା ଠିକ ଭାବେ ପାଇ ପାରୁ ନଥିବା ରାଷ୍ଟ୍ରଗୁଡ଼ିକର ଅର୍ଥନୀତିକ ଅଭିବୃଦ୍ଧି ଗୁରୁତର ଭାବେ ପ୍ରଭାବିତ ହୋଇଛି। ସୂଚନାଯୋଗ୍ୟ, ମହାମାରୀ କରୋନାର ଦ୍ୱିତୀୟ ଲହର ଠିକ୍ ପୂର୍ବରୁ ଆଇଏମଏଫ ଭାରତର ଅର୍ଥନୀତି ଦ୍ରୁତଗତିରେ ବିବ ବୋଲି କହିଥିଲା। ଏଥିପାଇଁ ସଂସ୍ଥା ଅର୍ଥନୀତି ଅଭିବୃଦ୍ଧି ହାର ୨୦୨୧-୨୨ ଆର୍ଥିକ ବର୍ଷରେ ୧୨.୫% ରହିବ ବୋଲି ଆକଳନ କରିଥିଲା। ଆଇଏମଏଫ ତା' ରିପୋର୍ଟରେ କହିଛି ଯେ ଭାରତ ଓ ଇଣ୍ଡୋନେସିଆ ସମେତ ଜି-୨୦ ଦେଶଗୁଡ଼ିକ ଆଗରେ ବହୁତ ଚ୍ୟାଲେଞ୍ଜ ରହିଛି। ସେହିପରି ଦ୍ରୁତଗତିରେ ଟିକାକରଣ କରୁଥିବା ବ୍ରିଟେନ ଓ କାନାଡା ଭଳି ଦେଶଗୁଡ଼ିକର ଅର୍ଥନୀତି ଉପରେ କରୋନାର ପ୍ରଭାବ ସେତେଟା ପ୍ରଭାବ ପଡ଼ିବ ନାହିଁ।

## ଟିକା ନେବାର ୬ ସପ୍ତାହ ପରେ କମୁଛି ଆଣ୍ଟିବଡି

**ଲଣ୍ଡନ,୨୭।୭:** ମହାମାରୀ କରୋନା ବିରୋଧୀରେ ଟିକା ନେଲେ ଏହା ଜଣଙ୍କ ଶରୀରରେ କେତେ ଦିନ ଯାଏ ରୋଗ ପ୍ରତିରୋଧ ଶକ୍ତି ସୃଷ୍ଟି



କରୁଛି ? ଆଣ୍ଟିବଡି କେତେ ଦିନ ଯାଏ ସୃଷ୍ଟି ହେଉଛି ? ଏସବୁ ପ୍ରଶ୍ନର ଉତ୍ତର ବର୍ତ୍ତମାନ ସାମ୍ନାକୁ ଆସିଛି। ମେଡିକାଲ ଜର୍ଣ୍ଣାଲ ଲାନସେଟରେ ପ୍ରକାଶ ପାଇଥିବା ଗବେଷଣା ରିପୋର୍ଟ ଅନୁଯାୟୀ, ଫାଇଜର ଓ ଆଷ୍ଟ୍ରାଜେନେକା ଟିକାର ଦୁଇଟି ଯାକ ଡୋଜ୍ ନେବା ପରେ ଜଣଙ୍କ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବା ଆଣ୍ଟିବଡି ସୃଷ୍ଟି ହୋଇଥାଏ। ତେବେ ଟିକାକରଣର ୬ ସପ୍ତାହ ପରେ ଆଣ୍ଟିବଡିର ପରିମାଣ କମିବା ଆରମ୍ଭ ହେଉଛି। ପ୍ରାୟ ୧୦ ସପ୍ତାହ ବେଳକୁ ପୂର୍ବାପେକ୍ଷା ଆଣ୍ଟିବଡିର ପରିମାଣ ପ୍ରାୟ ୫୦% ହ୍ରାସ ପାଇଯାଉଛି ବୋଲି ଏଥିରେ କୁହାଯାଇଛି। ବ୍ରିଟେନରେ ଥିବା ବିଶ୍ୱବିଦ୍ୟାଳୟ କଲେଜ ଲଣ୍ଡନ(ୟୁସିଏଲ)ର ଗବେଷକମାନେ ବିଭିନ୍ନ ପରୀକ୍ଷାରୁ ଜାଣିବାକୁ ପାଇଛନ୍ତି ଯେ ଯଦି ଆଣ୍ଟିବଡି ସ୍ତର ଏଭଳି ଭାବେ ହ୍ରାସ ପାଇବାରେ ଲାଗିବ, ତା'ହେଲେ ଟିକାର ସୁରକ୍ଷା ନେଇ କରାଯାଉଥିବା ଦାବି ଫେଲ ମାରିବ। ବିଶେଷ କରି ନୂଆ ଭାରିଏଣ୍ଟ ଆଗରେ ଟିକାର ପ୍ରଭାବ ସଂପୂର୍ଣ୍ଣ ଭାବେ ଫିକା ପଡ଼ିବାର ଆଶଙ୍କା ମଧ୍ୟ ରହିଛି। ତେବେ କେତେ ଶୀଘ୍ର ଏପରି ଘଟିବ, ସେକଥା ଏଯାଏ ଗବେଷଣାରୁ ଜଣାପଡ଼ିନି। ଗବେଷକମାନେ ଆହୁରି କହିଛନ୍ତି ଯେ ଆଷ୍ଟ୍ରାଜେନେକା ବା ଭାରତରେ କୋଭିସିଲ୍ଡ ନାଁରେ ପରିଚିତ ଟିକାର ଦୁଇଟି ଡୋଜ୍ ତୁଳନାରେ ଫାଇଜରର ଦୁଇଟି ଯାକ ଡୋଜ୍ ଅଧିକ ପ୍ରଭାବୀୟ ଆଷ୍ଟ୍ରେଜେନେକା ତୁଳନାରେ ଫାଇଜର ଜଣଙ୍କ ଶରୀରରେ ଅଧିକ ଆଣ୍ଟିବଡି ସୃଷ୍ଟି କରିବାକୁ ସକ୍ଷମ ହେଉଛି। ସେହିପରି ଟିକା ନେଇଥିବା ଲୋକଙ୍କ ତୁଳନାରେ ପୂର୍ବରୁ କରୋନାରେ ଆକ୍ରାନ୍ତ ହୋଇଥିବା ଲୋକଙ୍କ ଶୀରରରେ ଅଧିକ ଆଣ୍ଟିବଡି ରହୁଛି। ୟୁସିଏଲର ମଧୁମିତା ଶୋରତ୍ରି କହିଛନ୍ତି, ପ୍ରାଥମିକ ଅବସ୍ଥାରେ ଫାଇଜର କିମ୍ବା ଆଷ୍ଟ୍ରାଜେନେକା ଟିକାର ଦୁଇଟି ଯାକ ଡୋଜ୍ ନେବା ପରେ ଆଣ୍ଟିବଡି ସ୍ତର ଅତ୍ୟନ୍ତ ଉଚ୍ଚ ରହୁଛି। ଏହି କାରଣ ପାଇଁ କରୋନାରେ ଆକ୍ରାନ୍ତ ହେଉଥିବା ଲୋକମାନେ ଗୁରୁତର ହେଉନାହାନ୍ତି। ତେବେ ୨ରୁ ୩ ମାସ ପରେ ଏହି ଆଣ୍ଟିବଡି କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗୁଛି। ଏହି ତଥ୍ୟ ୧୮ ବର୍ଷ ଓ ତା'ଠାରୁ ଅଧିକ ବୟସ୍କ ପ୍ରାୟ ୬୦୦ ଲୋକଙ୍କୁ ପରୀକ୍ଷା କରିବା ପରେ ସାମ୍ନାକୁ ଆସିଛି ବୋଲି ସେ କହିଛନ୍ତି।

## ଆଲଫା ଠାରୁ ଭୟଙ୍କର ଡେଲ୍ଟା ଭାରିଏଣ୍ଟ

**ନୂଆଦିଲ୍ଲୀ :** ଭାରତରେ ପ୍ରଥମ ଠାବ ହୋଇଥିବା କରୋନାର ଡେଲ୍ଟା ଭାରିଏଣ୍ଟକୁ ନେଇ ସତର୍କ ସୂଚନା ଜାରି କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)। ହୁ' ସହ ଇସିଡିସି ମଧ୍ୟ ଡେଲ୍ଟା ଭାରିଏଣ୍ଟ ଏବେ ୟୁରୋପରେ



ସଂକ୍ରମଣ ବ୍ୟାପିବାର ମୁଖ୍ୟ କାରଣ ବୋଲି କହିଛି। କରୋନାର ସବୁ ଭାରିଏଣ୍ଟ ତୁଳନାରେ ଡେଲ୍ଟା ଏବେ ପ୍ରମୁଖ ଭାରିଏଣ୍ଟର ସ୍ଥାନ ୟୁରୋପରେ ଦାଖଲ କରିଥିବା ହୁ' ଓ ଇସିଡିସି କହିଛନ୍ତି। ଏହାକୁ ରୋକିବା ପାଇଁ ସବୁ ପ୍ରକାରର ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ପରାମର୍ଶ ଦିଆଯାଇଛି। ୟୁରୋପୀୟ ଦେଶ ପାଇଁ କାମ କରୁଥିବା ହୁ'ର ଆଞ୍ଚଳିକ ଅଫିସ ପକ୍ଷରୁ କୁହାଯାଇଛି ଯେ, ଆମେ ଜୁନ୍ ୨୮ ରୁ ଜୁଲାଇ ୧୧ ମଧ୍ୟରେ ସଂକ୍ରମଣ ତଥ୍ୟ ସଂଗ୍ରହ କରିଥିଲୁ। ୨୮ଟି ୟୁରୋପୀୟ ଦେଶ ମଧ୍ୟରୁ ୧୯ଟି ରାଷ୍ଟ୍ରରେ ସାର୍ସ କୋଭ-୨ର ଡେଲ୍ଟା ଭାରିଏଣ୍ଟ ସଂକ୍ରମଣର ପ୍ରମୁଖ କାରଣ ବନିଛି। ଜେନୋମ ସିକ୍ୱେନ୍ସିଂ ଜରିଆରେ ଏହି ତଥ୍ୟ ମିଳିଛି। ଏହି ୧୯ଟି ଦେଶରେ ଡେଲ୍ଟା ଭାରିଏଣ୍ଟ ୬୮.୩% ନମୁନାରୁ ଠାବ ହୋଇଛି। ସେହିପରି ପୂର୍ବରୁ ଏଠାରେ ପ୍ରଭାବ ବିସ୍ତାର କରିଥିବା ଆଲଫା ଭାରିଏଣ୍ଟ ୨୨.୩%ଟି ନମୁନାରୁ ଚିହ୍ନଟ ହୋଇଛି। ଏହାର ଅର୍ଥ ୟୁରୋପୀୟ ଦେଶରେ ଆଲଫା ଭାରିଏଣ୍ଟକୁ ଡେଲ୍ଟା ପଛରେ ପକାଇ ପ୍ରମୁଖ ସ୍ଥାନ ଅଧିକାର କରିଛି। ପୂର୍ବରୁ ଡେଲ୍ଟା ଭାରିଏଣ୍ଟ ସମସ୍ତ ୟୁରୋପୀୟ ଦେଶରେ ନିଜର ପ୍ରଭାବ ବିସ୍ତାର କରି ସଂକ୍ରମଣ ବୃଦ୍ଧି କରୁଥିବା ବିଶେଷଜ୍ଞମାନେ କହିଥିଲେ। ଏହି ଭାରିଏଣ୍ଟ କ୍ଷୀପ୍ର ଗତିରେ ଜଣକ ପାଖରୁ ଆଉ ଜଣଙ୍କ ପାଖରେ ପହଞ୍ଚିଥାଏ। ସେହିପରି ହସ୍ପିଟାଲରେ ଭର୍ତ୍ତି ହେବାର ଆଶଙ୍କା ମଧ୍ୟ ବଢ଼ିଯାଏ। ଭାରତରେ ତାଣ୍ଡବ ରଚିଥିବା କରୋନାର ଦ୍ୱିତୀୟ ୱେଭ ପାଇଁ ଏହି ଡେଲ୍ଟା ଭାରିଏଣ୍ଟ ଦାୟୀ ବୋଲି ବିଶେଷଜ୍ଞମାନେ କହିଛନ୍ତି। କେବଳ ୟୁରୋପୀୟ ଦେଶ ନୁହନ୍ତି, ଆମେରିକାରେ ଏବେ ସଂକ୍ରମିତ ହେଉଥିବା ପ୍ରାୟ ୮୩% ଲୋକ ଏହି ଡେଲ୍ଟା ଭାରିଏଣ୍ଟ ଦ୍ୱାରା ଆକ୍ରାନ୍ତ। ଯଦି ଏଭଳି ଟ୍ରେଣ୍ଡ ଜାରି ରହିବ, ତା'ହେଲେ ଆସନ୍ତା କିଛି ସପ୍ତାହ ମଧ୍ୟରେ ଡେଲ୍ଟା ସାରା ବିଶ୍ୱର ପ୍ରମୁଖ ଭାରିଏଣ୍ଟ ବନିଯିବ।

## 'ଲକଡାଉନ୍ ପାଇଁ କନ୍ଧମାଳ ଓ କଳାହାଣ୍ଡିର ମହିଳାଙ୍କ ପୁଷ୍ଟି କମିଛି'

**ୱାଶିଂଟନ :** କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ଗତବର୍ଷ ଭାରତରେ ପ୍ରଥମେ ଲକଡାଉନ୍ ଲାଗୁ ହୋଇଥିଲା। ଏହାର ପ୍ରଭାବ ମହିଳାଙ୍କ ଉପରେ ପଡ଼ିଛି। ଆମେରିକାର କିଛି ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଅଧ୍ୟୟନରେ କୁହାଯାଇଛି ଲକଡାଉନ୍ ପାଇଁ ମହିଳାଙ୍କ ଶରୀରରେ ପୁଷ୍ଟିର ମାତ୍ରା କମିଯାଇଛି। ଭାରତରେ ଯେଉଁ ସବୁ ସ୍ଥାନକୁ ନେଇ ଏପରି ଅଧ୍ୟୟନ କରାଯାଇଛି ସେଥିମଧ୍ୟରେ ଓଡ଼ିଶାର କନ୍ଧମାଳ ଏବଂ କଳାହାଣ୍ଡି ଜିଲ୍ଲା ରହିଛି। ଇକୋନୋମିଆ ପଲିଟିକାଲ ଜର୍ଣ୍ଣାଲରେ ଏହି ଅଧ୍ୟୟନ ରିପୋର୍ଟ ପ୍ରକାଶିତ ହୋଇଛି। ଟାଟା-କର୍ଣ୍ଣେଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଫର୍ ଆଗ୍ରିକଲଚର ଏବଂ ନ୍ୟୁଟ୍ରିସନ ସଂସ୍ଥା ଦ୍ୱାରା ଏହି ଅଧ୍ୟୟନ ହୋଇଥିଲା। ଏଥିରେ ଦେଶର ତିନୋଟି ରାଜ୍ୟର ଆର୍ଥିକ ଭାବରେ ପଛୁଆ ଥିବା ଜିଲ୍ଲାକୁ ପ୍ରଥମେ ଚିହ୍ନଟ କରାଯାଇଥିଲା। ତିନି ରାଜ୍ୟର ଜିଲ୍ଲାଗୁଡ଼ିକ ହେଲା ୟୁପିର ମହାରାଜଗଞ୍ଜ, ବିହାରର ମୁଙ୍ଗେର ଏବଂ ଓଡ଼ିଶାର କଳାହାଣ୍ଡି ଏବଂ କନ୍ଧମାଳ। ସର୍ଭେରୁ ଜଣାପଡ଼ିଛି ମେ ୨୦୧୯ ତୁଳନାରେ ୨୦୨୦ରେ ଏହି ଜିଲ୍ଲାଗୁଡ଼ିକରେ ଘରୋଇ ଖାଇବା ଖର୍ଚ୍ଚ ସହିତ ମହିଳାଙ୍କ ଖାଦ୍ୟ ବିବିଧତା ହ୍ରାସ ପାଇଛି। ମୁଖ୍ୟତଃ ମାଂସ, ଅଣ୍ଡା, ପନିପରିବା, ଏବଂ ଫଳ ଆଦି ଖାଦ୍ୟ ପୂର୍ବ ତୁଳନାରେ କମିଯାଇଛି। ଯାହାକି ଅଧିକ ପୁଷ୍ଟି ବା ନ୍ୟୁଟ୍ରିସନ ଯୋଗାଏ। ଏହି ସମୟରେ ସରକାରଙ୍କ ତରଫରୁ ପିଡିଏସ ସାମଗ୍ରୀ ଯୋଗାଇ ଦିଆଯାଉଥିଲା। ହେଲେ କରୋନା ପାଇଁ ଦେଖା ଦେଇଥିଲା ଆର୍ଥିକ ଅନିୟମିତତା। ତେଣୁ ଲୋକମାନେ କେବଳ ପିଡିଏସ ସାମଗ୍ରୀକୁ ଖାଦ୍ୟ ଭାବରେ ଗ୍ରହଣ କରିଥିଲେ। ଆର୍ଥିକ ଅଭାବରୁ ବଜାରରୁ ମାଂସ, ଅଣ୍ଡା, ପନିପରିବା, ଏବଂ ଫଳ ପରି ଆଦି କିଣିନଥିଲେ ବା ଖାଇବା କମାଇ ଦେଇଥିଲେ। ଇକୋନମିଆ ପଲିଟିକାଲ ଜର୍ଣ୍ଣାଲରେ କୁହାଯାଇଛି ଆର୍ଥିକ ସମସ୍ୟା ପାଇଁ ମହିଳାମାନେ ଆବଶ୍ୟକ କରୁଥିବା ନ୍ୟୁଟ୍ରିସନ ପାଇପାରୁ ନାହାନ୍ତି। ତେଣୁ ଏବେ ପିଡିଏସକୁ ନେଇ ଯେଉଁ ଯୋଜନା ରହିଛି ସେଥିରେ ପରିବର୍ତ୍ତନ ବା ସଂଶୋଧନ ହେବା ଦରକାର। ପିଡିଏସ ସାମଗ୍ରୀରେ କିଛି ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ସାମିଲ କରିବା ଠିକ୍ ହେବ ବୋଲି କୁହାଯାଇଛି। ଯେଉଁ ଖାଦ୍ୟ ଆବଶ୍ୟକ ନ୍ୟୁଟ୍ରିସନ ଯୋଗାଉଥିବ। ଟାଟା-କର୍ଣ୍ଣେଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଫର୍ ଆଗ୍ରିକଲଚର ଏବଂ ନ୍ୟୁଟ୍ରିସନ ସଂସ୍ଥାର ନିର୍ଦ୍ଦେଶକ ମାଥ୍ୟୁ ଆବ୍ରାହମ, ସହଯୋଗୀ ନିର୍ଦ୍ଦେଶକ ଏବଂ ପରାମର୍ଶଦାତା ପାୟଲ ସେଠ୍ କହିଛନ୍ତି, ମହିଳାଙ୍କ ଖାଇବା ଥାଳିରେ ମଧ୍ୟ ପୂର୍ବରୁ ବିବିଧତା ନଥିଲା। ହେଲେ କୋଭିଡ୍ ମହାମାରୀ ପାଇଁ ଏହି ସ୍ଥିତି ଆହୁରି ଜଟିଳ ରହିଛି। ପୂର୍ବରୁ ଭାତ, ରୁଟି ବ୍ୟତୀତ ଅଣ୍ଡା, ମାଛ, ମାଂସ, ଫଳ ଆଦି ଯେଉଁ ପୁଷ୍ଟିକର ଖାଦ୍ୟ ଖାଉଥିଲେ ଏବେ ଏହି ଖାଦ୍ୟ ସେତେଟା ଖାଉ ନାହାନ୍ତି। ଯେଉଁମାନେ ଏଭଳି ନୀତି ବା ଯୋଜନା ତିଆରି କରୁଛନ୍ତି ସେମାନେ କରୋନା ମହାମାରୀର ପ୍ରଭାବ ବାବଦରେ ଅବଗତ ହେବା ଦରକାର। ମହିଳାଙ୍କ କ୍ଷେତ୍ରରେ ଯେଉଁ ନ୍ୟୁଟ୍ରିସନ ଅଭାବ ରହିଛି ତାକୁ ଠିକ୍ ଭାବରେ ପରଖି ଯୋଜନା ତିଆରି କରିପାରିଲେ ଆବଶ୍ୟକ ନ୍ୟୁଟ୍ରିସନ ପାଇପାରୁନଥିବା ମହିଳା ଉପକୃତ ହୋଇପାରନ୍ତେ ବୋଲି ଗବେଷକ କହିଛନ୍ତି।

# ଖୁବ୍‌ଶୀଘ୍ର ଛୋଟ ପିଲାଙ୍କୁ ଟିକାକରଣ

**ନୂଆଦିଲ୍ଲୀ :** ମହାମାରୀ କରୋନା ସଂକ୍ରମଣ ଭିତରେ ଭଲ ଖବର ସାମ୍ନାକୁ ଆସିଛି। ଆସନ୍ତା ମାସରୁ ଦେଶରେ ୧୮ରୁ କମ ବୟସ୍କ ପିଲାମାନଙ୍କୁ କରୋନାର ସୁରକ୍ଷା କବଚ କୁହାଯାଉଥିବା ଟିକା ଦିଆଯାଇପାରେ। ଏ ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭୀୟ ସୂଚନା ଦେଇଛନ୍ତି। ବିଜେପିର ସଂସଦୀୟ ଦଳର ବୈଠକରେ ଶ୍ରୀ ମାଣ୍ଡଭିୟ କହିଛନ୍ତି, ସରକାର ଆସନ୍ତା ମାସରୁ ଛୋଟ ପିଲାମାନଙ୍କର ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିପାରନ୍ତି। ଏଥିପାଇଁ ସମସ୍ତଙ୍କୁ ପ୍ରସ୍ତୁତ ରହିବାକୁ ହେବ। ସେହିପରି ଭାରତ ବିଶ୍ୱର ସବୁଠାରୁ ଅଧିକ ଟିକା ଉତ୍ପାଦନକାରୀ ରାଷ୍ଟ୍ରରେ ଖୁବ୍‌ଶୀଘ୍ର ପରିଣତ ହେବାକୁ ଯାଉଛି। କାରଣ ଦେଶରେ ଟିକା ଉତ୍ପାଦନ କରିବା ପାଇଁ ଅଧିକରୁ ଅଧିକ ସଂଖ୍ୟକ କମ୍ପାନୀକୁ ଲାଇସେନ୍ସ ପ୍ରଦାନ କରାଯିବ। ଲାଇସେନ୍ସ ପାଇବା ପରେ ସେମାନେ ଦେଶରେ ଉତ୍ପାଦନ ଆରମ୍ଭ କରିବେ ବୋଲି ମଧ୍ୟ ସେ କହିଛନ୍ତି। ଯଦି ଏପରି ହେବ, ତା'ହେଲେ



କରୋନାର ସଂକ୍ରମଣ ଚେନ୍‌କୁ ଭାଙ୍ଗିବା ଦିଗରେ ଏହା ଏକ ବଡ ପଦକ୍ଷେପ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଅନ୍ୟପକ୍ଷରେ ଆଜି ସ୍ୱାସ୍ଥ୍ୟ ମନ୍ତ୍ରାଳୟରୁ ଅନୁଷ୍ଠିତ ନିୟମିତ ସାମ୍ବାଦିକ ସମ୍ମିଳନୀରେ ଦେଶର କରୋନା ସ୍ଥିତି ସମ୍ପର୍କରେ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଛନ୍ତି, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସଂକ୍ରମଣ ବଢୁଥିବାରୁ ସମସ୍ତଙ୍କ ଚିନ୍ତା ବଢ଼ିଛି। ଏଯାଏ ମହାମାରୀର ପ୍ରଭାବ ଶେଷ ହୋଇନାହିଁ। ଦେଶରୁ କରୋନାର ଦ୍ୱିତୀୟ ଲହର ସରିନାହିଁ। ଦେଶର ୫୪ଟି ଜିଲ୍ଲାରେ ଏବେ ବି ପଜିଟିଭିଟ୍ ହାର ୧୦% ଉପରେ ରହୁଛି। ୧୨ଟି ରାଜ୍ୟରେ ଏହି ୫୪ଟି ଜିଲ୍ଲା ରହିଛି। ଗତ ସପ୍ତାହରେ ୪୬ଟି ଜିଲ୍ଲାରେ ପଜିଟିଭିଟି ହାର ୧୦% ଉପରେ ରହିଥିଲା। ୨୨ଟି ଜିଲ୍ଲାରେ ଦୈନିକ ସଂକ୍ରମଣ ଓ ପଜିଟିଭିଟି ହାର କ୍ରମାଗତ ବଢୁଛି। ସଂକ୍ରମଣର ସ୍ତର ହ୍ରାସ ପାଇବା ପ୍ରକ୍ରିୟା ବର୍ତ୍ତମାନ ଧୀମା ହୋଇଯିବା ଚିନ୍ତାର ବିଷୟ। ଦେଶର ଏମିତି ୬୨ଟି ଜିଲ୍ଲା ରହିଛି, ଯେଉଁଠାରେ ଏବେ ଦୈନିକ ୧୦୦ରୁ ଅଧିକ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏହି ନୂଆ ଆକ୍ରାନ୍ତମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସୀମିତ ଅଞ୍ଚଳ ମଧ୍ୟରୁ ଠାବ କରାଯାଉଛି। ତେଣୁ ସେଠାରେ ଆଇସୋଲେସନ ଓ ଟେଷ୍ଟିଂ ବ୍ୟବସ୍ଥାକୁ ଜୋରଦାର କରିବାକୁ ଶ୍ରୀ ଅଗ୍ରୱାଲ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, କିଛି ଜିଲ୍ଲାକୁ ଛାଡି ଦେଲେ ବାକି ସ୍ଥାନରେ ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିଛି। କ୍ରମାଗତ ଭାବେ ସକ୍ରିୟ ମାମଲା ହ୍ରାସ ପାଉଛି। ମେ' ୧୧ ପରଠାରୁ ସାପ୍ତାହିକ ସଂକ୍ରମଣ ମଧ୍ୟ ହ୍ରାସ ପାଇଛି।

## ପୁଣି ମାସ୍କ ଅନିର୍ବାର୍ଯ୍ୟ

**ନ୍ୟୁୟର୍କ :** ଆମେରିକାରେ ପୁଣିଥରେ କରୋନାର କୋପ ଦେଖିବାକୁ ମିଳିଛି। ଆମେରିକାରେ ପୁଣି ସଂକ୍ରମିତ ବଢୁଥିବା ଜଣାପଡିଛି। ସଂକ୍ରମିତ ସଂଖ୍ୟା ବଢୁଥିବା ଦେଖି ଦେଶରେ ପୁଣି ମାସ୍କ ପିନ୍ଧିବା ଅନିର୍ବାର୍ଯ୍ୟ ହୋଇଛି। ନିକଟରେ ସଂକ୍ରମଣ କମିବା ପରେ ମାସ୍କ ପିନ୍ଧିବା ନେଇ କଟକଣା ହଟାଇଥିଲେ ଆମେରିକାର ବାଇଡେନ ସରକାର। ଆମେରିକାରେ କରୋନା ସଂକ୍ରମଣ ବଢ଼ିବା ପଛରେ ଡେଲଟା ଭାରିଆଣ୍ଟ ବୋଲି ଜଣାପଡ଼ିଛି। ଏଠାରେ ପ୍ରତି ଲକ୍ଷେରେ ୧୦୦ ରୁ ଅଧିକ ସଂକ୍ରମିତ ରହିଥିବା ଜଣାପଡ଼ିଛି। ଆମେରିକାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ୍ ପ୍ରଭିନେସନ ଡିରେକ୍ଟର ରୋଚେଲ ଭାଲେନସ୍କି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଟିକା ପ୍ରଭାବଶାଳୀ କିନ୍ତୁ କରୋନାର ଡେଲଟା ଭାରିଆଣ୍ଟ କାରଣରୁ ଅଧିକ ସଂକ୍ରମଣ ହେବାର ଆଶଙ୍କା ବଢିଛି। ଯେଉଁଠି ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହିଛି ସେଠାରେ ଟିକାର ଉଭୟ ଡୋଜ ନେଇଥିବା ଲୋକେ ମାସ୍କ ପିନ୍ଧିବା ଦରକାର ବୋଲି ରୋଚେଲ କହିଛନ୍ତି। ସିଡିସିର ତଥ୍ୟ ଅନୁଯାୟୀ ଦକ୍ଷିଣ ଆମେରିକାରେ ଏବେ ସର୍ବାଧିକ ସଂଖ୍ୟକ ସଂକ୍ରମଣ ଦେଖିବାକୁ ମିଳିଛି। ତେବେ, ଉତ୍ତର-ପୂର୍ବରେ ଅଧିକାଂଶ ସ୍ଥାନରେ ଟିକାକରଣ କରାଯାଇଛି। ତେଣୁ ଏହି ସମସ୍ତ ଅଞ୍ଚଳରେ ଏଯାବତ କରୋନା ସଂକ୍ରମିତ ସେତେ ଅଧିକ ନାହାନ୍ତି। ସିଡିସି ପକ୍ଷରୁ ହୋଇଥିବା ଗବେଷଣାରେ କୁହାଯାଇଛି ଯେ ଟିକାକରଣ ପରେ ବି ଅଧିକାଂଶ ଲୋକ ସଂକ୍ରମିତ ହେଉଛନ୍ତି। ତେଣୁ ଟିକା ନେବା ପରେ ବି ସଂକ୍ରମିତ ହେଲେ ସେମାନଙ୍କ ପାଖରେ ଭାଇରସର କେସ୍ ଲୋଡ୍ ଟିକା ନନେଇଥିବା ବ୍ୟକ୍ତି ସଂକ୍ରମିତ ହେବା ସହିତ ପ୍ରାୟତଃ ସମାନ। ତେଣୁ ଟିକାର ଉଭୟ ଡୋଜ ନେଇଥିବା ଲୋକମାନେ ଅନ୍ୟ ଲୋକଙ୍କୁ ମଧ୍ୟ ସଂକ୍ରମିତ କରିପାରିବେ ବୋଲି ସିଡିସି କହିଛି। ସୂଚନାଯୋଗ୍ୟ, ମେ ମାସରେ ଆମେରିକା ସରକାର କହିଥିଲେ ଯେଉଁମାନେ ଟିକାର ଉଭୟ ଡୋଜ ନେଇଛନ୍ତି ସେମାନେ ମାସ୍କ ନପିନ୍ଧିଲେ ଚଳିବ। ମାସ୍କ ବାଧ୍ୟତାମୂଳକ ନୁହେଁ ବରଂ ଇଚ୍ଛାଧୀନ। ହେଲେ ଇନଡୋର ସମାବେଶରେ ଯଦି ଗହଳି ରହିଛି, ପବ୍ଲିକ ଟ୍ରାନ୍ସପୋର୍ଟ କିମ୍ବା ହସ୍ପିଟାଲ ଯିବା ବେଳେ ମାସ୍କ ପିନ୍ଧିବା ଦରକାର ବୋଲି ଆମେରିକା ସରକାର ଲୋକଙ୍କୁ କହିଥିଲେ।

# ବ୍ୟାଙ୍କ ବୁଡିଲେ ୯୦ ଦିନରେ ମିଳିବ ଜମାକାରୀଙ୍କ ଟଙ୍କା

**ନୂଆଦିଲ୍ଲୀ :** ଯଦି କୌଣସି କାରଣରୁ ବ୍ୟାଙ୍କ ବୁଡି ଯାଉଥିବ କିମ୍ବା କଟକଣା ଲାଗୁ ହେଉଥିବ, ତା'ହେଲେ ଜମାକାରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡିବନାହିଁ। ଗ୍ରାହକଙ୍କ ପାଇଁ ମୋଦି ସରକାର ଖୁସି ଖବର ଆଣିଛନ୍ତି। ଯଦି କୌଣସି କାରଣରୁ ବ୍ୟାଙ୍କ ଗୁଡିକ ବନ୍ଦ ହୋଇଯାଏ କିମ୍ବା ଆର୍ଥିକ ସମସ୍ୟାରେ ଫସେ, ତା'ହେଲେ ଗ୍ରାହକଙ୍କୁ ୯୦ଦିନ ମଧ୍ୟରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ରାଶି ମିଳିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ଡିଆଇସିଜିସି ଆଇନ ୧୯୬୧ରେ ପରିବର୍ତ୍ତନ କରିଛି। ଏ ସଂକ୍ରାନ୍ତ ବିଲ୍‌କୁ କ୍ୟାବିନେଟ୍ ଅନୁମୋଦନ ଦେଇଥିବା ବେଳେ ସଂସଦର ମୌସୁମୀ ଅଧିବେଶନରେ ଉପସ୍ଥାପନ କରାଯିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ପ୍ରସ୍ତାବିତ ବିଧେୟକ ସମସ୍ତ ସରକାରୀ ଘରୋଇ, ଗ୍ରାମ୍ୟ ଉନ୍ନୟନ ଓ ଏପରିକି ଭାରତରେ ବ୍ରାଞ୍ଚ ଖୋଲିଥିବା ବିଦେଶୀ ବ୍ୟାଙ୍କ ଗୁଡିକ ପାଇଁ ଲାଗୁ ହେବ। ଯଦି କୌଣସି ବ୍ୟାଙ୍କ ଆର୍ଥିକ ସମସ୍ୟାରେ ଫସିବେ କିମ୍ବା ଏହା ଉପରେ ଆରବିଆଇ କଟକଣା



ଲଗାଇବ, ତା'ହେଲେ ଜମାକାରୀଙ୍କୁ ୫ଲକ୍ଷ ଟଙ୍କା ଯାଏ ବୀମା ମିଳିବ। ଜମା ଓ ସୁଧକୁ ମିଶାଇ ୫ଲକ୍ଷ ଟଙ୍କା ହେଉଥିଲେ, ଏହି ସୁବିଧା ମିଳିବ। ଏହାଦ୍ୱାରା ଦେଶର ୯୮.୩% ବ୍ୟାଙ୍କ ଗ୍ରାହକ ସେମାନଙ୍କ ଜମା ଟଙ୍କାର ସୁରକ୍ଷା ପାଇପାରିବେ। ସାଧାରଣତଃ ବ୍ୟାଙ୍କ ବୁଡିଗଲେ ସବୁ ପ୍ରକାରର କାର୍ଯ୍ୟକ୍ରମ ଶେଷ କରି ଲୋକଙ୍କୁ ଟଙ୍କା ଦେବାକୁ ୮ ରୁ ୧୦ ବର୍ଷ ସମୟ ଲାଗୁଥିଲା। କିନ୍ତୁ ଏବେ ମୋରାଟିୟମ ଲାଗୁ ହେବାର ୯୦ଦିନ ମଧ୍ୟରେ ଜମାକାରୀଙ୍କୁ ୫ଲକ୍ଷ ଟଙ୍କା ଯାଏ ବୀମା ରାଶି ମିଳିବ। ମୋରାଟରିୟମ ଲାଗୁ ହେବାର ପ୍ରଥମ ୪୫ଦିନ ମଧ୍ୟରେ ବ୍ୟାଙ୍କ ପକ୍ଷରୁ ସବୁ କିଛି ବୀମା କମ୍ପାନୀକୁ ହ୍ୟାଣ୍ଡଓଭର କରିବାକୁ ପଡିବ। ଏହାର ୪୫ଦିନ ପରେ ଜମାକାରୀଙ୍କୁ ସେମାନଙ୍କ ବୀମା ଅର୍ଥ ମିଳିଯିବ। ବ୍ୟାଙ୍କ ସମସ୍ୟା ସହ ଗ୍ରାହକଙ୍କ କୌଣସି ସମ୍ପର୍କ ରହିବ ନାହିଁ ବୋଲି ସେ କହିଛନ୍ତି। ପୂର୍ବରୁ ୧ଲକ୍ଷ ଟଙ୍କା ଯାଏ ଜମା ରାଶି ଉପରେ ବୀମା ମିଳୁଥିଲା। ତେବେ ଚଳିତ ବର୍ଷ ବଜେଟ୍ ଉପସ୍ଥାପନ ବେଳେ ଏହାକୁ ୫ଲକ୍ଷ ଟଙ୍କା ଯାଏ ବୃଦ୍ଧି କରାଯାଇଥିଲା। ଏବେ ଏହି ଅର୍ଥକୁ ୯୦ଦିନ ମଧ୍ୟରେ ଜମାକାରୀଙ୍କୁ ଦେବାକୁ ନିଷ୍ପତ୍ତି ହୋଇଛି।

# ୪ ହଜାର ପଡା ହେବ ରାଜସ୍ୱ ଗାଁ



**ଭୁବନେଶ୍ୱର :** ପଡା ଗ୍ରାମ ପାଇବ ରାଜସ୍ୱ ଗ୍ରାମର ମାନ୍ୟତା। ରାଜ୍ୟର ପ୍ରାୟ ରାଜ୍ୟର ୪ ହଜାର ପଡା ଓ ଜନବସତିକୁ ରାଜସ୍ୱ ଗାଁର ମାନ୍ୟତା ମିଳିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆବଶ୍ୟକ ଅନୁମତି ଦେବା ସହ ପ୍ରଚଳିତ ନିୟମରେ ସରଳୀକରଣ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନୁମତି ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଏହି ପଡା ଗାଁକୁ ରାଜସ୍ୱ ମାନ୍ୟତା ଦେବା ନିମନ୍ତେ ଥିବା ଗାଇଡଲାଇନକୁ ପାଳନ କରି ଆବଶ୍ୟକ ପଦକ୍ଷେପ ନେବାକୁ ଚିଠିରେ ଲେଖାଯାଇଛି। ବିଭାଗ ପକ୍ଷରୁ ଜାରି ନୂଆ ଗାଇଡଲାଇନ ଅନୁସାରେ ମୂଳ ରାଜସ୍ୱ ଗାଁଠୁ ୫୦୦ ମିଟରରୁ ଅଧିକ ଦୂରରେ ଥିବା ୨୫୦ କିମ୍ବା ତଦୁର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ପଡା ବା ବସତିଗୁଡିକୁ ନୂଆ ରାଜସ୍ୱ ଗାଁ ଭାବେ ଘୋଷଣା କରାଯିବ। ସେହିପରି ମୂଳ ରାଜସ୍ୱ ଗାଁରୁ ୫୦୦ ମିଟର ମଧ୍ୟରେ ଥିବା ୩୦୦ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ପଡା ବା ଜନବସତିକୁ ନୂଆ ରାଜସ୍ୱ ଗାଁ ଭାବେ ଗ୍ରହଣ କରାଯିବ। ୨୫୦ରୁ କମ୍ ଲୋକସଂଖ୍ୟା ଥିବା ପଡା ଯଦି ପ୍ରାକୃତିକ ଭାବେ ମୂଳ ରାଜସ୍ୱ ଗାଁରୁ ବିଚ୍ଛିନ୍ନ ହୋଇଥିବ ତା'ହେଲେ ସମ୍ପୃକ୍ତ ପଡାକୁ ମଧ୍ୟ ସ୍ୱତନ୍ତ୍ର ଗାଁ ଭାବେ ମାନ୍ୟତା ମିଳିବ। ତେବେ ନୂଆ ରାଜସ୍ୱ ଗାଁ ସୃଷ୍ଟି ବେଳେ ଗୋର ଓ ଗୋଷ୍ଠୀଗତ ଜମିର ସୀମା ସଂରକ୍ଷଣ ଉପରେ ଜୋର ନଦେବାକୁ ନିର୍ଦ୍ଦିଷ୍ଟ ଭାବେ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନୂତନ ଭାବେ ସୃଷ୍ଟି ହେଉଥିବା ଗାଁର ବାସିନ୍ଦାମାନେ ମୂଳ ଗାଁରେ ଥିବା ଗୋଚର ଓ ଗୋଷ୍ଠୀଗତ ଜମିକୁ ବ୍ୟବହାର କରିପାରିବେ ଓ ଏହା ଉଭୟ ଗାଁର ସାଧାରଣ ସମ୍ପତ୍ତି ଭାବେ ବିବେଚିତ ହେବ। ଜମି ବନ୍ଦୋବସ୍ତ ଓ ଚକବନ୍ଦୀ କାର୍ଯ୍ୟ ସମୟରେ ଜମି ସଂରକ୍ଷଣ ବାବଦରେ ବହୁ ପୂର୍ବରୁ ଜାରି କେତେକ ପ୍ରଶାସନିକ ନିର୍ଦ୍ଦେଶନାମାକୁ କ୍ଷେତ୍ରୀୟ ଅଧିକାରୀମାନେ ସଠିକ୍ ଭାବେ ବୁଝି ପାରୁନଥିବାରୁ ନୂଆ ରାଜସ୍ୱ ଗାଁ ସୃଷ୍ଟି ହେବାରେ ବାଧା ଉପୁଜୁଥିଲା। ଗୋଚର ଓ ଗୋଷ୍ଠୀଗତ ଜମି ଅଭାବରୁ ଅଧିକାଂଶ ପ୍ରସ୍ତାବ ବିଚାରକୁ ନିଆଯାଇ ପାରୁ ନଥିଲା ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ନୂଆ ରାଜସ୍ୱ ଗାଁ ସୃଷ୍ଟି ପାଇଁ ବିଧାନସଭା ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଛି।

# ଅକ୍ଟୋବରରୁ ବାଘ ଗଣନା

**ଭୁବନେଶ୍ୱର:** ଏ ବର୍ଷ ଶୀତ ଋତୁରେ ହେବ ବାଘ ଗଣନା। ୪ରୁ ୫ ମାସ ଧରି ୪ଟି ପର୍ଯ୍ୟାୟରେ ଓଡ଼ିଶାରେ ବାଘ ଗଣନା କରାଯିବ। ପୂର୍ବଥର ପରି ଏଥର ମଧ୍ୟ କ୍ୟାମେରା ଟ୍ରାପ୍ ପଦ୍ଧତି ବ୍ୟବହାର ହେବ। ପ୍ରଥମ ଓ ତୃତୀୟ ପର୍ଯ୍ୟାୟ ଗଣନା ରାଜ୍ୟ ଜଙ୍ଗଲ ବିଭାଗ କରିବାକୁ ଥିବା ବେଳେ ଦ୍ୱିତୀୟ ଓ ଚତୁର୍ଥ ପର୍ଯ୍ୟାୟ ଗଣନା ଏନ୍‌ଟିସିଏ (ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ) କରିବ। ଆସନ୍ତା ଅକ୍ଟୋବରରୁ ଏହି ଗଣନା ଆରମ୍ଭ ହେବାକୁ ଥିବାବେଳେ ଏଥିପାଇଁ ଏବେଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ବାଘ ଗଣନା ଲାଗି ଜଙ୍ଗଲ ବିଭାଗ ଇତିମଧ୍ୟରେ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତି ଦେଇଛି। ଏନ୍‌ଟିସିଏ ପକ୍ଷରୁ ଖୁବ୍‌ଶୀଘ୍ର ରାଜ୍ୟର ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ଦିଆଯିବ। ଏହାପରେ ସେପ୍ଟେମ୍ବର ସୁଦ୍ଧା ରାଜ୍ୟର ବିଭିନ୍ନ ବନଖଣ୍ଡରେ ଥିବା କର୍ମଚାରୀଙ୍କୁ ତାଲିମ ଦେବାକୁ ଜଙ୍ଗଲ ବିଭାଗ ଯୋଜନା ପ୍ରସ୍ତୁତ କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି; ଏଥର ଅଧିକ ୫ରୁ ୭ଟି ବନଖଣ୍ଡରେ ବାଘ ଗଣନା କରିବାକୁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିବା ସହ ଏନ୍‌ଟିସିଏକୁ ପ୍ରସ୍ତାବ ପଠାଇଛନ୍ତି। ୨୦୧୮ ଗଣନା ବେଳେ ରାଜ୍ୟର ୧୫ଟି ବନଖଣ୍ଡକୁ ସାମିଲ କରାଯାଇଥିଲା। ମାତ୍ର ଏଥର ୨୦ରୁ ୨୨ଟି ବନଖଣ୍ଡରେ ଗଣନା କରିବାକୁ ଲକ୍ଷ୍ୟ ରଖାଯାଇଛି। କେତେକ ବନଖଣ୍ଡରେ ବାଘ ଚଳପ୍ରଚଳ ହେଉଥିବା ନଜରକୁ ଆସିଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ବାଘ ଗଣନା ପାଇଁ ଜଙ୍ଗଲ ବିଭାଗ ଓ ଏନ୍‌ଟିସିଏ ମଧ୍ୟରେ ପ୍ରଥମ ବୈଠକ ସରିଛି। ଜଙ୍ଗଲ ବିଭାଗ ପଖରେ ଏବେ ପାଖାପାଖି ୧୨୦୦ କ୍ୟାମେରା ରହିଛି। ଆବଶ୍ୟକ ପଡ଼ିଲେ ଆଉ କିଣାଯିବ ବୋଲି ପିସିସିଏଫ୍(ବନ୍ୟପ୍ରାଣୀ) ଶଶୀ ପଲ୍ କହିଛନ୍ତି।



ଶ୍ରୀ ପଲ୍ କହିଛନ୍ତି ଯେ ବାଘ ଗଣନା ପାଇଁ ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି। ସେପ୍ଟେମ୍ବର ସୁଦ୍ଧା ମାଷ୍ଟର ଟ୍ରେନରଙ୍କ ସହ ବନ କର୍ମଚାରୀ ଓ ଅଧିକାରୀଙ୍କ କର୍ମଶାଳା କରାଯାଇ ତାଲିମ ଦିଆଯିବ। ଅକ୍ଟୋବରରୁ ପ୍ରଥମ ପର୍ଯ୍ୟାୟ ତଥ୍ୟ ସଂଗ୍ରହ ଆରମ୍ଭ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପକ୍ଷରୁ ଜିଆଇଏସ୍‌ର ତଥ୍ୟ ଅନୁଯାୟୀ କେଉଁଠାରେ କେତେ ଘନତା ବିଶିଷ୍ଟ ଜଙ୍ଗଲ ଓ ତୃଣଭୋଜି ପ୍ରାଣୀ ଅଛନ୍ତି ସେସବୁକୁ ଚିହ୍ନଟ କରାଯିବ। ଶେଷ ପର୍ଯ୍ୟାୟରେ କ୍ୟାମେରା ଟ୍ରାପ୍ ପାଇଁ ବିଭିନ୍ନ ସ୍ଥାନରେ କ୍ୟାମେରା ଲଗାଯିବ। ଜାନୁଆରି ଶେଷ ସୁଦ୍ଧା ବିଭିଡ ବନା ଳ ଦ୍ୱାରା ସମ୍ପୃକ୍ତ ଅଞ୍ଚଳର କ୍ୟାମେରା ତଥ୍ୟକୁ ବିଶ୍ଳେଷଣ ପାଇଁ ଦାଖଲ କରିବାକୁ ହେବ। ସାଇନ୍ ସର୍ଭେ, ପଗ୍ ମାର୍କ (ପାଦ ଚିହ୍ନ) ଓ କ୍ୟାମେରା ଟ୍ରାପ୍ ଦ୍ୱାରା ବାଘ ଗଣନା କରାଯିବ। ବାଘ ଗଣନାକୁ ତ୍ରୁଟିଶୂନ୍ୟ କରିବା ପାଇଁ ଆମେ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ବ୍ୟବହାର କରିବୁ। ୨୦୧୮ ଗଣନା ବେଳେ ପ୍ରଥମ ଥର ପାଇଁ ଏହି ଆପ୍ଲିକେସନ୍ ବ୍ୟବହାର କରାଯାଇଥିଲା।

## ସ୍ୱେରେଜ ବୋର୍ଡ କର୍ମଚାରୀଙ୍କ ଅବସର ବୟସ ୬୦: ହାଇକୋର୍ଟ



**କଟକ:** ସରକାରୀ କର୍ମଚାରୀଙ୍କ ଭଳି ସ୍ୱେରେଜ ବୋର୍ଡ କର୍ମଚାରୀ ୬୦ ବର୍ଷ ବୟସରେ ଅବସର ଗ୍ରହଣ କରିବା ସପକ୍ଷରେ ହାଇକୋର୍ଟ ରାୟ ଦେଇଛନ୍ତି। ୫୮ ବର୍ଷ ବୟସରେ ଅବସର ଗ୍ରହଣ ପାଇଁ ଆବେଦନକାରୀ କର୍ମଚାରୀଙ୍କୁ ସ୍ୱେରେଜ ବୋର୍ଡ ପକ୍ଷରୁ ୨୦୧୯ରେ ଜାରି କରାଯାଇଥିବା ନୋଟିସକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଆବେଦନକାରୀଙ୍କ ଅବସର ବୟସ ୬୦ ବର୍ଷ ବୋଲି ଗ୍ରହଣ କରାଯାଇ ତାଙ୍କ ଦରମା ଓ ଅନ୍ୟାନ୍ୟ ପ୍ରାପ୍ୟ ଆଇନ ଅନୁସାରେ ୪ ମାସ ଭିତରେ ପୁନଃ ନିର୍ଦ୍ଧାରଣ କରାଯିବ। ଏ ବାବଦ ଅର୍ଥ ୭ ପ୍ରତିଶତ ସୁଧ ସହିତ ଆବେଦନକାରୀଙ୍କୁ ପ୍ରଦାନ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡକ୍ଟର ଜଷ୍ଟିସ ବିଆର ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଶୋକ କୁମାର ଦାଶ ଓ ଅନ୍ୟମାନଙ୍କ ଆବେଦନର ଏକତ୍ର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଆବେଦନକାରୀମାନେ ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ ଅଧୀନରେ ବରିଷ୍ଠ ଷ୍ଟେନୋଗ୍ରାଫର୍, ରିସେପ୍‌ସନିଷ୍ଟ୍ ଓ ସିନିୟର୍ ଏକଜିକ୍ୟୁଟିଭ୍ ଆସିଷ୍ଟା ଭାବେ କାର୍ଯ୍ୟ କରୁଥିବାବେଳେ ୨୦୧୯, ମାର୍ଚ୍ଚ ୨୯ରେ ସେମାନଙ୍କୁ ୫୮ ବର୍ଷ ବୟସରେ ଅବସର ଗ୍ରହଣ ପାଇଁ ନୋଟିସ୍ ଜାରି କରାଯାଇଥିଲା। ଓଡ଼ିଶା ୱାଟର ସପ୍ଲାଏ ଆଣ୍ଡ ସ୍ୱେରେଜ ବୋର୍ଡ ଆଇନ, ୧୯୯୧ ଅନୁସାରେ ସ୍ୱେରେଜ ବୋର୍ଡ ଗଠନ କରାଯାଇଥିବା ବେଳେ ବୋର୍ଡର କର୍ମଚାରୀଙ୍କ ଚାକିରି ପ୍ରସଂଗ ନେଇ କେଣସି ସ୍ୱତନ୍ତ୍ର ନିୟମାବଳୀ ପ୍ରଣୟନ କରାଯାଇ ନଥିଲା। ବୋର୍ଡର କର୍ମଚାରୀ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସହିତ ସମାନ ଭାବେ ଦରମା ଓ ଅନ୍ୟାନ୍ୟ ପ୍ରାପ୍ୟ ପାଇଥିଲେ। ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ପାଇଁ ରହିଥିବା ନିୟମାବଳୀ ବୋର୍ଡ କର୍ମଚାରୀଙ୍କ ପାଇଁ ମଧ୍ୟ ଲାଗୁ ହୋଇଥିଲା। ୨୦୧୪, ଜୁନ୍ ୨୮ରେ ରାଜ୍ୟର ସରକାରୀ କର୍ମଚାରୀଙ୍କ ଅବସର ବୟସ ସୀମା ୫୮ରୁ ୬୦ ବର୍ଷକୁ ବୃଦ୍ଧି କରାଯାଇଥିଲା। ୨୦୧୪, ଅଗଷ୍ଟ ୨୬ରେ ବୋର୍ଡ ପକ୍ଷରୁ କର୍ମଚାରୀଙ୍କ ଅବସର ବୟସ ୬୦ ବର୍ଷକୁ ବୃଦ୍ଧି ପ୍ରସଙ୍ଗରେ ସରକାରଙ୍କୁ ଚିଠି ଲେଖାଯାଇଥିଲା। ୨୦୧୫, ମାର୍ଚ୍ଚ ୨୩ରେ ସ୍ୱେରେଜ ବୋର୍ଡ ବୈଠକରେ କର୍ମଚାରୀଙ୍କ ଅବସର ବୟସ ତୁରନ୍ତ ୬୦ ବର୍ଷକୁ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯିବା ସହିତ ସରକାରଙ୍କୁ ଏ ସଂପର୍କିତ ପ୍ରସ୍ତାବ ପଠାଯାଇଥିଲା। ଅବସର ବୟସ ୬୦ ବର୍ଷକୁ ବୃଦ୍ଧି ଯୋଗୁଁ ପଡ଼ିବାକୁ ଥିବା ଆର୍ଥିକ ପ୍ରଭାବ ସଂକ୍ରାନ୍ତରେ ଅର୍ଥ ବିଭାଗ ୨୦୧୯, ଅଗଷ୍ଟ ୨ରେ ସ୍ପଷ୍ଟୀକରଣ ଲୋଡ଼ିଥିବାବେଳେ ବୋର୍ଡ ପକ୍ଷରୁ ଉତ୍ତର ଦାଖଲ କରାଯାଇଥିଲା। ଅବସର ବୟସ ସୀମା ୬୦କୁ ବୃଦ୍ଧି ପ୍ରସଙ୍ଗ ବିଚାରାଧୀନ ଥିବାବେଳେ ସ୍ୱେରେଜ ବୋର୍ଡ ପକ୍ଷରୁ ୫୮ ବର୍ଷ ବୟସ ପୂରଣ କରୁଥିବା ଆବେଦନକାରୀଙ୍କୁ ଅବସର ଗ୍ରହଣ ପାଇଁ ନୋଟିସ୍ ଜାରି କରାଯାଇଥିଲା। ଏଭଳି ନୋଟିସକୁ ବେଆଇନ ଦର୍ଶାଇ ହାଇକୋର୍ଟରେ ପୃଥକ ମାମଲା ଦାୟର ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଡିଆର୍ ପଟ୍ଟନାୟକ ଓ ଏନ୍ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ।

# ତୃତୀୟ ଲହର ପାଇଁ ପ୍ରସ୍ତୁତି ଆରମ୍ଭ

**ଭୁବନେଶ୍ୱର:** ଦେଶରେ କରୋନାର ତୃତୀୟ ଲହରକୁ ନେଇ ଅନେକ ଆକଳନ କରାଯାଉଛି। ଓଡ଼ିଶାକୁ ନିର୍ଦ୍ଦିଷ୍ଟ ଭାବେ ତୃତୀୟ ଲହର କେବେ ଆସିବ ତାହା ଏ ପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ତଥାପି କରୋନାର ଦ୍ୱିତୀୟ ଲହର ଯେଉଁଭଳି ଭାବେ ପ୍ରଭାବ ବିସ୍ତାର କଲା, ତାହା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ତେଣୁ ତୃତୀୟ ଲହର ଆସୁ କି ନ ଆସୁ ଏଥିପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ରହିବା ଲାଗି ରାଜ୍ୟ ସରକାର ଆଗୁଆ ଯୋଜନା ଆରମ୍ଭ କରିଛନ୍ତି। ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠାଠାରୁ ଆରମ୍ଭ କରି ଶିଶୁଙ୍କ ପାଇଁ ଆଇସିୟୁ ଓ ଔଷଧ ମହଜୁଦ ରଖିବା ଲାଗି ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ତୃତୀୟ ଲହର ପାଇଁ କେନ୍ଦ୍ର ସରକାର ୮ଟି ଔଷଧକୁ ମହଜୁଦ ରଖିବା ଲାଗି ଗାଇଡଲାଇନ୍ ଜାରି କରିଛନ୍ତି। ଏଥିପାଇଁ ରାଜ୍ୟ ଔଷଧ ନିଗମକ ପକ୍ଷରୁ ଏସବୁ ଔଷଧକୁ କିଣିବା ଲାଗି ପଦକ୍ଷେପ ନିଆଯାଇଛି। ଏହାସହ ନିର୍ଦ୍ଦିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁରୋଗ ଆଇସିୟୁ ସହିତ ଅକ୍ସିଜେନ୍ ଓ ୨୦-୩୦ ଶଯ୍ୟାର ବ୍ୟବସ୍ଥା କରାଯାଉଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ରାଜ୍ୟ ସରକାର ଜରୁରୀକାଳୀନ କୋଭିଡ ରେସପନ୍ସ ପ୍ୟାକେଜ୍(ଇସିଆରପି)ରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ୟାକେଜ୍‌ରେ ଡାଏଗ୍ନୋଷ୍ଟିକ କେନ୍ଦ୍ର, ଟେଲିମେଡିସିନ୍ ହବ୍, ଗୁରୁତର ରୋଗୀଙ୍କ ଗମନାଗମନ, କୋଭିଡ କେୟାର ସେଣ୍ଟର ସହିତ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଆଇସିୟୁ ଓ ଅକ୍ସିଜେନ୍ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ୬୦:୪୦ ଅନୁପାତରେ ଟଙ୍କା ଖର୍ଚ୍ଚ କରିବେ। ରାଜ୍ୟ ସରକାର ସମୁଦାୟ ୮୬୧.୯୬ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଥିବା ବେଳେ ଏଥିରେ କେନ୍ଦ୍ର ସରକାରଙ୍କ



୫୧୭.୧୮ କୋଟି ଓ ରାଜ୍ୟ ସରକାରଙ୍କ ୩୪୪.୭୮ କୋଟି ଅଂଶ ରହିଛି। ନିକଟରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରତ୍ୟେକ ଜିଲ୍ଲାରେ ଏକ ଆରଟି-ପିସିଆର ଲ୍ୟାବ୍ ପ୍ରତିଷ୍ଠା କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହାସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତରଳ ମେଡିକାଲ ଅକ୍ସିଜେନ୍(ଏଲଏମ୍‌ଓ) ସହ ମେଡିକାଲ ଗ୍ୟାସ୍ ପାଇପଲାଇନ୍ ବ୍ୟବସ୍ଥା ଓ ଯେତିକି ଆଇସିୟୁ ଶଯ୍ୟା ସହିତ ଅତିରିକ୍ତ ଆଇସିୟୁ ଶଯ୍ୟା ମଧ୍ୟ ପ୍ରତିଷ୍ଠା କରାଯିବ। ତୃଣମୂଳସ୍ତରରେ ମଧ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ଏଥିପାଇଁ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବା ସିଏଚ୍‌ସି ସ୍ତରରେ ୨୦ଶଯ୍ୟା ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ବା ପିଏଚ୍‌ସିରେ ୬ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟରର ମଧ୍ୟ ବ୍ୟବସ୍ଥା ରହିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୁଇଟି ଏଏଲଏସ୍ ଆମ୍ବୁଲାନ୍ସ ଓ ଉପଖଣ୍ଡ ସ୍ତରୀୟ ଓ ବ୍ଲକ୍ ହସ୍ପିଟାଲରେ ଗୋଟିଏ ଲେଖାଏଁ ଏଏଲଏସ୍ ଆମ୍ବୁଲାନ୍ସ ରଖାଯିବ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟେଲିମେଡିସିନ୍ ଓ କୋଭିଡ କେୟାର ସେଣ୍ଟର ଗୁଡ଼ିକରେ ମଧ୍ୟ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ପୂର୍ବରୁ ରାଜ୍ୟ ସରକାର ତୃତୀୟ ଲହର ପାଇଁ ୩ହଜାର ଶଯ୍ୟା ସହିତ ୬୧୦ କ୍ରିଟିକାଲ ଶଯ୍ୟା ସଂରକ୍ଷିତ ରଖିବା ଲାଗି ନିଷ୍ପତ୍ତି ନେଇଛନ୍ତି। ତୃତୀୟ ଲହରରେ ଶିଶୁମାନେ ଅଧିକ ମାତ୍ରରେ ପ୍ରଭାବିତ ହେବାର ଆଶଙ୍କା ରହିଥିବା କାରଣରୁ କଟକସ୍ଥିତ ଶିଶୁଭବନକୁ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବା ଲାଗି ଉଦ୍ୟମ କରାଯାଉଛି। ଶ୍ୱାସକ୍ରିୟା ଜନିତ ସହାୟତା ପାଇଁ ପ୍ରତିଷ୍ଠା ହେବାକୁ ଥିବା ସିମୁଲେସନ୍ ଲ୍ୟାବ୍ ପ୍ରତିଷ୍ଠା ପାଇଁ ଏକ୍ସପେସନ୍ ଅଫ୍ ଇ ରେଷ୍ଟ(ଇଓଆଇ) ମଗାଯାଇଛି। ଏହାସହ ପିଏମ୍-କେୟାର ପାଣ୍ଠିରେ ରାଜ୍ୟରେ ୩୯ଟି ପିଏସ୍‌ଏ ପ୍ଲାଣ୍ଟ ପ୍ରସ୍ତୁତ ହେବାକୁ ଥିବାବେଳେ ତହିଁରୁ ଏ ପର୍ଯ୍ୟନ୍ତ ୭ଟି କାର୍ଯ୍ୟକ୍ଷମ ହୋଇପାରିଛି। ଚଳିତମାସ ଶେଷ ସୁଦ୍ଧା ଆହୁରି ୧୯ଟି ପିଏସ୍‌ଏ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରିବା ଲାଗି ଲକ୍ଷ୍ୟ ରହିଛି। ବଳକା ୧୩ଟିକୁ ସ୍ୱାଧୀନତା ଦିବସ ପୂର୍ବରୁ କାର୍ଯ୍ୟକ୍ଷମ କରିବା ଲାଗି ଲକ୍ଷ୍ୟ ରହିଛି। ରାଜ୍ୟ ସରକାର ମଧ୍ୟ ଏଭଳି ୨୯ଟି ପ୍ଲାଣ୍ଟ ପ୍ରତିଷ୍ଠା କରିବା ଲାଗି ଯୋଜନା କରିଥିବା ବେଳେ ୨ଟି କାର୍ଯ୍ୟକ୍ଷମ ହୋଇପାରିଛି। ଆସନ୍ତା ସେପ୍ଟେମ୍ବର ମାସ ବେଳକୁ ବଳକା ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ମିଳିଛି।

# ଖୋଲିବ ମେଡିକାଲ କଲେଜ ଓ ଅନ୍ୟ ଶିକ୍ଷାନୁଷ୍ଠାନ

**ଭୁବନେଶ୍ୱର :** ରାଜ୍ୟରେ ଖୋଲିବ ମେଡିକାଲ କଲେଜ ଓ ଅନ୍ୟ ଶିକ୍ଷାନୁଷ୍ଠାନୟ କଡ଼ା କୋଭିଡ୍ ନିୟମ ଅନୁପାଳନରେ ମେଡିକାଲ କଲେଜ ସମେତ ନର୍ସିଂ, ଫାର୍ମାସି, ଫିଜିଓଥେରାପି, ଅକ୍ୟୁପେସନାଲ ଥେରାପି, ଜନସ୍ୱାସ୍ଥ୍ୟ ଓ ଅନ୍ୟ ପାରାମେଡିକାଲ/ଆଲାଏଡ ମେଡିକାଲ ସାଇନ୍ସ ପାଠ୍ୟକ୍ରମକୁ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଡିଏମ୍‌ଇଟିଙ୍କୁ ଚିଠି ଲେଖିଛନ୍ତି। ତେଣୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ହ୍ରାସ ପାଉଛି। ତେଣୁ ମେଡିକାଲ କଲେଜ ସମେତ ଅନ୍ୟ ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଥିଓରି କ୍ଲାସ ଅନଲାଇନ୍‌ରେ ଜାରି ରହିବ। ମାତ୍ର ପ୍ରାକ୍ଟିକାଲ/କ୍ଲିନିକାଲ କ୍ଲାସ୍ ଓ ପରୀକ୍ଷାକୁ ୫୦ ପ୍ରତିଶତ କ୍ଷମତା ସହିତ ସାମାଜିକ ଦୂରତା ରକ୍ଷା କରିବାକୁ ହେବ। ଛାତ୍ରଛାତ୍ରୀମାନଙ୍କୁ ଏଥିପାଇଁ ସେମାନଙ୍କ ଅଭିଭାବକଙ୍କ ଲିଖିତ ଅନୁମତି ପ୍ରଦାନ କରିବେ। ପ୍ରାକ୍ଟିକାଲ ହଲ୍/କ୍ଲିନିକାଲ ୱାର୍ଡରେ ପ୍ରବେଶ ପୂର୍ବରୁ ଛାତ୍ରଛାତ୍ରୀଙ୍କ କୋଭିଡ୍ ଲକ୍ଷଣର ଯାଞ୍ଚ କରାଯିବା ସହିତ କ୍ୟାମ୍ପସରେ ମାସ୍କ, ହାତ ଧୋଇବା, ସାନିଟାଇଜର, ସାମାଜିକ ଦୂରତା ଓ ଗହଳିଠାରୁ ଦୂରେଇ ରହିବା ଜରୁରୀ। ପ୍ରାକ୍ଟିକାଲ ବ୍ୟାଚ୍ ପାଇଁ ସଂପୂର୍ଣ୍ଣ ଟିକା ନେଇଥିବା/ଗୋଟିଏ ଡୋଜ୍ ନେଇଥିବା ଛାତ୍ରଛାତ୍ରୀଙ୍କୁ ଅଲଗା ଅଲଗା ବ୍ୟାଚ୍‌ରେ ରଖିବା ଲାଗି କୁହାଯାଇଛି। ଏହାସହ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହାୟତାରେ ଛାତ୍ରଛାତ୍ରୀ ଓ କଲେଜର କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ ଡ୍ରାଇଭ କରିବା ଲାଗି କୁହାଯାଇଛି। ଗୋଟିଏ ଡୋଜ୍ ଟିକା/ଅଧେ ଟିକା ନେଇ ନ ଥିବା ଛାତ୍ରଛାତ୍ରୀମାନେ ହଷ୍ଟେଲରେ ଅଲଗା ବ୍ଲକ୍‌ରେ ରହିବେ। ସେମାନଙ୍କୁ ଲାଇବ୍ରେରିରେ ପ୍ରବେଶର ଅନୁମତି ଦିଆଯିବ ନାହିଁ। ଖାଇବା ସ୍ଥାନକୁ ଅଲଗା କରାଯିବ। ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ନିୟମିତ ସ୍କ୍ରିନିଂ ସହିତ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଲେ ସେମାନଙ୍କୁ ସଙ୍ଗରୋଧରେ ରଖିବା ଲାଗି ବ୍ୟବସ୍ଥା କରାଯିବ। କ୍ୟାମ୍ପସ ପରିସରରେ ସାମାଜିକ/ଧାର୍ମିକ/କ୍ରୀଡ଼ା କାର୍ଯ୍ୟକଳାପକୁ ସଂପୂର୍ଣ୍ଣ ବାରଣ କରାଯାଇଥିବା ବେଳେ ପ୍ରଶାସନିକ ବ୍ଲକ୍/କାର୍ଯ୍ୟାଳୟ ସରକାରୀ ଗାଇଡଲାଇନ୍ ଅନୁଯାୟୀ ଖୋଲା ରହିବ। କୋଭିଡ୍ ପଜିଟିଭ୍ ଚିହ୍ନଟ ହେଉଥିବା ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଦେବାକୁ ଅନୁମତି ମିଳିବ ନାହିଁ। ସେମାନଙ୍କୁ ବାର୍ଷିକ/ସପ୍ଲିମେଣ୍ଟାରିରେ ପରୀକ୍ଷା ଦେବା ଲାଗି ଅନୁମତି ଦିଆଯିବ। ମାତ୍ର କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବା ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ୍‌ରେ ଡ୍ରପଆଉଟ୍ ବୋଲି ଲେଖାଯିବ ନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# 'ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ ୩ୟ ଲହର'

**ଭୁବନେଶ୍ୱର :** ଅଗଷ୍ଟରୁ ଅକ୍ଟୋବର ଭିତରେ ଆସିବାର ଅଛି କରୋନାର ତୃତୀୟ ଲହର। ତୃତୀୟ ଲହର ପାଇଁ ଆମେ ପ୍ରସ୍ତୁତ ଅଛୁ। ଯାହା ଆବଶ୍ୟକ ଅଛି ସେ କାର୍ଯ୍ୟ କରାଯାଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଦେଶରେ ଏବେ ୫୪ ଜିଲ୍ଲାରେ ସଂକ୍ରମଣ ବଢ଼ୁଛି ବୋଲି ମଙ୍ଗଳବାର କେନ୍ଦ୍ର ସରକାର କହିଛନ୍ତି। ସବୁଠାରୁ ଆଶ୍ୱସ୍ତିକର ଖବର ଯେ, ସେହି ୫୪ ଜିଲ୍ଲା ଭିତରେ ଆମର କିଛି ଜିଲ୍ଲା ନାହିଁ। ବର୍ତ୍ତମାନ ସୁଦ୍ଧା ଆମେ ୨ୟ ଲହରରୁ ବାହାରିନାହୁଁ। ଏବେ ବି ୨ୟ ଲହରର ସଂକ୍ରମଣ ଜାରି ରହିଛି। କିଛି ଜିଲ୍ଲାରେ ସଂକ୍ରମଣ ଖସିବାର ନାଁ ଧରୁନି। ଖାସ୍ କରି ଖୋର୍ଦ୍ଧା ଓ କଟକରେ ସଂକ୍ରମଣ ତିନି ଅଙ୍କରେ ରହୁଛି। ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଯେହେତୁ ଏଠାକୁ ଅଧିକ ଲୋକ ଯିବା ଆସିବା କରୁଛନ୍ତି ସେଥିପାଇଁ ଏଠାରେ ସଂକ୍ରମଣ ହାର ଅଧିକ ରହୁଛି। ତେଣୁ ଆଗକୁ ତୃତୀୟ ଲହର ପାଇଁ



ସମସ୍ତ ପ୍ରସ୍ତୁତି ଅଛୁ। ଯାହା ଆବଶ୍ୟକ ସେ କାର୍ଯ୍ୟ କରାଯାଉଛି। ଭିତ୍ତିଭୂମି ମଧ୍ୟ ପ୍ରସ୍ତୁତ କରାଯାଉଛି। ତୃତୀୟ ଲହରକୁ ଦୃଷ୍ଟିରେ ରଖି ଟ୍ରେନିଂ ମଧ୍ୟ ଦିଆଯାଉଛି। ସର୍ଭିଲାନ୍ସ ଅଧିକ ଗୁରୁତ୍ୱ ଦିଆଯାଉଛି। ଜାତୀୟ ରାଜପଥ କଡ଼ରେ ଥିବା ଜାଗାରେ ସଂକ୍ରମଣ ବଢ଼ୁଛି। ଏବେ ଯେଉଁ ମୃତ୍ୟୁ ସଂଖ୍ୟା ଆସୁଛି। ତାହା ସବୁ ଅଡିଟ ରିପୋର୍ଟ। ସେଥିପାଇଁ ଭୟଭୀତ ହେବାର କିଛି ନାହିଁ। ଆଉ କିଛି ଦିନ ମଧ୍ୟରେ ଅଡିଟ ସରିଯିବ।

# ମହାପ୍ରଭୁଙ୍କ ଧାମ ସବୁଠାରୁ ଆଗରେ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମହାପ୍ରଭୁଙ୍କ ଧାମ ସବୁଠାରୁ ଆଗରେ। ପୁରୀରେ ଡ୍ରିଙ୍କ ଫ୍ରମ ଟ୍ୟାପ୍ ପ୍ରକଳ୍ପ ଉଦ୍ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ପୁରୀ ହେଉଛି ଦେଶର ପ୍ରଥମ ସହର। ଏହାଦ୍ୱାରା ପୁରୀର ଜନସାଧାରଣ ଟ୍ୟାପ୍‌ରୁ ସିଧାସଳଖ ଉଚ୍ଚମାନର ପିଇବା ପାଣି ପାଇଲେ। ପିଇବା ପାଣିକୁ ଷ୍ଟୋର କରି ରଖିବା ଦରକାର ନାହିଁ, କିମ୍ବା ଫିଲଟର୍ କରିବା ମଧ୍ୟ ଆବଶ୍ୟକ ନାହିଁ। ବିଶ୍ୱର କେବଳ ବଡ ବଡ ସହର ମାନଙ୍କରେ ଏଭଳି ସୁବିଧା ମିଳେ। ଏହାଦ୍ୱାରା ପୁରୀର ଅଢେଇ ଲକ୍ଷ ଜନସାଧାରଣଙ୍କ ସହିତ ବର୍ଷକୁ ଆସୁଥିବା ୨ କୋଟି ପର୍ଯ୍ୟଟକ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଦିନଟି କେବଳ ପୁରୀ ନୁହେଁ, ସାରା ଓଡିଶାର ବିକାଶ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡିଛି। ମହାପ୍ରଭୁଙ୍କ ଧାମ ପୁରୀରେ ସବୁ ପରିବାରକୁ ଆଜିଠାରୁ ଟ୍ୟାପ୍‌ରେ ଭଲ ପିଇବା ପାଣି ମିଳିଲା। ଡ୍ରିଙ୍କ ଫ୍ରମ ଟ୍ୟାପ୍ ବା ସୁଜଳ ଯୋଜନାରେ ଆପଣମାନେ ସିଧା ଟ୍ରାପ୍‌ରୁ ପାଣି ଆଣି ପିଇପାରିବେ। ଷ୍ଟୋରେଜର ବା ଫିଲ୍‌ଟର କିଛି ବି ଦରକାର ନାହିଁ। ଦିନରାତି ୨୪ ଘଣ୍ଟା ଏହି ସେବା ମିଳିବ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ସାରା ଦେଶରେ ଡ୍ରିଙ୍କ୍ ଫ୍ରମ ଟ୍ୟାପ୍ କାର୍ଯ୍ୟକାରୀ ହେବାରେ ପୁରୀ ପ୍ରଥମ। ମହାପ୍ରଭୁଙ୍କ ଧାମ ସବୁଠାରୁ ଆଗରେ। ଆମର ମେଟ୍ରୋ ସହର ମାନଙ୍କରେ ବି, ଏ ସୁବିଧା ନାହିଁ। ଏ ଯୋଜନା ପାଇଁ ପୁରୀ ଆଜି ଲଣ୍ଡନ, ନ୍ୟୁୟର୍କ, ସିଙ୍ଗାପୁର ଆଦି ବିଶ୍ୱର ବଡ ବଡ ସହର ଲିଗ୍ୟୁରେ ସାମିଲ ହୋଇପାରିଛି। ଏହା ସମସ୍ତଙ୍କ ପାଇଁ ଖୁସିର କଥା ବୋଲି ସେ କହିଥିଲେ। ରାଜ୍ୟ ନଗର ଉନ୍ନୟନ ଓ ଗୃହନିର୍ମାଣ ବିଭାଗକୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୯ ମାସ ମଧ୍ୟରେ ପୁରୀର ୨.୫ ଲକ୍ଷ ଲୋକଙ୍କ ପାଇଁ ଡ୍ରିଙ୍କ ଫ୍ରମ ଟ୍ୟାପ ସୁବିଧା ମିଳିବା ସହିତ ପୁରୀକୁ ପ୍ରତି ବର୍ଷ ୨ କୋଟି ଟୁରିଷ୍ଟ ମଧ୍ୟ ଏହି ସୁବିଧା ପାଇପାରିବେ। ସେମାନଙ୍କୁ ମଧ୍ୟ ଆଉ ପାଣି ବୋତଲ ଧରି ବୁଲିବାକୁ ପଡିବ ନାହିଁ। ଏହି ପ୍ରକଳ୍ପରେ ବଡଦାଣ୍ଡ ସହିତ ସହରର ୪୦୦ଟି ଜାଗାରେ ୱାଟର ଫଙ୍କସନ କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହାଦ୍ୱାରା ୪୦୦ ମେଟ୍ରିକ ଟନ୍ ପ୍ଲାଷ୍ଟିକ ୱେଷ୍ଟରୁ ମଧ୍ୟ ସହର ରକ୍ଷା ପାଇପାରିବ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ୫ଟି ଟ୍ରାନ୍ସଫରମେଟିଭ ଇନ୍‌ଟିଏଟିଭର ଏହା ହେଉଛି ଶ୍ରେଷ୍ଠ ମଡେଲ। ଭଲ ପିଇବା ପାଣିର ସ୍ୱାସ୍ଥ୍ୟ, ଜୀବନଧାରଣର ମାନ ଓ ଅର୍ଥନୀତି ସହ ଗଭୀର ସଂପର୍କ ରହିଛି। ତେଣୁ ପାଣିକୁ କେବେ ନଷ୍ଟ କିମ୍ବା ଦୂଷିତ ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ



ଅନୁରୋଧ କରିଥିଲେ। ଭଲ ପିଇବା ପାଣି ପାଇଁ ବଜେଟକୁ ୫ ବର୍ଷରେ ୨୦ ଗୁଣ ବୃଦ୍ଧି କରାଯାଇଛି ଓ ୨୦୦ କୋଟିର ବଜେଟ ଆଜି ୪ ହଜାର କୋଟି ଟଙ୍କାରେ ପହଞ୍ଚିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ପରିକଳ୍ପନା ଓ ରୂପାୟନ ସଂପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୧୯ ମଇ ମାସ ୩ ତାରିଖରେ ପୁରୀରେ ଫନି ବାତ୍ୟା ସ୍ଥଳଭାଗ ଛୁଇଁଥିଲା। ତାପରେ ମଇ ୫ ତାରିଖ ଦିନ ସେ ପୁରୀରେ ପହଞ୍ଚି ଥିଲେ ଓ ପୁରୀର ଅବସ୍ଥା ଦେଖି ଗଭୀର ଭାବରେ ଦୁଃଖିତ ହୋଇଥିଲେ ବୋଲି କହିଥିଲେ। ସେହିଦିନ ହିଁ ପୁରୀକୁ ବିଶ୍ୱ ଐତିହ୍ୟ ସହର ଭାବରେ ବିକଶିତ କରିବା ପାଇଁ ସେ ଘୋଷଣା କରିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦ ଓ ଜନସାଧାରଣଙ୍କ ସହଯୋଗରୁ ଶ୍ରୀକ୍ଷେତ୍ର ଯୋଜନା ଭଲ ଭାବରେ ଆଗେଇ ଚାଲିଛି ଏବଂ ସମସ୍ତଙ୍କ ସହଯୋଗରେ ପୁରୀ ବିକାଶର ନୂଆ ଶିଖରରେ ପହଞ୍ଚିବ ବୋଲି ସେ କହିଥିଲେ। ସୁଜଳ ପ୍ରକଳ୍ପର ସଫଳତା ପାଇଁ ଜଳ ସାଥି ଭାବରେ ମିଶନ ଶକ୍ତିର ମା ମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରି କହିଥିଲେ ଯେ ସାରା ଓଡିଶାର ୧୬ଟି ସହରରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ସହରମାନଙ୍କରେ ଉଚ୍ଚମାନର ସୁବିଧା ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇଆସନ୍ତି ବୋଲି ପ୍ରକାଶ କରି ସେ କହିଥିଲେ ଯେ ପୁରୀରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଆଜି ସାର୍ଥକ ହୋଇଛି। ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ନଗର ବ୍ୟାପାର ସଚିବ ଦୁର୍ଗାଶଂକର ମିଶ୍ର କହିଲେ ଯେ ଶ୍ରାବଣ ମାସର ପ୍ରଥମ ସୋମବାର ଦିନ ମହାପ୍ରଭୁ ଜଗନ୍ନାଥଙ୍କ ସହର ପୁରୀରେ ଦେଶର ସର୍ବପ୍ରଥମ ଡ୍ରିଙ୍କ ଫ୍ରମ ଟ୍ୟାପ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଗୌରବର କଥା। ଏହା ଭାରତର ଅନ୍ୟ ସହର ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ସେ କହିଥିଲେ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ନଗର ଉନ୍ନୟନ ମନ୍ତ୍ରୀ ଟ୍ୟାପ୍‌ରୁ ପାଣି ପିଇଥିଲେ। ପରେ ପୁରୀ ବଳିଆପଣ୍ଡାର ଦୁଇ ଜଣ ମହିଳା ଟ୍ୟାପ୍‌ରୁ ପାଣି ପିଇ ଏହି କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ସେମାନେ କହିଥିଲେ ଯେ ଆଗରୁ ଆମେ ପାଣି ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲୁ। ଏବେ ଆମ ସମସ୍ୟା ଦୂର ହେଲା। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।


ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୨ - ୦୮ ଅଗଷ୍ଟ, ୨୦୨୧


# ସ୍ଥିତି, ଅବସ୍ଥିତି ଓ ପରିସ୍ଥିତି


ସମ୍ପାଦକୀୟ
ତାରକ ମହାନ୍ତି

ସମୟ ଅନୁସାରେ ସରକର ବଦଳିଲେ ଭଲ ସରକାର ଆସିବ ବୋଲି ଲୋକ ଭୋଟ ଦିଅନ୍ତି। ଆଶା ଥାଏ ଯେ, ନୂଆ ସରକାର ଜନସାଧାରଣଙ୍କ ଦୁଃଖ ବୁଝି ନିଶ୍ଚୟ କିଛି ଗୋଟେ ବ୍ୟବସ୍ଥା କରିବେ। ଏଥିପାଇଁ ପୂର୍ବ ସରକାର ଅପେକ୍ଷା ଗୋଟେ ଭଲ ସରକାର ଅପେକ୍ଷାରେ ଥିବା ଲୋକ ଯେଉଁ ରାଜନୈତିକ ଦଳକୁ ସମର୍ଥନ କରିଥିଲେ, ସେ ଦଳ ଅଧିକ ଆସନ ପାଇ ସରକାର ଗଢ଼ିଲେ ଦିନାକେତେ ଏହାକୁ ନେଇ ସବୁଠି ଚର୍ଚ୍ଚା ହୁଏ। ଚର୍ଚ୍ଚା ଏଇଥିପାଇଁ ହୁଏ ଯେ, ଆମେ ପସନ୍ଦ କରିଥିବା ଦଳ ସରକାର ଗଢ଼ିପାରିଛି ଓ ଏହା ଲୋକଙ୍କ ଦୁଃଖଦୁର୍ଦ୍ଦଶା ଦୂର କରିବାରେ ନିଶ୍ଚୟ ସଫଳ ହେବ। ହେଲେ ଯେତେବେଳେ ଦିନ ପରେ ଦିନ ଓ ମାସ ପରେ ମାସ ଗଡିଗଲେ ମଧ୍ୟ ନୂଆ ସରକାର ଲୋକଙ୍କ ପାଇଁ ସୁବିଧା ସୃଷ୍ଟି କରିପାରନ୍ତି ନାହିଁ ସେତେବେଳେ ଏହାକୁ ନେଇ ପୁଣି ଚର୍ଚ୍ଚା ବଢ଼ିଥାଏ। ଗଣତନ୍ତ୍ରରେ ଲୋକଙ୍କ ସୁବିଧା, ଦେଶର ସୁରକ୍ଷା ଏବଂ ଅର୍ଥନୀତିରେ ବିକାଶ ହେଉଛି ମୂଳ ପ୍ରସଙ୍ଗ। ଯାହାକୁ ଆଧାର କରି ନିର୍ବାଚନ ବେଳେ ସବୁ ରାଜନୈତିକ ଦଳ ଲୋକଙ୍କ ମନରେ ବିଶ୍ୱାସ ଜାଗ୍ରତ କରି ନିଜ ଦଳ ଶାସନ କ୍ଷମତାକୁ ଆସିଲେ ସାଧାରଣଲୋକଙ୍କ ସୁବିଧା ପାଇଁ କେଉଁ କେଉଁ ଯୋଜନା କାର୍ଯ୍ୟକାରିବେ ତାହା ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ବିଡମ୍ବନାର ବିଷୟ ଏହା ଯେ, ନିର୍ବାଚିତ ସରକାର କ୍ଷମତାକୁ ଆସିବା ପରେ ନିର୍ବାଚନ ବେଳର ପ୍ରତିଶ୍ରୁତି ଭୁଲି ନିଜ ଇଚ୍ଛା ମୁତାବକ ଯୋଜନା କରିଥାନ୍ତି। କାରଣ ଏଥିରେ ଜନସାଧାରଣଙ୍କ ମତ ଓ ସ୍ୱାର୍ଥ ଅପେକ୍ଷା ନିର୍ବାଚିତ ପ୍ରତିନିଧି ଓ ଦଳୀୟ ସ୍ୱାର୍ଥ ମୁଖ୍ୟ ହୋଇଯାଏ। ଅନେକ ସସରକାରଙ୍କ ସମୟରେ ଯଦି ସାଧାରଣ ଲୋକ ଲାଭବାନ ହେଉଥାନ୍ତେ, ତେବେ ନିର୍ବାଚନୀ ଖର୍ଚ୍ଚ ବଢୁନଥାନ୍ତା। ତୁଳନାତ୍ମକ ଭାବେ ଲୋକ ବିଚାର କରି ଭଲ ଲୋକଙ୍କୁ କ୍ଷମତାରେ ରହିବା ପାଇଁ ଭୋଟ ଦିଅନ୍ତେ। ହେଲେ ବର୍ତ୍ତମାନ ସମୟରେ ଚତୁରପଣ, ମିଥ୍ୟ ପ୍ରଲୋଭନ ଓ ଭୋଟ କିଣିବାର ନୂଆ ଫର୍ମୁଲା ରାଜନୀତିକୁ କଳୁଷିତ କରିଛି। ପ୍ରଚାରସର୍ବସ୍ୱ ରାଜନୀତିରେ କିଏ କେତେ ମାତ୍ରାରେ ଲୋକଙ୍କୁ ନିଜ ସପକ୍ଷରେ ଆଣିପାରିବ ତାହାର ପ୍ରତିଯୋଗିତା ଚାଲିଛି। ନେତା ହେବା ପାଇଁ ତ୍ୟାଗ ଅପେକ୍ଷା ଅର୍ଥ ଖର୍ଚ୍ଚର ଉତ୍ସ ଖୋଜି ଟିକଟ ବଣ୍ଟନ ପ୍ରକ୍ରିୟା ଠାରୁ ନିର୍ବାଚନ ଜିଣିବା ପାଇଁ କେତେ କେତେ ଉପାୟ ଅବଲମ୍ବନ କରାଯାଉଛି ତାହା ଆଉ କହିବାର ପ୍ରୟୋଜନ ନାହିଁ। ନିର୍ବାଚନ ରଣନୀତି ପ୍ରସ୍ତୁତ କରିବାକୁ ସ୍ୱତନ୍ତ୍ର ବିଶାରଦ ମାନେ ଦୋକାନ ଖୋଲି ବସିଲେଣି। ସେମାନେ ସ୍ଥିର କରିବେ ଜଣେ ନେତା ବା ଏକ ରାଜନୈତିକ ଦଳ କିଭଳି ଅଧିକ ଆସନ ପାଇପାରିବ ଓ ଶାସନ ଗାଦିରେ ବସିପାରିବ। ଆଗଭଳି ଭଲ ଲୋକ ଆଉ ରାଜନୀତି କ୍ଷେତ୍ରକୁ ପ୍ରବେଶ କରିବାର ଯେଉଁ ବିଶ୍ୱାସ ରହିଥିଲା, ତାହା ଏବେ ଅବାନ୍ତର ମନେହୁଏ। କାରଣ ନିର୍ବାଚନ ଜିତିବା ପାଇଁ ଯେତିକି ଅର୍ଥ ଖର୍ଚ୍ଚ ହେଉଛି, ତାହା ଜଣେ ଭଲ ମଣିଷ ବା ସମାଜସେବୀ ଖର୍ଚ୍ଚ କରିପାରିବ ନାହିଁ। ତେଣୁ ଭଲ ଲୋକ ରାଜନୀତିକୁ ଆସିବାର ବାଟ ବନ୍ଦ ହୋଇଯାଇଛି ବୋଲି କହିଲେ ବି କେହି ଦ୍ୱିମତ ହେବେନି। ଦିଅ ଓ ନିଅ ଭଳି ବ୍ୟବସ୍ଥା ଫଳରେ ଜନସାଧାରଣ ନିଜ ଅଧିକାର ମଧ୍ୟ ଭୁଲିଗଲେଣି। ନିର୍ବାଚନ ସମୟରେ ସାମାନ୍ୟ ସ୍ୱାର୍ଥ ହାସଲ ହୋଇଗଲେ, ତାହା ତାଙ୍କ ପାଇଁ ସବୁକିଛି ମନେ କରୁଥିବା ଭୋଟର ପରେ ଯେତେ କାନ୍ଦିଲେ ବି ତାଙ୍କ କଥାରେ କିଛି ଗୁରୁତ୍ୱ ନଥାଏ। ଏହାର ଅନ୍ୟଏକ ବଡ କାରଣ ହେଉଛି, ବ୍ୟୟ ବହୁଳ ନିର୍ବାଚନ ହିଁ ଜନପ୍ରତିନିଧିଙ୍କୁ ଦୁର୍ନୀତି କରିବାକୁ ରାସ୍ତା ଦେଖାଉଛି। କାରଣ ସାମ୍ପ୍ରତିକ ପରିସ୍ଥିତିରେ ନିର୍ବାଚନ ଲଢ଼ିବାକୁ ହେଲେ କୋଟି କୋଟି ଟଙ୍କାର ଆବଶ୍ୟକ ପଡୁଛି। ତାହା ଭୋଟରଙ୍କୁ ଖୁସି କରିବାକୁ ହେଉ କିମ୍ବା ପ୍ରଚାର ରାଲି ସବୁଥି ପାଇଁ ଅଧିକ ବ୍ୟୟ କରିବାକୁ ହେଉଛି। ଗୋଟିଏ ଦଳର ପ୍ରଚାରକୁ ପରାସ୍ତ କରିବା ଭଳି ଆଧୁନିକ ପ୍ରଚାର କୌଶଳ, ବିଭିନ୍ନ ମାଧ୍ୟମ ଦେଇ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବା ହେଉଛି ଅସଲ କାରଣ।

ଏଥିରେ କିଏ କିଭଳି ନିଜକୁ ବଡ ଦେଖେଇହେବ ତାହାର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ଚାଲୁଛି। ସରକାରୀ ଦଳକୁ ସମର୍ଥନ ଦେଉଥିବା ପ୍ରାର୍ଥୀ ସରକାରୀ ଯୋଜନା ଓ ଲୋକଙ୍କ କଲ୍ୟାଣ କଥା କହିଲା ବେଳେ ବିରୋଧୀ ପ୍ରାର୍ଥୀ ସରକାରଙ୍କ ଦୋଷ ଦୁର୍ବଳତା ଓ ବିଫଳତାକୁ ଆୟୁଧ କରି ନିର୍ବାଚନ ବୈତରଣୀ ପାର ହେବାକୁ ବାଟ ଖୋଜୁଛି। ଏସବୁ ପାଇଁ କିନ୍ତୁ ପ୍ରଚୁର ଟଙ୍କାର ଆବଶ୍ୟକତା ପଡୁଛି। ନୀତି, ଆଦର୍ଶ ଓ ସେବା ଅପେକ୍ଷା କେଉଁ ପ୍ରାର୍ଥୀ କେତେ ଅଧିକ ଟଙ୍କା ଖର୍ଚ୍ଚ କରିପାରିବ ତାହା ଉପରେ ସମସ୍ତଙ୍କ ନଜର ରହୁଛି। ଯେଉଁଥିପାଇଁ ଜଣେ ଉପଯୁକ୍ତ ପ୍ରାର୍ଥୀ ହୋଇଥିଲେ ସୁଦ୍ଧା ନିର୍ବାଚନ ଲଢ଼ିବାକୁ ସାହସ ଜୁଟାଇ ପାରୁନାହିଁ। ତେଣୁ ଲୋକମାନେ ସଚେତନ ହୋଇ ପ୍ରାର୍ଥୀ ନବାଛିଲେ ସେମାନଙ୍କ ଲାଭ ଅପେକ୍ଷା କ୍ଷତି ଅଧିକ ବୋଲି ବୁଝିବାକୁ ହେବ। କାରଣ ନିର୍ବାଚନ ସମୟରେ ପ୍ରାର୍ଥୀମାନେ ଯେଉଁ ପ୍ରତିଶ୍ରୁତି ଦିଅନ୍ତି ତାହା କେତେଦୂର ପାଳନ ହୁଏ ସେକଥା ଭୋଟର ଯାଣିଥିଲେ ସୁଦ୍ଧା ପ୍ରଚାର ରଣନୀତି ଆଗରେ ନିଜ ବିଚାରକୁ ସାବ୍ୟସ୍ତ କରିପାରିନଥାନ୍ତି। ତେଣୁ ବାରମ୍ବାର ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହୋଇ ମଧ୍ୟ ଜଣେ ବ୍ୟକ୍ତିଙ୍କୁ ପୁନର୍ବାର ଭୋଟ ଦେଇଥାନ୍ତି। ସାରା ଦେଶରେ ଏଭଳି ବ୍ୟବସ୍ଥା ବଢ଼ିଚାଲିଛି। ଲୋକଙ୍କ ସରକାର ବୋଲି କହୁଥିବା ନେତା, ମନ୍ତ୍ରୀ ବାସ୍ତବରେ ଲୋକଙ୍କ ପାଇଁ କେତେ ମାତ୍ରାରେ କାର୍ଯ୍ୟ କରୁଛନ୍ତି ତାହା ଦେଖିବାର କଥା। ବର୍ତ୍ତମାନ ରାଜନୀତିର କିନ୍ତୁ ଭିନ୍ନ ପରିଭାଷା। ଯେବେଠାରୁ ଦେଶରେ ଆଞ୍ଚଳିକ ଦଳ ମାନଙ୍କର ଅଭ୍ୟୁଦୟ ହେଲାଣି ସେବେଠୁ ଜାତୀୟ ରାଜନୈତିକ ଦୃଶ୍ୟପଟରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ସିଧାସଳଖ ଭାବେ ଦେଖିଲେ ମିଳିତ ସରକାର ଗଠନ ପାଇଁ ଦେଶର ନିର୍ବାଚିତ ସରକାରଙ୍କ ନିକଟରେ ଚାପ ରହୁଛି। ଯେଉଁଥିପାଇଁ ମେଣ୍ଟରେ ଥାଇ ଭିନ୍ନ ମତ ରଖୁଥିବା ରାଜନୈତିକ ଦଳ ସରକାର ଉପରେ ଚାପ ସୃଷ୍ଟି କରିବାକୁ ପଛାଉନାହାନ୍ତି। ଅନ୍ୟ କଥା ହେଲା ଯେଉଁ ରାଜ୍ୟରେ ଏକକ ସଂଖ୍ୟା ଗରିଷ୍ଠତା ଥାଇ ଆଞ୍ଚଳିକ ଦଳ ଶାସନ କ୍ଷମତାରେ ଅଛନ୍ତି, ସେମାନେ କେନ୍ଦ୍ରର ମେଣ୍ଟ ସରକାରରେ ସିଧାସଳଖ ସହଯୋଗୀ ନହୋଇ ପ୍ରସଙ୍ଗ ଭିତ୍ତିକ ସମର୍ଥନ ଦେ ନିଜ ଦଳକୁ ମଜବୁତ କରୁଛନ୍ତି। ଯାହାଫଳରେ ସେହି ରାଜ୍ୟରେ ଜାତୀୟ ଦଳ ନିର୍ବାଚନ ଜିଣିବା କଷ୍ଟକର ହୋଇପଡୁଛି। ଉଦାହରଣ ସ୍ୱରୂପ ପଶ୍ଚିମବଙ୍ଗ ଓ ଓଡ଼ିଶା କଥା ବିଚାର କରାଯାଉ। ଏଠାରେ ବିଜେପି ଅଧିକ ଆସନ ହାସଲ କରିନପାରିବାର କାରଣ ଆଞ୍ଚଳିକ ସରକାରଙ୍କ ନିର୍ବାଚନ ରଣନୀତି। ଯାହାକୁ ଭେଦ କରି ଜାତୀୟ ଦଳ ବିଜେପି ନିର୍ବାଚନ ଜିତିବା କଷ୍ଟ ହୋଇପଡୁଛି। ଫଳରେ କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ସରକାର ଅଧିକାଂଶ ପ୍ରସଙ୍ଗରେ ଏହି ଆଞ୍ଚଳିକ ଦଳର ସହଯୋଗ ଲୋଡୁଛନ୍ତି। ତେଣୁ ଆଞ୍ଚଳିକ ଦଳମାନେ ବେଳେ ବେଳେ କେନ୍ଦ୍ର ଶାସନ କ୍ଷମତାରେ ଥିବା ସରକାରକୁ ଅଡୁଆରେ ପକାଇବା ପାଇଁ ଆଦୌ କୁଣ୍ଠା ପ୍ରକାଶ କରୁନାହାନ୍ତି। ଯଦିଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ରାଜ୍ୟ ଓ କେନ୍ଦ୍ରର ସହଭାଗିତା ରହିଛି ତଥାପି କେଉଁଠି ନା କେଉଁଠି ଏଥିରେ କେଁ ରହୁଛି।

# ହିନ୍ଦୁ ବିବାହ ଆଇନରେ ଛାଡପତ୍ର


ଚିତ୍ତରଞ୍ଜନ କାନୁନଗୋ

ପୂର୍ବ କାଳରେ ହିନ୍ଦୁ ଧର୍ମର ପରମ୍ପରା ଅନୁସାରେ ବିବାହକୁ ପବିତ୍ର ଐଶ୍ୱରୀୟ ବନ୍ଧନ ଭାବେ ବିବେଚନା କରାଯାଉଥିଲା। ହିନ୍ଦୁ ବିବାହରେ ସମ୍ପନ୍ନ କରାଯାଉଥିବା କର୍ମ ମଧ୍ୟ ଯାଗଯଜ୍ଞଠାରୁ କମ୍ ନ ଥିଲା। ବିବାହ ସାତ ଜନ୍ମ ପାଇଁ ଏକ ବନ୍ଧନ ଏବଂ ଏହା ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଜନ୍ମଜନ୍ମାନ୍ତର ପାଇଁ ଏକ ସ୍ୱର୍ଗୀୟ ସମ୍ପର୍କ ଭାବେ ପ୍ରତ୍ୟେକ ଗ୍ରହଣ କରୁଥିଲେ। ପୁରାଣ ଶାସ୍ତ୍ରରେ ପତି ପତ୍ନୀଙ୍କ ମଧ୍ୟରେ ଥିବା ଗଭୀର ବିଶ୍ୱାସ ଓ ତ୍ୟାଗର ସମ୍ପର୍କ ଉଦାହରଣ ଭାବେ ପ୍ରତ୍ୟେକଙ୍କ ପାଇଁ ଗ୍ରହଣୀୟ ଥିଲା। ସ୍ୱାଧୀନୋତ୍ତର ଭାରତରେ ୧୯୫୫ ମସିହାରେ ହିନ୍ଦୁ ବିବାହ ଆଇନ କାର୍ଯ୍ୟକାରୀ ହେବା ପରେ ମଧ୍ୟ ହିନ୍ଦୁ ବିବାହ ଏକ ପବିତ୍ର ବନ୍ଧନ ଭାବେ ଆଇନ ସମ୍ମତ ଅଟେ। ମାତ୍ର ଅନ୍ୟାନ୍ୟ ଧର୍ମ ମାନଙ୍କରେ ଥିବା ଆଇନ ଅନୁସାରେ ପତି ଓ ପତ୍ନୀ ଦୁଇଟି ପକ୍ଷ ଓ ସେମାନଙ୍କ ମଧ୍ୟରେ ବିବାହ ଏକ ଚୁକ୍ତି ଅଟେ। ଯେକୌଣସି ସମୟରେ ପକ୍ଷମାନେ ଚାହିଁଲେ ନିଜର ଇଚ୍ଛା ଅନୁସାରେ ବିବାହ ବିଚ୍ଛେଦ କରି ପରସ୍ପର ଠାରୁ ଛାଡପତ୍ର ନେଇପାରିବେ ଓ ଚାହିଁଲେ ପୁନଶ୍ଚ ବିବାହ କରିପାରିବେ। ଏଠାରେ ଏକଥା କହିବା ଉଚିତ ଯେ ହିନ୍ଦୁ ଆଇନ ଅନୁସାରେ ପ୍ରତ୍ୟେକ ହିନ୍ଦୁ, ବୌଦ୍ଧ, ଜୈନ ଓ ଶିଖ ଧର୍ମବିଲମ୍ବୀ ବ୍ୟକ୍ତି ମାନେ ହିନ୍ଦୁ ଆଇନ ଦ୍ୱାରା ପରିଚାଳିତ ହୁଅନ୍ତି। ପୂର୍ବ କାଳରେ ଭାରତ ବର୍ଷରେ ହିନ୍ଦୁ ବିବାହ କେବଳ ବଂଶ ରକ୍ଷା ନିମନ୍ତେ ଉଦ୍ଦିଷ୍ଟ ଥିବାରୁ ବିବାହ ବିଚ୍ଛେଦ ବା ଛାଡପତ୍ର ଭଳି ପ୍ରଥା ପ୍ରଚଳିତ ନଥିଲା। ଯେତେ ବାଧା, ବିଘ୍ନ, ସମସ୍ୟା, ମତାନ୍ତର ଓ ମନାନ୍ତର ଆସିଲେ ମଧ୍ୟ ସମାଜ ଓ ପରିବାରର ହିତ ଦୃଷ୍ଟିରୁ ଏକତ୍ର ବସବାସ କରିବା ପତି ପତ୍ନୀଙ୍କ ନିମନ୍ତେ ଧ୍ୟେୟ ଥିଲା ଏବଂ ନୈତିକ ଜୀବନ ଯାପନ କରିବା ପାଇଁ ସେମାନେ ପ୍ରେରିତ ଥିଲେ।

ବର୍ତ୍ତମାନ ପ୍ରଚଳିତ ଆଇନ ଅନୁସାରେ ଯଦି ପତି ପତ୍ନୀ ଉଭୟ ନିଜ ନିଜର ସ୍ୱଇଚ୍ଛା ଓ ସହମତିରେ ବୈବାହିକ ସମ୍ପର୍କ ରଖିବାକୁ ନଚାହାନ୍ତି ଏବଂ ଆପୋଷ ବୁଝାମଣାରେ ବିବାହ ବିଚ୍ଛେଦ କରିବାକୁ ଚାହାନ୍ତି, ସେମାନେ ଅଦାଲତରେ ଏକ ମିଳିତ ଦରଖାସ୍ତ କରିପାରିବେ। ସେଥିରେ ସେମାନେ ବିବାହ ବିଚ୍ଛେଦର ନିର୍ଦ୍ଦିଷ୍ଟ କାରଣ ପ୍ରକାଶ କରିବେ। କାରଣ ଅଦାଲତଙ୍କ ଆଦେଶ ବ୍ୟତୀତ ବିବାହ ବିଚ୍ଛେଦ ଅନ୍ୟ କୌଣସି ବାଟରେ ଗ୍ରହଣୀୟ ନୁହେଁ। ବର୍ଷେରୁ ଅଧିକ ସମୟ ଧରି ପୃଥକ ଭାବେ ରହିବା, ଏକାଠି ରହିବାକୁ ସମ୍ଭବପର ହେଉନଥିବା ଏବଂ ବିବାହ ବନ୍ଧନକୁ ନିଶେଃଷ କରି ଅଲଗା ରହିବା ନିଷ୍ପତ୍ତି ଇତ୍ୟାଦିକୁ ସେମାନେ କାରଣ ଭାବେ ଦର୍ଶାଇପାରିବେ। ଯଦି ଏପରି ମିଳିତ ଆପୋଷ ଛାଡପତ୍ର ଦରଖାସ୍ତ ଉଭୟ ପତି ପତ୍ନୀ ଦାଖଲ କରନ୍ତି, ଅଦାଲତ ଏହାକୁ ବିଚାର ନକରି ଛଅମାସ ପର୍ଯ୍ୟନ୍ତ ସ୍ଥଗିତ ରଖିବେ। ଏହି ସମୟକୁ cooling period କୁହାଯାଏ। ଏହି ସମୟ ମଧ୍ୟରେ ସେମାନଙ୍କ ପୁନର୍ମିଳନ ନିମନ୍ତେ ଏକ ସୁଯୋଗ ଦିଆଯାଏ ଏବଂ ସେମାନେ ଚାହିଁଲେ ବିବାହ ବିଚ୍ଛେଦକୁ ଏଡାଇ ଦିଆଯାଇପାରିବ। ଅଦାଲତ ମଧ୍ୟ ସେମାନଙ୍କୁ ଡାକି ବୁଝାଇ ମିଳାମିଶା କରାଇବା ପାଇଁ ଏକ ଅବକାଶ ଦେବାର ବ୍ୟବସ୍ଥା ଅଛି। ଯଦି ଛଅମାସ ମଧ୍ୟରେ ପୁନର୍ମିଳନ ନହୁଏ ତେବେ ଅଦାଲତକୁ ସେମାନେ ଜଣାଇଲେ ଛାଡପତ୍ର ମଞ୍ଜୁର ହୁଏ। ଛାଡପତ୍ର ଆଦେଶ ପାଇବା ପୂର୍ବରୁ ଉଭୟ ଚାହିଁଲେ ଦରଖାସ୍ତ ପ୍ରତ୍ୟାହାର କରି ମିଳିମିଶି ସ୍ୱାମୀ ସ୍ତ୍ରୀ ଭାବେ ମଧ୍ୟ ରହିପାରିବେ।

ଆଇନର ବ୍ୟବସ୍ଥା ଅନୁସାରେ ପତ୍ନୀ କେତେକ ନିର୍ଦ୍ଦିଷ୍ଟ କାରଣ ଆଧାରରେ ପତିଙ୍କ ଠାରୁ ଛାଡପତ୍ର ପାଇଁ ଆବେଦନ କରିପାରିବେ। ପତ୍ନୀଙ୍କୁ ପନ୍ଦର ବର୍ଷ ହେବା ପୂର୍ବରୁ ଯଦି ତାଙ୍କର ବିବାହ ହୋଇଥାଏ, ତାଙ୍କୁ ପନ୍ଦର ବର୍ଷ ହେବା ପରେ ଏବଂ ଅଠର ବର୍ଷ ହେବା ପୂର୍ବରୁ ସେ ବିବାହକୁ ପ୍ରତ୍ୟାଖାନ କରିପାରିବେ। ପତି ଯଦି ଅନ୍ୟ କୌଣସି ମହିଳା ପ୍ରତି ଯୌନ ଅପରାଧ କିମ୍ବା ଦୁଷ୍କର୍ମ କରନ୍ତି ତେବେ ପତ୍ନୀ ତାଙ୍କ ଠାରୁ ଛାଡପତ୍ର ଦାବି କରିପାରିବେ। ହିନ୍ଦୁ ବିବାହ ଆଇନ ଅନୁସାରେ ବିବାହ କରିବା ପରେ ଯଦି ପତି ପ୍ରଥମ ପତ୍ନୀର ଜୀବଦ୍ଦଶାରେ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରନ୍ତି, ପ୍ରଥମ ପତ୍ନୀ ଛାଡପତ୍ର ନେଇପାରିବେ। ଏହାଛଡା ପତ୍ନୀ ଯଦି ପତିଙ୍କ ଠାରୁ ଅଦାଲତଙ୍କର ଆଦେଶ ଅନୁସାରେ ଭରଣପୋଷଣ ପାଉଛନ୍ତି ଏବଂ ଏକବର୍ଷରୁ ଅଧିକ ଧରି ସେମାନଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ନାହିଁ ତେବେ ମଧ୍ୟ ପତ୍ନୀ ଛାଡପତ୍ର ମାଗିପାରିବେ।

ଉପରୋକ୍ତ କାରଣ ଛଡା ଉଭୟ ପତିପତ୍ନୀଙ୍କ ବିବାହ ବିଚ୍ଛେଦର ଅଧିକାର କେବଳ କେତେକ ନିର୍ଦ୍ଦିଷ୍ଟ କାରଣ ଆଧାରରେ ପର୍ଯ୍ୟବେଶିତ ଅଛି। ସେଗୁଡିକ ହେଲା (୧) ପରକୀୟା ପ୍ରୀତି (୨) ନିଷ୍ଠୁରତା (୩) ବର୍ଜନ (୪) ଧର୍ମାନ୍ତକରଣ (୫) ମାନସିକ ବିକୃତ (୬) ଦୂରାରୋଗ୍ୟ କୁଷ୍ଠବ୍ୟାଧି (୭) ସଂସାର ତ୍ୟାଗ (୮) ମୃତ୍ୟୁ ଧାରଣା ଓ (୯) ନ୍ୟାୟିକ ପୃଥକକୀକରଣ ଆଦେଶରେ ଅବମାନନା ଇତ୍ୟାଦି। ଯଦି କୌଣସି ବ୍ୟକ୍ତି ସ୍ୱଇଚ୍ଛାରେ ନିଜର ସ୍ୱାମୀ କିମ୍ବା ସ୍ତ୍ରୀର ଅଗୋଚରରେ ଅନ୍ୟ କାହା ସହିତ ଶାରୀରିକ ସମ୍ପର୍କ ରଖନ୍ତି ତାହା ଛାଡପତ୍ରର ଏକ ନ୍ୟାର୍ଯ୍ୟ କାରଣ ହୋଇପାରିବ। ସେହିପରି ମାନସିକ ଯନ୍ତ୍ରଣା ବା ଦୁର୍ବ୍ୟବହାର ଅସହ୍ୟ ହେଲେ ବା ଏପରି ଯନ୍ତ୍ରଣା ଦ୍ୱାରା ନିଜର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟାବସ୍ଥା ବା ମର୍ଯ୍ୟାଦା ହାନି ଘଟିଲେ ନିଷ୍ଠୁରତା ପ୍ରଦର୍ଶନ କରୁଥିବା ପତି କିମ୍ବା ପତ୍ନୀଙ୍କ ବିରୁଦ୍ଧରେ ନିଷ୍ଠୁରତାର ଶିକାର ହେଉଥିବା ବ୍ୟକ୍ତି ଛାଡପତ୍ର ପାଇଁ ଆବେଦନ କରିପାରିବେ। ସେହିପରି ଦମ୍ପତିମାନଙ୍କ ମଧ୍ୟରୁ ଜଣକର ବିନା ସହମତିରେ ଅନ୍ୟ ଜଣେ ତାଙ୍କୁ ପରିତ୍ୟାଗ କରି ବା ବର୍ଜନ କରି ଅନ୍ୟ କେଉଁଠି ଦୁଇବର୍ଷ ପର୍ଯ୍ୟନ୍ତ ରହିଲେ ତାହା ମଧ୍ୟ ଛାଡପତ୍ର ଆବେଦନ କରିବାର ଏକ କାରଣ ହେବ। ନିଜର ଧର୍ମ ପରିତ୍ୟାଗ କରି ଅନ୍ୟ ଧର୍ମକୁ ଧର୍ମାନ୍ତକରଣ ହେଲେ ତାହା ବି ବିବାହ ବିଚ୍ଛେଦର ଏକ କାରଣ ଭାବେ ବିବେଚନା କରାଯାଏ। ଚିକିତ୍ସା ସତ୍ତ୍ୱେ ଆରୋଗ୍ୟ ନହୋଇ ନିରବଛିନ୍ନ ଭାବେ ମାନସିକ ବିକୃତି ରହିଲେ ତାହା ମଧ୍ୟ ଛାଡପତ୍ର ଆଦେଶରେ ଏକ କାରଣ ଭାବେ ସ୍ୱୀକୃତ। କୌଣସି ବ୍ୟକ୍ତି ସଂକ୍ରାମକ କୁଷ୍ଠ ବ୍ୟାଧି କିମ୍ବା ଯୌନରୋଗରେ ପୀଡିତ ହେଲେ ତାଙ୍କର ପତି କିମ୍ବା ପତ୍ନୀ ବିବାହ ବିଚ୍ଛେଦ ଦାବି କରିପାରିବେ। ସଂସାର ଛାଡି ସ୍ୱଇଚ୍ଛାରେ ଜଣେ ସନ୍ୟାସୀ କିମ୍ବା ସନ୍ୟାସିନୀ ହେଲେ ଅନ୍ୟ ପକ୍ଷ ଛାଡପତ୍ର ନେଇପାରିବେ। ଦୀର୍ଘ ସାତବର୍ଷ ଅଧିକ କାଳ ଧରି ଜଣେ ବ୍ୟକ୍ତିର କୌଣସି ଖୋଜ ଖବର ନମିଳିଲେ ଏହାକୁ ତାଙ୍କର ଅବଧାରିତ ମୃତ୍ୟୁ ଭାବେ ବିବେଚନା କରାଯିବ ଏବଂ ତାଙ୍କର ପତି କିମ୍ବା ପତ୍ନୀ ଛାଡପତ୍ର ଆବେଦନ କରିପାରିବେ। ସେହିପରି ଦାମ୍ପତ୍ୟ ଜୀବନ ବିତାଇବା ପାଇଁ ଅଦାଲତଙ୍କ ଆଦେଶ ସତ୍ତ୍ୱେ ଯଦି ପତି ପତ୍ନୀ ନିଜର ଦାମ୍ପତ୍ୟ ଜୀବନକୁ ମିଳିମିଶି ଅତିବାହିତ କରୁନାହାନ୍ତି କିମ୍ବା ବୈବାହିକ ସମ୍ପର୍କ ସ୍ଥାପନ କରୁନାହାନ୍ତି ତାହା ମଧ୍ୟ ଛାଡପତ୍ରର ଏକ କାରଣ ହେବ। ଅଦାଲତଙ୍କ ଆଦେଶ ଅନୁସାରେ ଯଦି ପତି ପତ୍ନୀ ପୃଥକ ପୃଥକ ଭାବେ ବସବାସ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଏକ ବର୍ଷରୁ ଅଧିକ କାଳ ଧରି କୌଣସି ଶାରୀରିକ ସମ୍ପର୍କ ସ୍ଥାପନ ହେଇନାହିଁ, ତାହା ମଧ୍ୟ ବିବାହ ବିଚ୍ଛେଦର ଏକ ଆଇନଗତ କାରଣ ହେଇପାରିବ।

ଉପରୋକ୍ତ କାରଣ ଗୁଡିକ ବ୍ୟତୀତ, ୨୦୦୬ ମସିହାରେ ନବୀନ କୋହଲି ବନାମ ନିଲୁ କୋହଲି ଏବଂ ଶେଷରେ ୨୦୧୯ ମସିହାରେ ଆର. ଶ୍ରୀନିବାଶ କୁମାର ବନାମ ସାମେଥା ମକଦ୍ଦମା ଗୁଡିକରେ ଆମ ଦେଶର ସର୍ବୋଚ୍ଚ ନ୍ୟାୟଳୟ ଅସଜଡା ଭଗ୍ନବିବାହ ବା "Irretrievable breakdown of marriage"କୁ ବିବାହା ବିଚ୍ଛେଦର ଏକ କାରଣ ଭାବେ ଗ୍ରହଣ କରିଛନ୍ତି। କୋର୍ଟଙ୍କ ମତରେ ଯଦି ସ୍ୱାମୀ ସ୍ତ୍ରୀ ପରସ୍ପର ସଂସାର କରିବା ସମ୍ଭବ ନୁହେଁ କିମ୍ବା କେହି କାହା ସହ ସମ୍ପର୍କ ସ୍ଥାପନ କରିବା ଅବସ୍ଥାରେ ନଥିବାର ପ୍ରକାଶ କରନ୍ତି, ତେବେ ବିବାହ ବିଚ୍ଛେଦ ପାଇଁ ଏହାକୁ ମଧ୍ୟ ଏକ କାରଣ ଭାବେ ଗ୍ରହଣ କରାଯିବ। ହିନ୍ଦୁ ବିବାହ ଆଇନ କିମ୍ବା ସ୍ୱତନ୍ତ୍ର ବିବାହ ଆଇନରେ ଏପରି ଆଧାର ଲିପିବଦ୍ଧ ନଥିଲେ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟର ଏହି ରାୟକୁ ଭାରତୀୟ ସମ୍ବିଧାନର ଧାରା ୧୪୨ ଅନୁସାରେ ଆଇନ ଭାବେ ଗ୍ରହଣ କରାଯିବ।

ପୂର୍ବରୁ ବିବାହ ଓ ଛାଡପତ୍ର ସମ୍ବନ୍ଧୀୟ ମାମଲା ଗୁଡିକ ଦେୱାନୀ ଅଦାଲତରେ ବିଚାର କରାଯାଉଥିଲା। ଅଦାଲତରେ ସଂଖ୍ୟାଧିକ ମାମଲା ବିଚାର କରିବା ସମୟ ସାପେକ୍ଷ ଥିବାରୁ ବିଚାର ପ୍ରକ୍ରିୟା ବିଳମ୍ବିତ ହେଉଥିଲା। ପାରିବାରିକ ଓ ବୈବାହିକ ମକଦ୍ଦମା ଗୁଡିକର ଗୁରୁତ୍ୱ ଦୃଷ୍ଟିରୁ ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ପରିବାର ଅଦାଲତ ପ୍ରତିଷ୍ଠା କରାଗଲା। କାରଣ ଏପରି ମକଦ୍ଦମା ଗୁଡିକର ବିଚାର ବିଳମ୍ବ ହେଲେ ଛାଡପତ୍ର ପାଇବାପରେ ମଧ୍ୟ ଉଭୟ ପକ୍ଷଙ୍କର ଦ୍ୱିତୀୟ ବିବାହ କରିବା ବୟସାଧିକ କାରଣରୁ ଏକ ଦୂରୁହ ବ୍ୟାପାର ହୋଇପଡେ। ସୁତରାଂ ପରିବାର ଅଦାଲତ ଏକ ସ୍ୱତନ୍ତ୍ର ଅଦାଲତ ହୋଇଥିବାରୁ ଛାଡପତ୍ର ମାମଲାରେ ପକ୍ଷମାନଙ୍କ ପ୍ରତ୍ୟାଶିତ ଦ୍ୱିତୀୟ ବିବାହକୁ ଗୁରୁତ୍ୱ ଦେଇ ଯଥାଶୀଘ୍ର ବିଚାର କରିବା ଉଚିତ, ନଚେତ ଆଇନର ଉଦ୍ଦେଶ୍ୟ ପଣ୍ଡ ହେବ।


*ଉପ-ନିର୍ଦ୍ଦେଶକ (ପ୍ରସିକ୍ୟୁସନ)*
*କ୍ରାଇମ ବ୍ରାଞ୍ଚ, ଓଡିଶା*
*ଫୋ: ୮୯୧୭୨୭୬୭୩୦*


# ପ୍ରାକୃତିକ ବିପର୍ଯ୍ୟୟ ଓ ଜଳବାୟୁ ସଙ୍କଟ


ବିପିନ ବିହାରୀ ରାଉତ

ଆଜି କରୋନାକୁ ନେଇ ସମଗ୍ର ବିଶ୍ୱ ଏକ ପ୍ରକାର ଦୋହଲି ଯାଇଛି। ଏସବୁ ଭିତରେ ତଥାପି ସମୟକୁ ନେଇ ଆଗେଇବାକୁ ଆମ ମାନଙ୍କୁ ପଡୁଛି। ତେବେ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଭିତରେ ଅଭାବନୀୟ ଓ ଅପ୍ରତ୍ୟାସିତ ପ୍ରାକୃତିକ ବିପଦ ଓ ଜଳବାୟୁ ସଙ୍କଟ ସମଗ୍ର ବିଶ୍ୱ ପାଇଁ ବଡ଼ ଉଦ୍‌ବେଗର କାରଣ ପାଲଟିଛି। ଇତିମଧ୍ୟରେ ଦେଖାଦେଇଛି ୟୁରୋପ, ଉତ୍ତର ଆମେରିକା, ଏସିଆ, ଓସେନିଆ ଓ ଆଫ୍ରିକାର ପ୍ରାୟ ୪୦ ଦେଶ ଗମ୍ଭୀର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛନ୍ତି। ମୋଟାମୋଟି ଦେଖିଲେ, ବିଶ୍ୱ ଏବେ ଏକସଙ୍ଗେ ବନ୍ୟା, ଝଡ଼, ହିଟ୍‌ୱେଭ, ଜଙ୍ଗଲ ନିଆଁ ଓ ମରୁଡ଼ି କବଳରେ। ପ୍ରକୃତି ବିରୋଧରେ ଅତିଶୟ ମାନବୀୟ ହସ୍ତକ୍ଷେପ ଏହାର ମୁଖ୍ୟ କାରଣ, ଯାହାଦ୍ୱାରା ପୃଥିବୀ ଉପରେ ଜଳବାୟୁ ସଙ୍କଟ ଘନେଇଛି ବୋଲି ବୈଜ୍ଞାନିକ ପ୍ରମାଣରୁ ସ୍ପଷ୍ଟ ହୋଇଛି। ଏହିପରି ଅତିଶୟ ଜଳବାୟୁ ଜନିତ ଘଟଣା ବାରମ୍ବାର ତଥା ଆହୁରି ଗମ୍ଭୀର ହେବାକୁ ଯାଉଛି ବୋଲି ୱାର୍ଲଡ୍ ମେଟେରୋଲୋଜିକାଲ ଅର୍ଗାନାଇଜେସନ୍ ନିଜର ସଦ୍ୟ ରିପୋର୍ଟରେ ଚେତାଇ ଦେଇଛି। ମାନବ ପ୍ରେରିତ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଶ୍ୱସ୍ତରରେ ଅତିରିକ୍ତ ବର୍ଷା ଓ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ୟୁନିଭର୍ସିଟି ଅଫ କାଲିଫର୍ଣ୍ଣିଆର ସଦ୍ୟତମ ଅଧ୍ୟୟନ ସ୍ପଷ୍ଟ କରିଛି।

ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ ସଙ୍କଟ ତାଲିକାରେ ବିଶ୍ୱର ଅନ୍ୟତମ ବିକାଶଶୀଳ ରାଷ୍ଟ୍ର ଭାରତ ମଧ୍ୟ ବର୍ତ୍ତି ପାରିନାହିଁ। ମଣିଷ ନିଜେ ପ୍ରଚୁର ମାତ୍ରାରେ ଉଭୟ ଟକ୍ସିକ୍ ଓ ନନ୍‌ଟକ୍ସିକ୍ ପଲ୍ୟୁସନ ବା ପ୍ରଦୂଷଣ ଉତ୍ପନ୍ନ କରୁଛି। ଟକ୍ସିକ୍ ପଲ୍ୟୁସନ ହେଉଛି ଫାଇନ୍ ପାର୍ଟିକ୍ୟୁଲେଟ ମ୍ୟାଟର, ଯାହା ମଣିଷ ସ୍ୱାସ୍ଥ୍ୟକୁ ସିଧାସଳଖ କ୍ଷତି ପହଞ୍ଚାଏ। ସେହିପରି ନନ୍‌ଟକ୍ସିକ୍ ପଲ୍ୟୁସନ ବା ପ୍ରଦୂଷଣ ବିଶ୍ୱ ତାପନ ପାଇଁ ଦାୟୀ। ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବ ଯୋଗୁଁ ଏହା ମାନବ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ଉଭୟ ପ୍ରଦୂଷଣ ପରସ୍ପରକୁ ବଢ଼ାଇଥାଏ। ସଦ୍ୟ ଅଧ୍ୟୟନରେ ଗବେଷକମାନେ ବିଶ୍ୱର କିଛି ନିର୍ଦ୍ଦିଷ୍ଟ ଦେଶରେ ଟକ୍ସିକ୍ ଓ ନନ୍‌ଟକ୍ସିକ୍ ପ୍ରଦୂଷଣ ମଧ୍ୟରେ ଦୃଢ଼ ସମ୍ପର୍କ ଦର୍ଶାଇଛନ୍ତି। ଏହି ଦୁଇ ପ୍ରକାର ପ୍ରଦୂଷଣ ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ପ୍ଲସ ୱାନ୍ ପତ୍ରିକାରେ ପ୍ରକାଶିତ ଅଧ୍ୟୟନରେ ଗବେଷକମାନେ ଏଭଳି କିଛି ଦେଶ ଚିହ୍ନଟ କରିଛନ୍ତି, ଯାହା ଉଭୟ ପ୍ରଦୂଷଣର ଶିକାର ହୋଇଛନ୍ତି। ଟକ୍ସିକ୍ ପଲ୍ୟୁସନ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ କ୍ଷତି ଆଶଙ୍କା ଅଧିକ ଥିବା ଦେଶ ମଧ୍ୟରେ ଶୀର୍ଷ ୧୦ରେ ରହିଛନ୍ତି - ସିଙ୍ଗାପୁର, ର୍ୱାଣ୍ଡା, ଚୀନ, ଭାରତ, ସୋଲୋମନ ଆଇଲ୍ୟାଣ୍ଡ, ଭୁଟାନ, ବୋଟସ୍ୱାନା, ଜର୍ଜିଆ, ଦକ୍ଷିଣ କୋରିଆ ଓ ଥାଇଲ୍ୟାଣ୍ଡ। ଗବେଷକମାନେ ଆହୁରି କହିଛନ୍ତି ବିଶ୍ୱ ତାପନ ଓ ପ୍ରବଳ ବୃଷ୍ଟିପାତ କୃଷି କାର୍ଯ୍ୟରେ ବାଧା ଉତ୍ପନ୍ନ କରୁଛି। ଏହାଦ୍ୱାରା କୁପୋଷଣ ଓ ଏହା ଜନିତ ରୋଗ ବୃଦ୍ଧି ପାଉଛି। ଚୀନ ଓ ଭାରତ ଉପରୋକ୍ତ ତାଲିକାର ଶୀର୍ଷ ୫ ଦେଶ ମଧ୍ୟରେ ଅଛନ୍ତି। ଉଭୟ ଦେଶ ଜଳବାୟୁ ପରିବର୍ତ୍ତନ ଓ ଟକ୍ସିକ ପଲ୍ୟୁସନ ଭୟଙ୍କର ସଙ୍କଟ ଦେଇ ଗତି କରୁଛନ୍ତି।

ବଡ଼ ଉଦ୍‌ବେଗର ଘଟଣା ହେଉଛି ଅତ୍ୟାଧୁନିକ ଜ୍ଞାନକୌଶଳ ମଧ୍ୟ ଏ କ୍ଷେତ୍ରରେ ଫେଲ ମାରିଛି। ବିଶ୍ୱର ଶୀର୍ଷ ଜଳବାୟୁ ବିଶେଷଜ୍ଞ ସ୍ୱୀକାର କରିଛନ୍ତି ଜର୍ମାନ ବନ୍ୟା ଓ ଉତ୍ତର ଆମେରିକାର ହିଟ ୱେଭର ତ୍ରୀବତା ଅନୁମାନ କରିବାରେ ସେମାନେ ବିଫଳ ହୋଇଛନ୍ତି। ଦୀର୍ଘ ଦଶନ୍ଧି ଧରି ସେମାନେ ଚେତାଇ ଆସୁଛନ୍ତି, ତାପମାତ୍ରାରେ ଦ୍ରୁତ ବୃଦ୍ଧି ପ୍ରବଳ ବୃଷ୍ଟିପାତର କାରଣ ହେବ। ସେହି ଅନୁରୂପ ହିଟ ୱେଭ୍ ସାମ୍ନା କରିବ ବିଶ୍ୱ। କିନ୍ତୁ ସେମାନେ କହନ୍ତି, ତାଙ୍କ କମ୍ପ୍ୟୁଟର ପ୍ରକୃତି ଠାରୁ ଅଧିକ ଶକ୍ତିଶାଳୀ ନୁହେଁ, ଯାହା ଏଭଳି ଭୟଙ୍କର ଘଟଣାର ଗମ୍ଭୀରତାର ଉଚିତ ଅନୁମାନ କରିପାରିବ। ଏବେ ତାହା ଫଳିଛି। ପାଣିପାଗର ପୂର୍ବାନୁମାନ ପାଇଁ ସୁପର କମ୍ପ୍ୟୁଟର ଲୋଡ଼ା ବୋଲି ସେମାନେ ଦାବି କରିଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ମଣିଷ ଯେତେ ଶକ୍ତିଶାଳୀ ହେଉଛି, ପ୍ରକୃତି ଠାରୁ ସେତିକି ଦୂରେଇ ଯାଉଛି। କୃତ୍ରିମ ବୁଦ୍ଧିମତା ପ୍ରେମରେ ପାଗଳ ମଣିଷ ପ୍ରତି ମୁହୂର୍ତ୍ତରେ ପ୍ରକୃତିକୁ ଧ୍ୱଂସ କରି ଚାଲିଛି, ଯାହାର ପରିଣାମ ଆଜି ଆମ ସାମ୍ନାରେ। ପ୍ରକୃତିର ଧ୍ୱଂସଲୀଳାକୁ କୌଣସି ସୁପର କମ୍ପ୍ୟୁଟର କିମ୍ବା କୃତ୍ରିମ ବୁଦ୍ଧିମତା ମାପି ପାରିବ ନାହିଁ। ଏହା ଏବେ ପ୍ରମାଣ ହୋଇଛି। ସମଗ୍ର ବିଶ୍ୱରେ ଯେଉଁପରି ଭାବେ ଭୟାବହ ଜଳବାୟୁ ଜନିତ ଅଘଟଣା ଓ ଦୁର୍ଘଟଣା ଦେଖାଯାଇଛି ଏହା ପୂର୍ବରୁ ଦେଖାଯାଇନଥିଲା। ତାପମାତ୍ରାରେ ଏଭଳି ପରିବର୍ତ୍ତନକୁ ଉଚିତ ଶିକ୍ଷା ଗ୍ରହଣ କରି ପୃଥିବୀକୁ ବଞ୍ଚାଇବା ଲାଗି ଆମ ସମସ୍ତଙ୍କର ଦାୟିତ୍ୱବୋଧ ରହିଛି।


*ଯୁଗ୍ମନିର୍ଦ୍ଦେଶକ, ଓରମାସ୍, କଟକ*


# ସରୋଜକାନ୍ତ ମିଶ୍ର - ଏକ ଅନନ୍ୟ ବ୍ୟକ୍ତିତ୍ୱ

ସଞ୍ଜୟ କୁମାର ଦାସ

ଯେକୌଣସି ବ୍ୟକ୍ତିର ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବାକୁ ହେଲେ ସେହି ବ୍ୟକ୍ତିର ଗୁଣାବଳୀକୁ ବର୍ଣ୍ଣନା କରାଯାଏ। ସରୋଜକାନ୍ତ ମିଶ୍ରଙ୍କୁ ବର୍ଣ୍ଣନା କରିବା ପାଇଁ ତାଙ୍କର ବ୍ୟକ୍ତିତ୍ୱକୁ ଅନୁଶୀଳନ କଲେ ଅତି ସଂକ୍ଷେପରେ କୁହାଯାଇପାରେ ଯେ ସେ ଥିଲେ ମାନବିକତା, ନିର୍ଭୀକତା, ସଚ୍ଚୋଟତା ଓ ନିରପେକ୍ଷତାର ଏକ ଜ୍ୱଳନ୍ତ ପ୍ରତୀକ। ଏପରି ଅସାଧାରଣ ବ୍ୟକ୍ତିତ୍ୱର ପ୍ରତିଫଳନ ତାଙ୍କର ସୁନ୍ଦର, ସୌମ୍ୟ ଓ ହସ ହସ ଚେହେରା, ତାଙ୍କର ତୀକ୍ଷ୍ଣ ବୁଦ୍ଧି, ତ୍ରୁଟିଶୂନ୍ୟ କାର୍ଯ୍ୟଶୈଳୀ, ପରୋପକାରୀ ଓ ସହାନୁଭୂତିଶୀଳ ମନୋଭାବ ଓ ନିର୍ମଳ ଚିନ୍ତାଧାରାରେ ହେଉଥିଲେ। ଏହିସବୁ ନୈସର୍ଗିକ ଗୁଣର ଅଧିକାରୀ ହୋଇଥିବାରୁ ସେ ସମାଜରେ ସବୁ ବର୍ଗର ଲୋକଙ୍କର ଅତି ପ୍ରିୟ ହୋଇପାରିଥିଲେ। ଏହିସବୁ ତାଙ୍କ ପାଖରେ ବୋଧହୁଏ ସମ୍ଭବ ହୋଇଥିଲା। ତାଙ୍କର ପିତା ସ୍ୱର୍ଗତଃ ଡାକ୍ତର ରମାକାନ୍ତ ମିଶ୍ର, ମାତା ସ୍ୱର୍ଗୀୟା ସରସ୍ୱତୀ ଦେବୀ, ପୂଜନୀୟ ପିତୃପ୍ରତିମ କକେଇ ସ୍ୱର୍ଗତଃ ଡାକ୍ତର କମଳାକାନ୍ତ ମିଶ୍ର, ସ୍ୱର୍ଗତଃ ବରଦାକାନ୍ତ ମିଶ୍ର (ଅବସରପ୍ରାପ୍ତ ଜିଲ୍ଲା ଜଜ୍) ଏବଂ ତାଙ୍କର ପିତୃତୁଲ୍ୟ ପରମଗୁରୁ ସ୍ୱର୍ଗତଃ ଗତିକୃଷ୍ଣ ମିଶ୍ର (ଅବସରପ୍ରାପ୍ତ ମୁଖ୍ୟ ବିଚାରପତି, ଓଡ଼ିଶା ହାଇକୋର୍ଟ)ଙ୍କର ସଂସ୍କାର ଓ ଆଶୀର୍ବାଦ ହେତୁ।

ସାରା ଜୀବନ ଏହି ଗୁରୁଜନମାନଙ୍କର ଶିକ୍ଷା ଓ ମୂଲ୍ୟବୋଧକୁ ସରୋଜକାନ୍ତ ମିଶ୍ର ପାଥେୟ କରି ନିଜର କର୍ମମୟ ଜୀବନକୁ ଆଗେଇ ନେଇଥିଲେ ଓ ତାଙ୍କର ଛଅ ଝିଅଙ୍କୁ ମଧ୍ୟ ଏହି ସଂସ୍କାର ଦେଇଥିଲେ। ନିଜର ଅତି ସଂସ୍କାରି ଓ ସୁଶିକ୍ଷିତା ସହଧର୍ମିଣୀଙ୍କ ସାହାଚର୍ଯ୍ୟ ଓ ସହଯୋଗରେ ସେ ଜୀବନର ସମସ୍ତ ଆହ୍ୱାନକୁ ଖୁବ୍ ସହଜରେ ଗ୍ରହଣ କରି ଅତି ଦୃଢ଼ତାର ସହିତ ସାମନା କରୁଥିଲେ ଓ ସଫଳତା ହାସଲ କରୁଥିଲେ। ତାଙ୍କର କର୍ମମୟ ଜୀବନର ଘଟଣାବଳୀ ଯେ ଅନେକଙ୍କ ପାଇଁ ପ୍ରେରଣା ଓ ଉଦାହରଣ, ଏଥିରେ କୌଣସି ଦ୍ୱିମତ ନାହିଁ।



ବିଚାରପତି ହିସାବରେ ତାଙ୍କର ବିଭିନ୍ନ ପ୍ରକାର ଆଇନ ଉପରେ ଯେଉଁ ଅଗାଧ ଜ୍ଞାନ ଓ ବିଚକ୍ଷଣ ପାରଦର୍ଶିତା ଥିଲା, ଭାଷା ଉପରେ ଯେଉଁ ଦକ୍ଷତା ଥିଲା ତାହା କ୍ୱଚିତ ଦେଖିବାକୁ ମିଳେ ଓ ସେଥିପାଇଁ ସେ ଲୋକଦୃଷ୍ଟିରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇଥିଲେ। ବିଚାରପତି ହିସାବରେ ସେ ବିଭିନ୍ନ କ୍ଷେତ୍ରରେ କାମ କରି ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ରାୟ ଦେଉଥିଲେ ସେସବୁ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଗ୍ରହଣ କରାଯାଉଥିଲା ଓ ପ୍ରଶଂସିତ ହେଉଥିଲା। ସଦସ୍ୟ ସଚିବ, ରାଜ୍ୟ ଆଇନ ସହାୟତା ବୋର୍ଡ, ପ୍ରିଜାଇଡିଂ ଅଫିସର, ଲେବର କୋର୍ଟ ଓ ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ରାଜ୍ୟ ସରକାରଙ୍କ ଆଇନ ସଚିବ, ଉପାଧ୍ୟକ୍ଷ, ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ ଭାବରେ ତାଙ୍କର କାର୍ଯ୍ୟ ଦକ୍ଷତା ଓ ପାରଦର୍ଶିତା ତାଙ୍କୁ ସ୍ୱତନ୍ତ୍ର କରିଥିଲା। ପ୍ରିଜାଇଡିଂ ଅଫିସର, ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ଥିବା ସମୟରେ ଭୁବନେଶ୍ୱର ସତ୍ୟନଗର ବସ୍ତିବାସିନ୍ଦା ଉଚ୍ଛେଦର ତଦନ୍ତ କମିଶନ ହିସାବରେ ସେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ ଓ ତାଙ୍କର ସ୍ୱତନ୍ତ୍ର ରିପୋର୍ଟକୁ ହାଇକୋର୍ଟ ଗ୍ରହଣ କରିଥିଲେ ଓ ତାଙ୍କ ଦ୍ୱାରା ହୋଇଥିବା ତଦନ୍ତ ଓ ତତ୍ସଂକ୍ରାନ୍ତୀୟ ରିପୋର୍ଟରେ ତାଙ୍କର ଯେଉଁ ନିରପେକ୍ଷତା ଓ ନିର୍ଭୀକତା ଥିଲା ସେଥିପାଇଁ ସେ ଓଡ଼ିଶା ହାଇକୋର୍ଟର ତତ୍‌କାଳୀନ ମୁଖ୍ୟ ବିଚାରପତି ବି.ଏଲ୍.ହଂସାରିଆଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ। ଯେଉଁ ମୂଲ୍ୟବୋଧ ଜଣେ ବିଚାରପତିଙ୍କ ପାଖରେ ରହିବା ଆଶା କରାଯାଏ ସେହି ମୂଲ୍ୟବୋଧ ତାଙ୍କ ପାଖରେ ଶେଷ ପର୍ଯ୍ୟନ୍ତ ଥିଲା। ଈଶ୍ୱର ତାଙ୍କ ଭିତରେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅଦମ୍ୟ ମାନସିକ ଶକ୍ତି ଓ ସାହସ ଭରି ଦେଇଥିଲେ। ସରୋଜକାନ୍ତ ମିଶ୍ର ଜଣେ ଦୃଢ଼ ଈଶ୍ୱର ବିଶ୍ୱାସୀ ବ୍ୟକ୍ତି ଥିଲେ। ତାଙ୍କର ପୁଣ୍ୟବଳ ହେତୁ ସେ ଗତ ଜୁଲାଇ ୨୩ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିଳାଦ୍ରି ବିଜେ ପୁଣ୍ୟତିଥିର ଅମୃତ ବେଳାରେ ଇହଲୀଳା ତ୍ୟାଗ କରି ତାଙ୍କର ପରିବାର ଓ ତାଙ୍କୁ ଭଲ ପାଉଥିବା ଅଗଣିତ ଲୋକଙ୍କୁ ଶୋକ ସାଗରରେ ଭସାଇ ମହାପ୍ରଭୁଙ୍କ ନିକଟକୁ ଚାଲିଗଲେ।


## ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୁରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର



ଭାଗ-୨୯

# ବେଳ ଭଲ ନାହିଁ

ଏସବୁ ଶୀର୍ଷକ ସମ୍ବାଦ ବହୁତ ପଠନ ସୁଖ ଦେବା ସହ ପଢ଼ିବାର ଆଗ୍ରହ ସୃଷ୍ଟି କରେ ଅନେକଙ୍କ ମନରେ। ମାତ୍ର ଏସବୁ ଖବରରେ ସମାଜ ଉପରେ ପଡୁଥିବା ପ୍ରଭାବ ଓ ସାମାଜିକ ସମ୍ପର୍କରେ ଏହାର କୁ ପରିଣାମ ସମ୍ପର୍କରେ କିଏ ଥରେ କେବେ ଚିନ୍ତା କରନ୍ତି କି? ଏହି ସବୁକାର୍ଯ୍ୟ କେତେ ଜଣ ମାନସିକ ବିକାରଗ୍ରସ୍ତ ତଥା ଉନ୍ମାଦ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ହୋଇଥିବା ଜାଣି ମଧ୍ୟ ତାକୁ ସମ୍ବାଦ କରି ଗଢ଼ି ତୋଳିବାରେ ଯେଉଁ ଉନ୍ମାଦତା ଓ ତତ୍‌ପରତା ଦେଖାନ୍ତି ସାମ୍ବାଦିକମାନେ ତାହା, କେଉଁ ଗୁଣରେ କମ୍ ବିକାରଗ୍ରସ୍ତ? କେବେ କ'ଣ କେହି ଚିନ୍ତା କରନ୍ତି କି ପିତା, ପୁତ୍ର, ଭାଇ ଭଉଣୀ, ଶାଶୂ, ଶ୍ୱଶୁର, ଅଜା, ନାତି, ନାତୁଣୀମାନଙ୍କ ଭିତରେ ଥିବା ସମ୍ପର୍କ ଓ ବିଶ୍ୱାସର ପୃଥିବୀକୁ ଏହା କିପରି ଦୋହଲାଇ ଦେଉଛି?

ମନେ ପଡିଲା ସୁଦର୍ଶନ ବାବୁଙ୍କର ଭୁବନେଶ୍ୱରରେ ଥିବା ବେଳର କଥାଟିଏ। ତାଙ୍କଠାରୁ ବୟସ୍କ ଓ ତାଙ୍କଠାରୁ ଆଗରେ ଅବସର ନେଇଥିବା ଜଣେ ବନ୍ଧୁ ଦୀନବନ୍ଧୁଙ୍କର କଥା। ଉଭୟ ପ୍ରତିଦିନ ସଂଧ୍ୟା ଭ୍ରମଣରେ ଯାଉଥିଲେ। ବୁଲାବୁଲି କରିସାରି ପାର୍କରେ କିଛି ସମୟ ଉଭୟ ବସୁଥିଲେ ଓ ଦୁଃଖସୁଖ ହେଉଥିଲେ। ଦିନେ ସଂଧ୍ୟାରେ ବସି ଗପସପ କରୁ କରୁ ଦୀନବନ୍ଧୁ ବହୁତ ଭାବପ୍ରବଣ ହୋଇ କାନ୍ଦି ପକାଇଲେ। ଘଟଣା କ'ଣ ହେଲା ଜାଣିବା ପାଇଁ ସେ ହୋଇ ପଡିଲେ ବ୍ୟଗ୍ର। ତାଙ୍କୁ ଯେତେ ପଚାରିଲେ ବି ସେ କିଛି କହୁନଥାନ୍ତି। ତାଙ୍କର ବହୁ ବାଧ୍ୟବାଧକତା ପରେ ସେ କହିଲେ- ମୁଁ ଭାବୁଛି ଏ ପୃଥିବୀ ଆଉ କିଛି ବର୍ଷ ପରେ ଏକ ସମ୍ପର୍କହୀନ ଓ ଅବିଶ୍ୱାସର ପେଣ୍ଠୁ ପାଲଟି ଯିବ, ଯେଉଁଠି କେହି କାହାରି କିଛି ଲାଗୁନଥିବେ, କେବଳ ସମ୍ପର୍କ ଥିବ ଆଦିମାନବର। କେହି କାହାରି ପୁତ୍ର ନୁହେଁ, କନ୍ୟା ନୁହେଁ, ଭାଇ ନୁହେଁ, ଭଉଣୀ ନୁହେଁ, କିଛି ବି ନୁହେଁ। କେହି କାହାରିକୁ ବିଶ୍ୱାସ କରିବେ ନାହିଁ। ଏବେ ଯେଉଁ ତଥାକଥିତ ସାମାଜିକ ଓ ପାରିବାରିକ ସମ୍ପର୍କର ପରିଭାଷା ଆମେ ସୃଷ୍ଟି କରିଛୁ ତାହା ଭୁଷୁଡି ପଡିବ ତାସର ଘର ପରି। ଗୋଟେ ଅସମ୍ପର୍କ ପୃଥିବୀରେ ଆମେ ସବୁ ବଞ୍ଚୁଥିବା କେବଳ।

ହଠାତ୍ ଆପଣଙ୍କ ମୁଣ୍ଡକୁ ଏମିତିକା କଥା କାହିଁକି ପଶିଲା ଦୀନବନ୍ଧୁ ବାବୁ?

ଯେତେବେଳେ ସମସ୍ତ ବିଶ୍ୱାସ ଉପରେ ବିଶ୍ୱାସ ହରାଇ କେବଳ ଅବିଶ୍ୱାସ ଉପରେ ମଣିଷ ବିଶ୍ୱାସ ରଖେ, ସେତେବେଳେ ଏହା ହେବନି ତ ଆଉ କ'ଣ ହେବ?

ଆଜି ଆପଣଙ୍କ କଥାବାର୍ତ୍ତା ତ ବଡ ଦାର୍ଶନିକ ଦାର୍ଶନିକ ଲାଗୁଛି।

ହଁ-ସମସ୍ତ ଦାର୍ଶନିକ ଚିନ୍ତାଧାରା ବୋଧହୁଏ ଗଭୀର ଆତ୍ମ ଦହନରୁ ଆସିଥାଏ।

କ'ଣ ହୋଇଛି ଆପଣଙ୍କର?

ଆଚ୍ଛା ସୁଦର୍ଶନ ବାବୁ-ଭାଗବତରେ ପରା କୁହାଯାଇଛି ବିଶ୍ୱାସମୂଳେ ଏ ଜଗତ?

ହଁ -ମାତ୍ର ଯେତେବେଳେ ବିଶ୍ୱାସ ତା'ର ନିଜର ମୂଳକୁ ହରାଇ ବସିବ ସେତେବେଳେ ଏ ଜଗତ ରହିବ ତ?

କ'ଣ ହୋଇଛି ଆପଣ ଖୋଲି କରି ନ କହିଲେ ମୁଁ ଆପଣଙ୍କ କଥା ଉପରେ କିପରି ମତାମତ ଦେବି?

କ'ଣ ଖୋଲିକରି କହିବି, କେମିତି ବା କହିବି ସେକଥା? ମୋତେ ତ'ଲାଗୁଛି ସେ କଥା କହିବା ବେଳେ ମୋତେ ଲାଗିବ ମୁଁ ଆଉ ଏକ ପାପ କରୁଛି ବୋଲି।

କୌଣସି ଗୋପନ ଦୁଃଖକୁ ଖୋଲି କରି କହିବାରେ ମନର ବୋଝ ହାଲକା ହୋଇଯାଏ।

ହଉ ଶୁଣନ୍ତୁ- ଆପଣ ତ ଜାଣିଛନ୍ତି ମୋ ପରିବାରକୁ। ପରିବାର କହିଲେ ମୁଁ ମୋର ପୁଅ, ବୋହୂ ଓ ଛୋଟ ନାତୁଣୀଟି। ମୋ ସ୍ତ୍ରୀ ତ ରିଟାୟାରମେଣ୍ଟର ଦୁଇବର୍ଷ ପୂର୍ବରୁ ମରିଯାଇଥିଲେ। ପୁଅ ବୋହୂ ଦୁଇଜଣଯାକ ଚାକିରିଆ। ସେମାନେ ବାହାରି ଯାଉଛନ୍ତି ସକାଳ ଦଶରେ ଫେରୁ ଫେରୁ ସଞ୍ଜ।

ଆଚ୍ଛା ଆପଣ ଖୁବ୍ ନିଃସଙ୍ଗ ହୋଇ ଯାଉଛନ୍ତି ଏକଥା କହିବାକୁ ଚାହୁଁଛନ୍ତି ନା?

ନା-ପ୍ରକୃତରେ ନିଃସଙ୍ଗତା ମୋତେ ଦୁଃଖ ଦେଉନି। ତା'ପରେ ମୁଁ ବେଶୀ ସମୟ ନିଃସଙ୍ଗ ରହୁନି। ନାତୁଣୀଟି ସକାଳ ଛଅରେ ସ୍କୁଲ ଯାଇ ବାରଟା ବେଳକୁ ଫେରି ଆସୁଛି। ତା'ରି ସାଙ୍ଗରେ ମୋର ପ୍ରାୟ ଦିନଟା କଟେ।

ତେବେ ତ ଖୁବ୍ ଭଲ କଥା, ଏଥିରେ ଅସୁବିଧା ରହିଲା କେଉଁଠି?

ଅସୁବିଧା ହେଲା ଏବେ ଖବର କାଗଜରେ ବାହାରିଥିବା ଏକ ସମ୍ବାଦକୁ ନେଇ।

କ'ଣ ଆପଣଙ୍କ ପରିବାର ସମ୍ପର୍କିତ ଖବର।

(କ୍ରମଶଃ)



# କୋତା

ଜାକିର ଖାନ୍



ସେଦିନ ପୂର୍ବରେ ଉଦୟ
ପଶ୍ଚିମରେ ଅସ୍ତ ହେବା
ଭୁଲିଗଲା ସୂର୍ଯ୍ୟ ଓ ସେ
ଉତ୍ତରରେ ଉଦୟ ହେଲା ଏବଂ
ଦକ୍ଷିଣରେ ଅସ୍ତ ଗଲା
ସେଦିନ ଅମାବାସ୍ୟାରେ
ପୂର୍ଣ୍ଣିମା ହେଲା ଓ
ଆକାଶରେ ଥାଳି ଭଳି ଚନ୍ଦ୍ର
ଝଟକି ଉଠିଲା
ସେଦିନ ସମୁଦ୍ରରୁ ବର୍ଷା
ଉପରକୁ ଉଠିଲା ଯାହା
ଆକାଶକୁ ଓଦା କରିବାକୁ ଲାଗିଲା
ଥୋକେ କହିଲେ
ମାଧ୍ୟାକର୍ଷଣ ଶକ୍ତି ବୋଧହୁଏ
ଦଳ ପରିବର୍ତ୍ତନ କରିଦେଇଛି ଓ
ବିରୋଧୀ ଦଳରେ ସାମିଲ ହୋଇଯାଇଛି
ସେଦିନ ଲୋକେ
ମୁଣ୍ଡ ସାହାଯ୍ୟରେ ଚାଲିବାକୁ ଲାଗିଲେ
ଓ ସେମାନଙ୍କ ଗୋଡସବୁ
ଉପରକୁ ଉଠି ରହିଲା
ଅବଶ୍ୟ ଖାଲି ମୁଣ୍ଡରେ ଚାଲିବାକୁ
ବାଧ ଥିଲେ ସେମାନେ କାରଣ
ମୁଣ୍ଡ ଆକାରର କୋତା ପ୍ରସ୍ତୁତ ନଥିଲା
ଏତେ ପରେ ବି
ଅର୍ଥହୀନ ଏ ପୃଥିବୀରେ
ଲୋକଙ୍କର କୋତାର ଆବଶ୍ୟକତା ଥିଲା
କାରଣ 'ବୁଦ୍ଧି'କୁ ସାଇତି ରଖିବା ପାଇଁ
କୋତାଠାରୁ ଆଉ କୌଣସି
ସୁରକ୍ଷିତ ସ୍ଥାନ ହିଁ ନଥିଲା...

*ଏନ୍-୨୮/୩୦, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର*

## ସୃଷ୍ଟି ଓ ସ୍ରଷ୍ଟା

# ଉର୍ବଶୀର ଗାଁ



**କବି : ରବିପ୍ରିୟ ଦାଶ**
**ପ୍ରକାଶକ : ଅପୂର୍ବା, ଭୁବନେଶ୍ୱର**
**ମୂଲ୍ୟ : ୨୦୦ ଟଙ୍କା , ପୃଷ୍ଠା : ୧୬୦**

ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରେ କବି ରବିପ୍ରିୟ ଦାଶଙ୍କ କବିତା ପୁସ୍ତକ 'ଉର୍ବଶୀର ଗାଁ' ଲୋକାର୍ପିତ ହୋଇଛି। ଏହା ୧୯୮୩ ମସିହା ପରଠାରୁ ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜରେ 'ଉର୍ବଶୀର ଗାଁ' ଶୀର୍ଷକରେ ପ୍ରକାଶ ପାଇଥିବା କବିତାର ସୁଦୃଶ୍ୟ ସଙ୍କଳନ। ମଣିଷ ଓ ପ୍ରକୃତିକୁ ଭଲ ପାଉଥିବା ଜଣେ ସ୍ୱଚ୍ଛ କବି ଭାବେ ପରିଚିତ ରବିପ୍ରିୟଙ୍କ କବିତାର ପ୍ରତିଟି ଶବ୍ଦରେ ଆତ୍ମାର ସ୍ପନ୍ଦନ, ହୃଦୟର ବାର୍ତ୍ତା ଓ ମଣିଷ ପ୍ରତି ମଣିଷର ଭଲପାଇବା ଯୋଡି ହୋଇ ରହିଛି। 'ନଈ ସେପାରି ଗାଁ' କବିତାରେ- ଆଷାଢ଼ ସୂର୍ଯ୍ୟର / ନରମ ଆବେଗ ତଳେ / ଜିଇଚି ସ୍ୱପ୍ନ / ମିଳିଚି ପ୍ରେମ / ନିରୋଳା ଆଖିରେ / ଦେଖିଛି ବାସ୍ତବତା। ଏହି ବାସ୍ତବତା ହିଁ ରବିପ୍ରିୟଙ୍କ ଜୀବନର ସ୍ୱପ୍ନ ଓ ସତ୍ୟ। ସ୍ୱାଭିମାନରେ ବଞ୍ଚୁଥିବା ଜଣେ କବିର ଜୀବନଗାଥା ଲେଖିବା ସହଜ ହୋଇନଥିଲେ ବି ତାଙ୍କ ସଂସ୍ପର୍ଶରେ ଆସିଥିବା ମଣିଷମାନେ ତାଙ୍କ କାବ୍ୟ ସ୍ୱରର ଚେତନା ସମ୍ପର୍କରେ ପୂର୍ଣ୍ଣ ଅବଗତ। କଳାହାଣ୍ଡି କବିତାରେ କବି ଲେଖିଛନ୍ତି- ପାହାଡ ପିଠିରେ / ସବୁଜ ସ୍ୱପ୍ନ / ଫିଙ୍ଗି ଚାଲେ / ଅସମାପ୍ତ ଚିହ୍ନ / ତୋ ଛାତି ଉପରେ / ଅର୍ଦ୍ଧନଗ୍ନ ଗୋଟେ / ଆଦିବାସୀ ଛୁଆ / ଲୁହରେ ପହଁରୁଥାଏ। ଏଭଳି ଅନେକ ଆବେଗଭରା ଓ ହୃଦୟଛୁଆଁ କବିତାର ସ୍ରଷ୍ଟା ରବିପ୍ରିୟଙ୍କ 'ଉର୍ବଶୀର ଗାଁ' କବିତା ପୁସ୍ତକରେ ୨୭ଟି କବିତା ଅତ୍ୟନ୍ତ ଉଚ୍ଚକୋଟୀର। ଯାହାକି ପାଠକୀୟ ଆଦୃତି ନିଶ୍ଚୟ ଲାଭ କରିବ।

# 'ଶ୍ରେଷ୍ଠ ଚିତ୍ରକର'

ବିନୟ ଭୂଷଣ ପାଣିଗ୍ରାହୀ





*(ପୂର୍ବପ୍ରକାଶ ଉତ୍ତାରୁ)*

ପାଇଁ ଆଗ୍ରହ ପ୍ରକାଶ କଲେ ମହାରାଜ କନକବର୍ଦ୍ଧନ ସେମାନଙ୍କ ହାତରେ ସେଇ ଭାଗର ଦିଗପାଳଙ୍କ ନିକଟକୁ ସେ ସମ୍ବନ୍ଧୀୟ ଆଜ୍ଞାପତ୍ର ଲେଖି ଧରାଇଦେଲେ।

ତହିଁଆରଦିନ ଚାରିଜଣଯାକ ଚିତ୍ରକର ଚାରି ପୃଥକ ଦିଗାଭିମୁଖେ ଯାତ୍ରାରମ୍ଭ କରିଦେଲେ। ଯିବାର ଏକମାସ ପରେ ପ୍ରଥମ ଚିତ୍ରକର ଜଣକ ଯିଏ ଦକ୍ଷିଣ ଦିଗକୁ ଯାଇଥିଲେ, ଦୁଇଟି ଚିତ୍ରପଟ୍ଟ ଧରି ଫେରିଆସିଲେ। ମହାରାଜ ଦେଖିଲେ ଦୁଇଟି ଯାକ ଚିତ୍ରପଟ୍ଟ ବେଶ ଆକର୍ଷଣୀୟ ହେଇଥିଲା। ଗୋଟିଏରେ ସବୁଜ ବନଲତା ଆଚ୍ଛାଦିତ ଏକ ସୁଦୀର୍ଘ ତଥା ସୁଉଚ୍ଚ ପାହାଡର ଚିତ୍ରଟିଏ ଥିଲା ଏବଂ ଅନ୍ୟ ଚିତ୍ରଟିରେ ସେଇ ପାହାଡଟି ଲଣ୍ଡା, ଧୂସର ଏବଂ ଅବକ୍ଷୟିତ ଥିଲା। ମହାରାଜ ଚିତ୍ର ଦୁଇଟି ମଧ୍ୟରେ ଥିବା ପୂର୍ବାପର ସମ୍ବନ୍ଧ ଜିଜ୍ଞାସା କରନ୍ତେ ଶିଳ୍ପୀ ଉତ୍ତର ଦେଲେ, 'ମହାରାଜ, ଲଣ୍ଡା ପାହାଡଟିକୁ ଦେଖିଲାପରେ ସ୍ଥାନୀୟ ନିବାସୀ ମାନଙ୍କୁ ପଚାରିଲି ଯେ ପାହାଡଟି ଏମିତି ମୂଳରୁ ଥିଲା ନା ସମୟକ୍ରମେ ଏମିତି ଶ୍ରୀହୀନ ହେଇଯାଇଛି। ସେମାନଙ୍କ ଉତ୍ତରରୁ ଜାଣିଲି, ଅଳ୍ପ କେଇବର୍ଷ ପୂର୍ବରୁ ପାହାଡଟି ବିଭିନ୍ନ ପ୍ରକାରର ଦାମୀ ବୃକ୍ଷ ଏବଂ ଔଷଧୀୟ ଲତାଗୁଳ୍ମରେ ଭରପୁର ଥିଲା। ମହାରାଜଙ୍କ ଆଦେଶରେ ଦିଗପାଳ ରାଜକୋଷକୁ ସମୃଦ୍ଧ କରିବା ପାଇଁ ପଡ଼ୋଶୀ ରାଜ୍ୟର ବ୍ୟବସାୟୀମାନଙ୍କୁ ଅନୁମତି ପ୍ରଦାନ କରିବାରୁ ସେମାନେ ସେଇସବୁ ପ୍ରାକୃତିକ ସମ୍ପଦକୁ ସ୍ୱଳ୍ପ ମୂଲ୍ୟ ଦେଇ ନେଇଗଲେ। ତାପରେ ଖରାବର୍ଷା ପ୍ରକୋପରେ ପାହାଡର ଦ୍ରୁତ ଅବକ୍ଷୟ ହେବାକୁ ଲାଗିଲାୟ ଫଳସ୍ୱରୂପ, ସେଇସବୁ ଅଞ୍ଚଳରେ ପ୍ରକୃତିର ବ୍ୟବହାର ବଦଳିବାକୁ ଲାଗିଲା। ବର୍ତ୍ତମାନ ସେଇ ପ୍ରଜାମାନଙ୍କ ଭିତରୁ ଅଧିକାଂଶ ପଡୋଶୀ ରାଜ୍ୟରେ କାମଧନ୍ଦା କରି ଗୁଜୁରାଣ ମେଣ୍ଟାଉଛନ୍ତି। ମୋର ପ୍ରଥମ ଚିତ୍ରରେ ପାହାଡ଼ର ପୂର୍ବ ଅବସ୍ଥା ଏବଂ ଦ୍ୱିତୀୟ ଚିତ୍ରରେ ବର୍ତ୍ତମାନ ସମୟର ଅବସ୍ଥାକୁ ନିଖୁଣ ଭାବେ ପରିସ୍ଫୁଟ କରିବାର ପ୍ରଚେଷ୍ଟା କରିଛି।'

ଚିତ୍ରକରଙ୍କ ଠାରୁ ଏସବୁକଥା ଶୁଣି ମହାରାଜ ଅଶେଷ ମାନସିକ କଷ୍ଟ ଅନୁଭବ କଲେୟ ସେ ପୁଣି ଚିତ୍ରକରଙ୍କୁ ପଚାରିଲେ, 'ଆଚ୍ଛା, ତୁମେ ସେମାନଙ୍କର ଭ୍ରାନ୍ତି ଦୂର କରିବାପାଇଁ କିଛି କହିଲକି?' ଶିଳ୍ପୀ କହିଲେ, 'ନାଇଁ ମହାରାଜ, ମୁଁ କେବଳ ସେମାନଙ୍କର ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଇଲି।' ମହାରାଜ କହିଲେ, 'ଠିକ ଅଛି, ତମେ ଏବେ ସ୍ୱଗୃହକୁ ପ୍ରସ୍ଥାନ କର, ନିର୍ଦ୍ଧାରିତ ସମୟରେ ପୁନର୍ବାର ଦରବାରକୁ ଆସିବା ପାଇଁ ତୁମପାଖକୁ ସମ୍ବାଦ ପ୍ରେରଣ କରାଯିବ।'

ଚିତ୍ରକର କକ୍ଷତ୍ୟାଗ କରିବାପରେ ମହାରାଜ ତାଙ୍କର ମହାମନ୍ତ୍ରୀ ଓ ସେନାପତିଙ୍କୁ ଡକାଇ ଦକ୍ଷିଣଖଣ୍ଡର ଅବସ୍ଥା ବିଷୟରେ ଅବଗତ କରାଇଲେ ଏବଂ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦେଶ ଦେଲେ।

ଦ୍ୱିତୀୟ ମାସ ପୁରିବାର ଦିନେ-ଦୁଇଦିନ ପରେ ପଶ୍ଚିମଖଣ୍ଡକୁ ଯାଇଥିବା ଚିତ୍ରକର ଦୁଇଟି ଚିତ୍ରପଟ୍ଟ ଧରି ଫେରିଆସିଲେ। ମହାରାଜ ଦେଖିଲେ ସେ ଦୁଇଟି ଯାକ ଚିତ୍ରପଟ୍ଟ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ ହେଇଥିଲା। ପ୍ରଥମ ଚିତ୍ରରେ ବିସ୍ତୀର୍ଣ୍ଣ ଜଙ୍ଗଲ ଭିତରେ ନାନା ଜାତିର ପଶୁପକ୍ଷୀ ମାନେ ବିଚରଣ କରୁଥିଲେ। ସ୍ଥାନେ ସ୍ଥାନେ ଜଙ୍ଗଲ ଭୂଇଁ ଉପରେ ଭିନ୍ନ ଭିନ୍ନ କିସମର ରତ୍ନପଥର ମାନ ଦୃଷ୍ଟିଗୋଚର ହେଉଥିଲେ। ଦ୍ୱିତୀୟ ଚିତ୍ରରେ ଜଙ୍ଗଲ ସେମିତି ଥିଲା ମାତ୍ର, ଜଙ୍ଗଲରେ ବିଚରଣ କରୁଥିବା ପଶୁପକ୍ଷୀ ମାନଙ୍କର ସଂଖ୍ୟା ଆଶାତୀତ ଭାବେ କମ ଥିଲା। ସବୁଠାରୁ ବଡ଼କଥା, ଦ୍ୱିତୀୟ ଚିତ୍ରରେ କାଁଭାଁ କେଉଁଠି କେମିତି ରତ୍ନପଥରଟିଏ ପରିଦୃଷ୍ଟ ହେଉଥିଲା। ଚିତ୍ରଦ୍ୱୟର ତୁଳନାତ୍ମକ ବ୍ୟାଖ୍ୟା କରି ମହାରାଜ ଏକପ୍ରକାର ନିଶ୍ଚିତ ହେଲେ ଯେ ସେଇ ଭାଗରେ ରତ୍ନପଥର ମାଫିଆ ଏବଂ ଶିକାରୀମାନଙ୍କର ପ୍ରାଦୁର୍ଭାବ ବହୁମାତ୍ରାରେ ବୃଦ୍ଧି ପାଇଥିଲା। ସେ ଚିତ୍ରକରଙ୍କୁ ପ୍ରଶଂସା କରିସାରି ପଚାରିଲେ,

*(କ୍ରମଶଃ)*

## ପିଲାଙ୍କ ଦୁନିଆ



**ଐଶାନୀ ମିଶ୍ର**
କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର



# କବିତାର କଥା

(ଭାଗ-୩୦)



ଉମାକାନ୍ତ ରାଉତ



# ପ୍ରତୀକବାଦ - ମାନସିକ ବିକୃତି ପାଇଁ ମହୌଷଧି

ଫରାସୀ ରାଷ୍ଟ୍ର ବିପ୍ଳବ, ଶିଳ୍ପ ବିପ୍ଳବ ଆଦି ପରେ ଏସବୁର ଶୁଷ୍କତା, ରୁକ୍ଷତା ଓ ସଂବେଦନଶୂନ୍ୟତାରେ ଅତିଷ୍ଠ ହୋଇ, ବିଶେଷକରି ଫ୍ରାନ୍ସ, ଜର୍ମାନ୍ ଓ ବ୍ରିଟେନ୍‌ରେ ପ୍ରାୟ ୧୭୭୦ ରୁ ଆରମ୍ଭ ହୋଇ ୧୮୪୦ ପର୍ଯ୍ୟନ୍ତ କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲା ବୈଚିତ୍ର୍ୟବ୍ୟଞ୍ଜକ, କଳ୍ପନାବିଳାସଯୁକ୍ତ ପ୍ରେମପ୍ରବଣତା ବା ରୋମାଣ୍ଟିସିଜିମ୍।

ROMANTICISM ତାର ସଂତୃପ୍ତି ବିନ୍ଦୁ (saturation point) ପ୍ରାପ୍ତ ହେଲାପରେ ବାସ୍ତବବାଦ(REALISM)ର ଉଦ୍ରେକ ହେଲା। ପୁଣି ବାସ୍ତବବାଦକୁ ସମାଲୋଚକମାନେ ବର୍ଗୀକରଣ କରି କୁହୁକ ବାସ୍ତବବାଦ(MAGIC REALISM), ସାମାଜିକ ବାସ୍ତବବାଦ (SOCIAL REALISM), ରୋଷେଇ-ଆର୍ଦ୍ର ବାସ୍ତବବାଦ(KITCHEN-SINK REALISM), ସାମ୍ୟବାଦୀ ବାସ୍ତବବାଦ (SOCIALIST REALISM), ସ୍ୱଭାବବାଦ (NATURALISM), ମନସ୍ତାତ୍ତ୍ୱିକ ବାସ୍ତବବାଦ(PSYCHOLOGICAL REALISM)ଆଦି ନାମରେ ନାମିତ କଲେ।

ଜୀବନକୁ ଖୋଲାମେଲାଭାବେ ଜୀଇବାକୁ, ବିଶୃଙ୍ଖଳଭାବେ ଭୋଗ କରିବାକୁ ଇନ୍ଦ୍ରିୟାଦିକୁ ପ୍ରାଧାନ୍ୟ ଦେଉଥିବା କିଛି କଳାକାର ଉପରୋକ୍ତ ରୋମାଣ୍ଟିସିଜିମ୍ ଓ ବାସ୍ତବବାଦ ଆଦିରୁ ମୁକ୍ତ ହୋଇ ଉଚ୍ଛୃଙ୍ଖଳଭାବେ ଚରାବୁଲା ଓ ପ୍ରକାଶ କରିବାକୁ ପଶ୍ଚିମ ଇଉରୋପରେ କଳା ଓ ସାହିତ୍ୟାଦି କ୍ଷେତ୍ରରେ ଆରମ୍ଭ କଲେ ଡିକାଡେଣ୍ଟ୍ (DECADENT MOVEMENT) ଓ ପର୍ଣ୍ଣାସିମିଜିମ୍ (PARNASSIMISM MOVEMENT) ଭଳି ଅଧୋଗାମୀ ଆନ୍ଦୋଳନ। ସେମାନେ ମୁଖ୍ୟତଃ ରହସ୍ୟଶୂନ୍ୟ ଓ ଆବରଣହୀନ ଜୀବନ, ବିଶୃଙ୍ଖଳ ଜୀବନଯାପନ, ଉଚ୍ଛୃଙ୍ଖଳତା, ଉତ୍କଟ ଯୌନତା, ମାନସିକ ବିକୃତି, ଅପରାଧ ପ୍ରବଣତା, ବୋହେମିଆନଜିମ୍, ହିପ୍ପି ଜୀବନ, କେବଳ ନିଜ ପାଇଁ ଆତ୍ମରକ୍ଷାପ୍ରବଣତା ଆଦିକୁ ଚାଞ୍ଚଲ୍ୟକର ଢଙ୍ଗରେ ସେମାନଙ୍କ ରଚନାର ପ୍ରମୁଖ ବିନ୍ଦୁଭାବେ ଥୋଇ ଆତ୍ମପରିଚୟ ସର୍ବସ୍ୱ ପ୍ରଚାର କରିବା ଫଳରେ ଅଧଃପତନମୁଖୀ ଆଚରଣ ପ୍ରୋତ୍ସାହିତ ହେବାର କ୍ଷେତ୍ର ସୃଷ୍ଟି ହେବାକୁ ଲାଗିଲା। ଫଳରେ ପ୍ରାୟ ୧୮୮୦ ମସିହା ବେଳକୁ ଏଭଳି ଝଟକା ସୃଷ୍ଟିକାରି ଚାଞ୍ଚଲ୍ୟକର ପଶୁପ୍ରବଣତାକୁ ବିରୋଧ କରି ଠିଆହେଲା ପ୍ରତୀକବାଦ ବା SYMBOLISM ବା ସଂକେତବାଦ। ମୋଟାମୋଟି ଭାବେ ଖୋଲାଖୋଲି ନୁହେଁ, ଏସବୁକୁ ପ୍ରତୀକରେ ସୂଚେଇଦେବା ଉଚିତ୍ ଓ ଏହା ଅଧିକ କଳାତ୍ମକ ବୋଲି ପ୍ରମାଣ କଲେ ଲେଖକ, କାବ୍ୟକାର, ଚିତ୍ରଶିଳ୍ପୀ ଓ କଳାକାରମାନେ। ସୁତରାଂ ଏହା କ'ଣ, କେବେ ଆସିଲା ଓ କାହିଁକି ଆସିଲା; ସେ ବିଷୟରେ ସମ୍ୟକ୍ ଧାରଣା ରହିବା ଆବଶ୍ୟକ।

ପରିଷ୍କାର ବୁଝାପଡୁଛି ଯେ ପ୍ରତୀକ (SYMBOL) ହିଁ ଏହାର ମୂଳଶବ୍ଦ। ପ୍ରତୀକ ଅର୍ଥ ଚିହ୍ନ ବା ସଂକେତ। ସାହିତ୍ୟ ଓ କଳା ଆଦିରେ ସିଧାଭାବରେ କଥାଟି ନକହି ପରୋକ୍ଷଭାବେ ଅନେକ କଥାକୁ କେବଳ ଗୋଟିଏ ଚିହ୍ନଦ୍ୱାରା ବୁଝେଇ ଦେବାକୁ ସୂଚକଭାବେ ପ୍ରତୀକର ବ୍ୟବହାର କରାଯାଇଥାଏ। ଅତଏବ ବ୍ୟବହାର କରାଯାଉଥିବା ଚିହ୍ନ ବା ସଙ୍କେତକୁ ଆମେ ପ୍ରତୀକ (SYMBOL) କହିଥାଉ। ଆବଶ୍ୟକସ୍ଥଳେ ଏହାର ବ୍ୟବହାର କବିତାକୁ ଆହୁରି ବ୍ୟାପକ ଓ ବିସ୍ତାରିତ ଭାବରେ ବୁଝାଇବାକୁ ସକ୍ଷମ ହେବାସହ ସର୍ଜନର କଳାତ୍ମକତାକୁ ବହୁଗୁଣିତ କରିଥାଏ।

କହିବା ବାହୁଲ୍ୟ ଯେ, ଧ୍ୱନିର ବ୍ୟବହାର ହେଉଥିଲା, ବ୍ୟଞ୍ଜନାର ବ୍ୟବହାର ହେଉଥିଲା। ହେଲେ ଆଧୁନିକ ସାହିତ୍ୟରେ କବିମାନେ ପ୍ରତୀକ/ସଂକେତ ମାଧ୍ୟମରେ କବିତା ଆକାରର ଗଠନଶୈଳୀକୁ ସଂକୁଚିତ କରି ତା'ର ଭାବକୁ ପ୍ରସାରିତ, ବିସ୍ତାରିତ ଓ ବ୍ୟାପକ କରିବାର ପ୍ରୟାସ କଲେ। ସଂକ୍ଷେପରେ ଏହା ସଂକେତ, ଚିହ୍ନ ବା ପ୍ରତୀକ ମାଧ୍ୟମରେ ବିନ୍ଦୁରେ ସିନ୍ଧୁଦର୍ଶନ ଭଳି ଅଧିକ କଥା କହିବା ପାଇଁ ଏବଂ ପାଠକକୁ ଏକ ସଂପ୍ରସାରିତ ଚିନ୍ତାର ବଳୟ ଭିତରେ ମୁକ୍ତ ବିଚରଣ କରିବା ପାଇଁ ଆଧୁନିକ ସାହିତ୍ୟର ଏକ ସଫଳ ଉଦ୍ଭାବନ ଓ ଶକ୍ତ ଆୟୁଧ ବୋଲି କୁହାଯାଇପାରେ।

ଅନେକ କଥା ନକହି, ଅନେକ ଶବ୍ଦ ବ୍ୟବହାର ନକରି, ଅନେକ ଧାଡ଼ି ଦ୍ୱାରା କଳେବର ବୃଦ୍ଧି ନକରି କେବଳ ପତୀକଟିଏ ମାଧ୍ୟମରେ ଯଦି ଅନେକ କଥା କହିହେଲା ତେବେ ଏତେ ଶବ୍ଦ ବ୍ୟବହାରର ଆବଶ୍ୟକତା କ'ଣ ବୋଲି ସ୍ରଷ୍ଟା ବିଚାରିଲା।

ତରକାରିରେ ଲୁଣ, ପାଣି, ପରିବା ଆଦିର ଭାଗମାପ ପରି କବିତାରେ ବି ପ୍ରତୀକର ବ୍ୟବହାର ପାଇଁ ଆବଶ୍ୟକୀୟ ଦକ୍ଷତାର ଆବଶ୍ୟକତା ଅପରିହାର୍ଯ୍ୟ। ଏହା ନହେଲେ ଅତ୍ୟଧିକ ଲୁଣ ମସଲାଦି ପକେଇ ଦିଆଯାଇଥିବା ଅବା ପାଣିଚିଆ ହେଇଯାଇଥିବା ତରକାରୀ ଭୋଜନଯୋଗ୍ୟ ନହୋଇ କ୍ରୋଧ ଓ ବିରକ୍ତିର କାରଣ ହେଲାପରି ପ୍ରତୀକର ଅବାଞ୍ଛିତ ଓ ଅନାବଶ୍ୟକ ଅପପ୍ରୟୋଗ କବିତା ପ୍ରତି ପାଠକ ବିମୁଖତାର କାରଣ ହେଇପାରେ।

ଲକ୍ଷ୍ୟ କରାଯାଉଛି ଯେ ଅନେକ ଅନଭିଜ୍ଞ ସ୍ରଷ୍ଟା କବିତାର ଆବଶ୍ୟକତାକୁ ନେଇ ନୁହେଁ, ବରଂ ନିଜକୁ ବଡ଼ କବି ଓ ପ୍ରଚଣ୍ଡ ଜ୍ଞାନୀ ବୋଲି ଡିଣ୍ଡିମ ପିଟିବାକୁଯାଇ ପ୍ରତୀକର ମୋହରେ କବିତାକୁ ବିକଳାଙ୍ଗ ଓ କିମ୍ଭୁତକିମ୍ଭାକାର କରିପକାଉଛନ୍ତି। ଗଣ୍ଡକୁହୁକରେ ଭ୍ରମି ଆତ୍ମମ୍ଭରିତାର ପାରିଲାପଣିଆ ଦେଖାଇବାକୁ ଆପଣାର ଫୁଲାଣିଆ ପଣରେ କୂଳଲଂଘି ସ୍ଥାନ, କାଳ, ପାତ୍ର, ଦେଶ, ଗ୍ରାମ ଆଦି ଗ୍ରାସ କରୁଥିବା ଏଇ ଖଇଚ୍ଛାମାନଙ୍କ ଉଦ୍ଦେଶ୍ୟରେ ହିଁ ମୁଁ କହିଥିଲି - 'ସାଙ୍କେତିତାର ଗଣ୍ଡରେ ବୁଡି ନଯାଉ କବିତାର ମାଧୁର୍ଯ୍ୟ।' ତାହା ପ୍ରତୀକର ପ୍ରୟୋଗ ବିରୁଦ୍ଧରେ ମୋର ପ୍ରତିବାଦ ନୁହେଁ, ବରଂ ଥିଲା ପ୍ରତୀକ(ସଂକେତ)ର ଆବଶ୍ୟକୀୟ ଓ ସଫଳ ପ୍ରୟୋଗ ପାଇଁ ଏକ ପ୍ରତିବେଦନ।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର








# ଚୌକି ଅସଲି; ଆର୍‌ଆଇ ନକଲି

**ଅସ୍ତରଙ୍ଗ :** ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଅସ୍ତରଙ୍ଗ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆର୍‌ଆଇଙ୍କ ଚୌକିରେ ନକଲି ଆର୍‌ଆଇ। ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀମାନଙ୍କୁ ସାବାଡ କରିବାପାଇଁ ରାଜ୍ୟ ସରକାର ୫-ଟି' ସଚିବଙ୍କୁ ନିଯୁକ୍ତି ଦେବାସହ ସରକାରୀ କାର୍ଯ୍ୟାଳୟରେ ଚାଲିଥିବା ପିସିକୁ ବନ୍ଦକରିଛନ୍ତି। ବିନା କୌଣସି ଲାଞ୍ଚ କାରବାରରେ ଜନସାଧାରଣ ମାନଙ୍କୁ ସମସ୍ତ ସରକାରୀ ସେବା ଯୋଗାଇଦେବା ପାଇଁ ନିକଟ ଅତୀତରେ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଅସ୍ତରଙ୍ଗ ତହସିଲ ଅଧିନ ଅସ୍ତରଙ୍ଗ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି। ଏହି କାର୍ଯ୍ୟାଳୟରେ ବିନା ଲାଞ୍ଚରେ ଗଛର ପତ୍ରଟିଏ ବି ହଲେନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଆଶ୍ଚର୍ଯ୍ୟର କଥା ହେଉଛି ଏଠାରେ ଆର୍‌ଆଇଙ୍କ ଚୌକିରେ ଜଣେ ନକଲି ଆର୍‌ଆଇ ବସି ଲୋକମାନଙ୍କ ଠାରୁ ଖୁଲୁମଖୋଲା ଲାଞ୍ଚମାଗୁଥିବା ଦେଖିବାକୁ ମିଳିଛି। ଏସବୁ ଘଟଣା ଆର୍‌ଆଇ ଦୀପ୍ତିରଞ୍ଜନ ମହାପାତ୍ରଙ୍କ ତତ୍ୱାବଧାନରେ ଚାଲିଥିବା ଜାଣିବାକୁ ମିଳିଛି। ଆର୍‌ଆଇଙ୍କ ଚୌକିରେ ବସୁଥିବା ନକଲି ଆର୍‌ଆଇ ଜଣକ ହେଉଛନ୍ତି ଚାରିଛକ ଅଞ୍ଚଳର ମଙ୍ଗରାଜ ସାହୁ ବୋଲି ଜଣାପଡିଛି। ଆର୍‌ଆଇ ଦିପ୍ତିରଞ୍ଜନ ମହାପାତ୍ର ଲାଞ୍ଚକାରବାର କରିବା ପାଇଁ ଚାରିଛକ ଅଞ୍ଚଳର ଜୁବକ ମଙ୍ଗରାଜ ସାହୁକୁ ନିଜ ଆର୍‌ଆଇ ଚୌକିରେ ବସାଇ ଲୋକମାନଙ୍କ ସହ ଲାଞ୍ଚ



କାରବାର ଡିଲକରିଥାନ୍ତି। ସାଧାରଣ ଛାତ୍ରଛାତ୍ରୀ ମାନଙ୍କ ଠାରୁ କାଷ୍ଟ ସାର୍ଟିଫିକେଟ ହେଉ ଅବା ରେସିଡେନ୍ସ କିମ୍ବା ଇନକମ ସାର୍ଟିଫିକେଟ ହେଉ ପ୍ରତ୍ୟେକ ସାର୍ଟିଫିକେଟ ପିଛା ୨୦୦ ଟଙ୍କାରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ଦାବିକରିଥାନ୍ତି। ସେହିଭଳି ଅସ୍ତରଙ୍ଗ ଆର୍‌ଆଇ କାର୍ଯ୍ୟାଳୟକୁ ଆସିଥିବା ପ୍ରାୟ ୧୦୦ରୁ ଅଧିକ ମିୟୁଟେସନ କେଶ ମଧ୍ୟରୁ ମାତ୍ର ୧୦ ଟି ମିୟୁଟେସନ କେଶର ଦାଖଲ ଖାରଜ କାର୍ଯ୍ୟ କରିବାପାଇଁ ହିତାଧିକାରୀ ମାନଙ୍କଠାରୁ ୫୦୦୦ ଲେଖାଏଁ ଟଙ୍କା ନେଇ ସେଗୁଡିକର ସମାଧାନ କରିଥିବା ବେଳେ ଅବଶିଷ୍ଟ ୧୦୦ ଟି ମିୟୁଟେସନ କେଶ ଗୁଡିକୁ ଲାଞ୍ଚ ନପାଇବାରୁ ସେଗୁଡିକୁ ଡ୍ରପ କରିଦେଇଥିବା ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି। ଗୁଡୁବଣାଇ ଗ୍ରାମର ଟୁଲୁଜେନା ତାଙ୍କର ଏକ ମିୟୁଟେସନ କେସପାଇଁ ଆର୍‌ଆଇ ଦୀପ୍ତିରଞ୍ଜନ ମହାପାତ୍ରଙ୍କ ପାଖକୁ ଯାଇଥିବାବେଳେ ତାଙ୍କୁ ଆର୍‌ଆଇ ଶ୍ରୀ ମହାପାତ୍ର ନକଲି ଆର୍‌ଆଇ ସଜେଇଥିବା ଯୁବକଙ୍କ ପାଖକୁ ପଠାଇଥିଲେ ଏବଂ ନକଲି ଆର୍‌ଆଇ ଜଣକ ତାଙ୍କୁ ୫୦୦୦ ଟଙ୍କା ଲାଞ୍ଚ ଦେବାପାଇଁ କହିଥିଲେ। ୫୦୦୦ ଟଙ୍କା ଲାଞ୍ଚ କାହିଁକି ଦେବି ବୋଲି ପ୍ରଶ୍ନ ପଚାରିଥିଲେ ଟୁଲୁଜେନା। ଏହାର ଉତ୍ତରରେ ଟଙ୍କା ନଦେଲେ କାମ ହୋଇପାରିବନି ବୋଲି ରୋକଠୋକ ଭାବରେ ମନା କରିଦେଇଥିଲେ ଆର୍‌ଆଇ ଏବଂ ପରବର୍ତ୍ତୀ ସମୟରେ ଲାଞ୍ଚ ନଦେବାରୁ ଟୁଲୁ ଜେନାଙ୍କ କେଶକୁ ଡ୍ରପକରି ତହସିଲ ଅଫିସକୁ ପଠାଇଦେଇଥିଲେ ବୋଲି ଅଭିଯୋଗ କରିଛନ୍ତି ଟୁଲୁ ଜେନା। ସେହିଭଳି ବିଲୁଆମୁଣ୍ଡଳି ଗ୍ରାମର ଗାଲୁ ମହାନ୍ତି ନାମକ ଜଣେ ଯୁବକଙ୍କ ଠାରୁ ମିୟୁଟେସନ କେଶ ପାଇଁ ତାଙ୍କଠାରୁ ନକଲି ଆର୍‌ଆଇଙ୍କ ମାଧ୍ୟମରେ ୩୦୦୦ ଟଙ୍କା ଦାବି କରିଥିଲା ବେଳେ ସେ ଲାଞ୍ଚ ନଦେବାରୁ ତାଙ୍କ କେଶକୁ ମଧ୍ୟ ଆର୍‌ଆଇ ଦୀପ୍ତିରଞ୍ଜନ ମହାପାତ୍ର ଡ୍ରପ କରିଦେଥିବା ଗାଲୁ ମହାନ୍ତି ଅଭିଯୋଗ କରିଛନ୍ତି। ସେହିଭଳି ଓଲରାଗ୍ରାମର ଅଭୟ ବିଶ୍ୱାଳ ନାମକ ଜଣେ ଯୁବକଙ୍କଠାରୁ ଏକ ଲିଗାଲହେୟାର ସାର୍ଟିଫିକେଟ ପାଇଁ ୭୦୦ ଟଙ୍କା ଲାଞ୍ଚ ଦାବିକରିଥିବା ଅଭୟ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଦାବି କରିଛନ୍ତି। ଆର୍‌ଆଇଙ୍କ ଚୌକିରେ ନକଲି ଆର୍‌ଆଇ ଭାବରେ ବସିଥିବା ଯୁବକ ମଙ୍ଗରାଜ ସାହୁ ବିଭିନ୍ନ ସରକାରୀ ନଥିପତ୍ରକୁ ଖେଳାଇ ଏପଟସେପଟ କରୁଥିବାର ଫଟୋ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଉପରୋକ୍ତ ହିତାଧିକାରୀ ମାନଙ୍କ ଅଭିଯୋଗ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବୁଲୁଥିବା ନକଲି ଆର୍‌ଆଇଙ୍କ ଫଟୋ ଭାଇରାଲ ହେବାପରେ ଅସ୍ତରଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ମଙ୍ଗଳବାର ଦିନ ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କୁ ଏଭଳି ଲାଞ୍ଚୁଆ। ଓ ଦୁର୍ନୀତି ଗ୍ରସ୍ତ ଆର୍‌ଆଇଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବାସହ ଆର୍‌ଆଇଙ୍କ ଚୌକିରେ ବସିଥିବା ନକଲି ଆର୍‌ଆଇକୁ ଗିରଫ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅସ୍ତରଙ୍ଗ ସାମ୍ବାଦିକ ସଂଘର ସଭାପତି ପ୍ରଶାନ୍ତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରର ନକଲକୁ ପୁରୀ ଜିଲ୍ଲାପାଳ, ୫-ଟି' ସଚିବ, ରାଜସ୍ୱ ସଚିବ, ଓ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରାଯାଇଛି। ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସମୟରେ ଅସ୍ତରଙ୍ଗ ସାମ୍ବାଦିକ ସଂଘର ସମ୍ପାଦକ ଲୋକନାଥ ସ୍ୱାଇଁ, କୋଷାଧ୍ୟକ୍ଷ ସମୀର କୁମାର କର, ବରିଷ୍ଠ ସାମ୍ବାଦିକ ତଥା ଅସ୍ତରଙ୍ଗ ପ୍ରେସ କ୍ଲବର ପରାମର୍ଶଦାତା ଦୁଃଶାସନ ନାୟକ, ନିରଞ୍ଜନ ଦାସ, ଶରତ କୁମାର ପରିଡା, ଆଇନପରାମର୍ଶ ଦାତା ଦିବ୍ୟଦର୍ଶୀ ବିଶ୍ୱାଳ, ସାମ୍ବାଦିକ ପ୍ରକାଶ କୁମାର ବେହେରା, ଆର୍ଜ୍ଜ ବିଶ୍ୱାଳ, ତ୍ରିଲୋଚନ ବେହେରା, ଆର୍ତ୍ତତ୍ରାଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ହୀରାକୁଦ ହେବ ପର୍ଯ୍ୟଟନର ପ୍ରବେଶ ପଥ; ଖର୍ଚ୍ଚ ହେବ ୧୩୦ କୋଟି

**ସମ୍ବଲପୁର :** ହୀରାକୁଦ ପଶ୍ଚିମ ଓଡ଼ିଶା ପର୍ଯ୍ୟଟନର ପ୍ରବେଶ ପଥ ହେବ। ଏଥିପାଇଁ ସରକାର ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ କରୁଛନ୍ତି। କାମ ଆରମ୍ଭ ହୋଇସାରିଛି। କିଛି ପ୍ରକଳ୍ପ ଆଗାମୀ ଶୀତଋତୁରେ ସଂପୂର୍ଣ୍ଣ ହୋଇଯିବ। ଆଉ କିଛି ପ୍ରକଳ୍ପ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଖୁବ୍‌ଶୀଘ୍ର ଆପଣମାନେ ସମ୍ବଲପୁର ଓ ହୀରାକୁଦକୁ ପର୍ଯ୍ୟଟନ ମାନଚିତ୍ରରେ ଭିନ୍ନ ରୂପରେ ଦେଖିବାକୁ ପାଇବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ତ୍ରିପାଠୀ କହିଲେ, ହୀରାକୁଦରେ ପର୍ଯ୍ୟଟନର ବିକାଶ ପାଇଁ ଏକ ପ୍ରତିଷ୍ଠିତ କମ୍ପାନି ଆସନ୍ତା ମାସେ ମଧ୍ୟରେ ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ କରିବ। ହୀରାକୁଦରେ କ୍ରୁଜ୍ ବୋଟ୍ ସୁବିଧା କରାଯିବ। ଏଥିପାଇଁ ଜଳଭଣ୍ଡାରରେ ଖୁବ୍ ଭଲ ଓ ସୁନ୍ଦର ପାଣି ରହିଛି। ଆସନ୍ତା ଡିସେମ୍ବର-ଜାନୁଆରି ମଧ୍ୟରେ ୨ଟି ଲକ୍ସରି ବୋଟ୍ ହୀରାକୁଦରେ ପକାଯିବ। ଗୋଟିଏ ଫ୍ଲୋଟିଂ ରେଷ୍ଟୋରାଁ ଓ ଅନ୍ତର୍ଜାତୀୟ ମାନର ବୋଟ୍ କ୍ଲବ୍ ହେବ। ଏଥି ପାଇଁ ଜାଗା ଚିହ୍ନଟ ହୋଇ ସାରିଛି। ଉକ୍ତ କ୍ଲବ୍ରେ ଜେଟି, ରେଷ୍ଟୋରାଁ, ଦୋକାନ, ଗାର୍ଡେନ୍ ଆଦି ରହିବ। ସୁନ୍ଦର ଆଲୋକୀକରଣ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବ। ଯେଉଁ ସ୍ଥାନ ବଛା ଯାଇଛି ତା ସାମ୍ନାରେ ଏକ ଦ୍ୱୀପ (ଆଇଲାଣ୍ଡ) ରହିଛି। ଉକ୍ତ ଦ୍ୱୀପରେ ପରିବେଶ ପର୍ଯ୍ୟଟନ କାର୍ଯ୍ୟକ୍ରମ ଜରିଆରେ ପର୍ଯ୍ୟଟକଙ୍କ ରହିବା ପାଇଁ କଟେଜ୍ ନିର୍ମାଣ କରାଯିବ। ଏହାବ୍ୟତୀତ ଇକୋ ଟୁରିଜିମ୍ ଏଣିକି ୫ ବର୍ଷ ପାଇଁ କରାଯିବ। ହୀରାକୁଦ ସମେତ ଓଡ଼ିଶାର ୭ଟି ସ୍ଥାନରେ ଏଥିପାଇଁ ୫ ବର୍ଷ ନିମନ୍ତେ ସ୍ଥାୟୀ ବ୍ୟବସ୍ଥା କରାଯିବ। ହୀରାକୁଦ ପର୍ଯ୍ୟଟନସ୍ଥଳକୁ ବିଭିନ୍ନ ପ୍ରକାରେ ବିକଶିତ କରାଯିବ। ଲୋକେ ପାଣି ପାଖରେ ଚାଲିବା,



ବସିବା, ଅବସର ବିନୋଦନ, ୱାଟର୍ ସ୍ପୋର୍ଟସର ମଜା ନେବା ପାଇଁ ବ୍ୟବସ୍ଥା କରାଯିବ। ଲେଜର୍ ସୋ, ଆକ୍ୱାରିୟମ୍, ବଟର୍ଫ୍ଲାଏ ପାର୍କ, ଯୋଗ ଗାର୍ଡେନ୍, ସଫାରିର ବ୍ୟବସ୍ଥା ରହିବ। ଡେବ୍ରିଗଡ଼ ଅଭୟାରଣ୍ୟକୁ ବି ହୀରାକୁଦ ପର୍ଯ୍ୟଟନ ସହ ଯୋଡ଼ାଯିବ। ଡ୍ରେବିଗଡ଼ରେ ଜଙ୍ଗଲ ସଫାରି ଚାଲିଥିଲାବେଳେ ଖୁବ୍‌ଶୀଘ୍ର ୱାଟର୍ ସଫାରି ଆରମ୍ଭ ହେବାକୁ ଯାଉଛି। ଏଥିରେ ୩ଟି ବୋଟ୍ ୩ଟି ରୁଟ୍‌ରେ ଚାଲିବ। ହୀରାକୁଦ ରିଭର୍ ଫ୍ରଣ୍ଟରେ ବିଳାସପୂର୍ଣ୍ଣ ହୋଟେଲ୍ ନିର୍ମାଣ ପାଇଁ ନାମୀ ହୋଟେଲ୍ କମ୍ପାନି ଗୁଡ଼ିକୁ ସହ ଯୋଗାଯୋଗ କରାଯାଇଛି। ସ୍ଥାନୀୟ ହୋଟେଲ୍ ଇଣ୍ଡଷ୍ଟ୍ରି ସହ ମଧ୍ୟ ଏଥିପାଇଁ ଆଲୋଚନା ହୋଇଛି। ହୋଟେଲ୍ ଶିଳ୍ପର ବିକାଶ ହେଲେ ପର୍ଯ୍ୟଟନର ବିକାଶ ସମ୍ଭବ ହେବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଏହି ପ୍ରକଳ୍ପ ପାଇଁ ପର୍ଯ୍ୟଟନ ବିଭାଗର ୧୩୦ କୋଟି ଟଙ୍କା ବ୍ୟତୀତ ଜଙ୍ଗଲ ଓ ପରିବେଶ ବିଭାଗ ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମଧ୍ୟ କିଛି କିଛି ବ୍ୟୟ କରିବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ତାଙ୍କ ସହ କ୍ରୀଡ଼ା ଓ ପର୍ଯ୍ୟଟନ ସଚିବ ବିଶାଲ ଦେବ, ଭାରପ୍ରାପ୍ତ ଜିଲ୍ଲାପାଳ ସୁକାନ୍ତ ତ୍ରିପାଠୀ, ସଦର ଉପଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଶ୍ରୀ ତ୍ରିପାଠୀ ସମସ୍ତ ଅଧିକାରୀଙ୍କ ସହ ହୀରାକୁଦ ଜଳଭଣ୍ଡାର ପରିଦର୍ଶନ କରି ବିଭିନ୍ନ ପ୍ରକଳ୍ପ ପାଇଁ ସ୍ଥିତିର ସମୀକ୍ଷା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଳା ଟଙ୍କାର ...

ଭିଜିଲାନ୍ସ ଚଢ଼ଉ ବେଳେ ବିରଞ୍ଚି ହଡବଡେଇ ଯାଇ ମୋଟା ଅଙ୍କର ଟଙ୍କା ବିଡା ଓ କାଗଜପତ୍ର ଝରକା ବାଟେ ବାହାରକୁ ଫିଙ୍ଗୁଥିବା ସମୟରେ ଭିଜିଲାନ୍ସ ନଜରରେ ପଡିଥିଲେ। ଭିଜିଲାନ୍ସ ଅଧିକାରୀ ତୁରନ୍ତ ସେ ସବୁକୁ ଜବତ କରିଛନ୍ତି। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିରଞ୍ଚିଙ୍କ ଘରେ ଚାଲିଥିବା ଚଢ଼ଉରେ ଯେତିକି ଯେତିକି ଟଙ୍କା ବିଡା ମିଳୁଥିଲା ତାହାକୁ ଗଣିଗଣି ଭିଜିଲାନ୍ସ ହାଲିଆ ହେଇଯାଉଥିଲା। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବହିଷ୍କୃତ ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ପରେ ବିରଞ୍ଚିଙ୍କ ଘରେ ଭିଜିଲାନ୍ସର ଏହା ସବୁଠୁ ବଡ ରେଡ୍। ସାଙ୍ଗରେ ଟଙ୍କା ଗଣା ମେସିନ୍ ନେଇନଥିବାରୁ ଭିଜିଲାନ୍ସ ଟଙ୍କା ବିଡା ଗଣିବାକୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କାରଣ ଆଗରୁ ଭିଜିଲାନ୍ସ ଆକଳନ କରିନଥିଲା ଯେ, ବିରଞ୍ଚିଙ୍କ ନିକଟରେ ଏତେ ପରିମାଣର ଟଙ୍କା ଥାଇପାରେ ବୋଲି।

ମିଳିଥିବା ସୂଚନା ଅନୁସାରେ ବିରଞ୍ଚିଙ୍କ ନାଁରେ ବହୁଦିନ ପୂର୍ବରୁ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ ଆସିଥିଲା। ଭୁବନେଶ୍ୱର ଭିଜିଲାନ୍ସର ପାଞ୍ଚଟି ଟିମ୍ ଶୁକ୍ରବାର ସକାଳୁ ସକାଳୁ ବିରଞ୍ଚିଙ୍କ ନୀଳାଦ୍ରି ବିହାର ବାସଭବନ ସମେତ ୬ଟି ସ୍ଥାନରେ ଚଢ଼ାଉ କରିଥିଲେ। ୫ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ୧୩ଜଣ ଇନ୍ସପେକ୍ଟର ସମେତ ୩୫ ରୁ ୪୦ଜଣ ଅଧିକାରୀ ଏହି ଚଢ଼ଉରେ ସାମିଲ ହୋଇଥିଲେ। ନୀଳାଦ୍ରି ବିହାର ଘର ଖାନତଲାସି ବେଳେ ଆଲମିହାରୀ ନଗଦ ୧୨ ଲକ୍ଷ ଟଙ୍କା, ଦେଢ଼କେଜି ସୁନା ଅଳଙ୍କାର, ଭୁବନେଶ୍ୱର, ପୁରୀ ଖୋର୍ଦ୍ଧାରେ ୧୪ଟି ପ୍ଲଟର କାଗଜପତ୍ର ଏବଂ ଜୀବନବୀମାର କାଗଜପତ୍ରି ମିଳିଥିଲା। ସେହିଭଳି ପିଏଫ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ବିରଞ୍ଚିଙ୍କ ଷଡୁଙ୍କ ଘରୁ ନଗଦ ୧୩ଲକ୍ଷ ଟଙ୍କା ଜବତ କରାଯାଇଥିଲା। ବିରଞ୍ଚିଙ୍କ ଆଲମିରାରୁ ଟଙ୍କା ଭର୍ତ୍ତି ଖାମ ଜବତ ବେଳେ ନିକଟକରୁ ଓଏସ୍‌ଏସ୍‌ସି ପରୀକ୍ଷା ଆବେଦନକାରୀଙ୍କ ଆଡମିଟ୍ କାର୍ଡ ଜବତ କରାଯାଇଥିଲା। ସେହିପରି ଅନ୍ୟଏକ ଟିମ୍ ଓଏସ୍‌ଏସ୍‌ସି ଅଫିସରେ ଥିବା ବିରଞ୍ଚିଙ୍କ ଚାମ୍ବରରେ ଚଢ଼ଉ କରି ବହୁ କାଗଜପତ୍ର, ଫାଇଲ, କମ୍ପ୍ୟୁଟର ହାରଡିସ୍କ ଜବତ କରିଛି ଭିଜିଲାନ୍ସ ଟିମ୍। ବିରଞ୍ଚିଙ୍କ ବିପୁଳ ପରିମାଣର ସମ୍ପତ୍ତି ମିଳିବା ପରେ ଷ୍ଟାଫ ସିଲେକ୍ସନ କମିଶନ ନିଯୁକ୍ତି ପରୀକ୍ଷାରେ ଦୁର୍ନୀତି ଚାଲିଥିବା ନେଇ ସନ୍ଦେହ ବଢୁଛି। ଜଣେ ତୃତୀୟ ଶ୍ରେଣୀ କର୍ମଚାରୀ ହୋଇଥିଲେ ସୁଦ୍ଧା ସେ ଚାରିଥର ବିଦେଶ ବୁଲିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। କାରଣ ଭିଜିଲାନ୍ସ ଚଢ଼ଉ ବେଳେ ତାଙ୍କ ଘରୁ ବିଦେଶ ଯିବା ଆସିବାର ବିମାନ ଟିକଟ, ହୋଟେଲ ବିଲ୍ ଆଦି ଜବତ କରାଯାଇଛି। ବିରଞ୍ଚି ଥାଇଲାଣ୍ଡ, ମାଲେସିଆ, ଦୁବାଇ ଓ ସିଙ୍ଗାପୁର ବୁଲିବାକୁ ଯାଇଥିଲେ। ବିଦେଶରେ ଯେଉଁ ଯେଉଁ ସ୍ଥାନରେ ବିରଞ୍ଚି ବୁଲିଥିଲେ ସେହି ଦେଶ ମାନଙ୍କର ବିପୁଳ ନୋଟ ମଧ୍ୟ ସାଙ୍ଗରେ ଆଣିଥିଲେ। ଯାହାକି ଭିଜିଲାନ୍ସ ଜବତ କରିଛି। ତାଙ୍କ ପରିବାର ଲୋକଙ୍କ ବ୍ୟାଙ୍କ କାରବାରର ଏକାଧିକ ସ୍ଲିପ୍ ଭିଜିଲାନ୍ସ ହାତରେ ଲାଗିଛି। ତେବେ ପ୍ରଶ୍ନ ଉଠୁଛି ରାଜ୍ୟରେ ଅନେକ ମେଧାବୀ ଛାତ୍ର ଓଏସ୍‌ସି ନିଯୁକ୍ତି ପରୀକ୍ଷାରେ ସଫଳ ହେଉନଥିଲା ବେଳେ ବିରଞ୍ଚିଙ୍କ ଜରିଆରେ ପରୀକ୍ଷା ଦେଇଥିବା ପିଲା ନିଯୁକ୍ତି ପାଇଥିବା ନେଇ ସନ୍ଦେହ ଦୃଢ଼ୀଭୂତ ହେଉଛି।

### ମେଡିକାଲ ପାଠ୍ୟକ୍ରମ ...

ମେଡିକାଲ କଲେଜରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ସର୍ବଭାରତୀୟ ସଂରକ୍ଷଣ ଯୋଜନା ଅଧିନରେ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ଅଣ୍ଡରଗ୍ରାଜୁଏଟ ଓ ପୋଷ୍ଟ ଗ୍ରାଜୁଏଟ୍ ପାଠ୍ୟକ୍ରମ ପାଇଁ ଏହି ନିୟମ ଲାଗୁ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହି ସଂରକ୍ଷଣ ବ୍ୟବସ୍ଥା ଏମ୍‌ବିବିଏସ୍, ଏମ୍‌ଡି, ଏମ୍‌ଏସ୍‌ଏ ବିଡିଏସ୍, ଏମ୍‌ଡିଏସ୍ ଓ ଡିପ୍ଲୋମା ମେଡିକାଲ ପାଠ୍ୟକ୍ରମ ପାଇଁ ଚଳିତ ଶିକ୍ଷାବର୍ଷ ଠାରୁ ଲାଗୁ ହେବ। ପ୍ରଧାନମନ୍ତ୍ରୀ ମୋଦି ଟ୍ୱିଟ୍ କରି କହିଛନ୍ତି, ଆମ ସରକାର ଗୋଟିଏ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ସର୍ବଭାରତୀୟ ସଂରକ୍ଷଣ ଯୋଜନା ଅଧିନରେ ମେଡିକାଲ ପାଠ୍ୟକ୍ରମ ପାଇଁ ଓବିସିଙ୍କ କ୍ଷେତ୍ରରେ ୨୭% ଓ ଦେଶର ଆର୍ଥିକ ପଛୁଆ ବର୍ଗରେ ଥିବା ପିଲାମାନଙ୍କ କ୍ଷେତ୍ରରେ ୧୦% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ହୋଇଛି। ଚଳିତ ଶିକ୍ଷାବର୍ଷ ଠାରୁ ମେଡିକାଲ ଓ ଡେଣ୍ଟାଲ ପାଠ୍ୟକ୍ରମର ଗ୍ରାଜ୍ୟୁଏଟ ଏବଂ ପୋଷ୍ଟ ଗ୍ରାଜ୍ୟୁଏଟଙ୍କ ପାଇଁ ଏହାକୁ କାର୍ଯ୍ୟକାରୀ କରାଯିବ। ଏହି ନିଷ୍ପତ୍ତି ପ୍ରତିବର୍ଷ ଆମର ହଜାର ହଜାର ଯୁବବର୍ଗଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ। ଏଥିସହ ଆମ ଦେଶରେ ସାମାଜିକ ନ୍ୟାୟ ଦିଗରେ ବଡ ଭୂମିକା ଗ୍ରହଣ କରିବ। ସୂଚନା ଅନୁସାରେ, ସରକାରଙ୍କ ଏଭଳି ନିଷ୍ପତ୍ତି ଦ୍ୱାରା ପ୍ରତିବର୍ଷ ଏମ୍‌ବିବିଏସ୍‌ରେ ଓବିସି ବର୍ଗର ପ୍ରାୟ ୧୫ଶହ ଛାତ୍ରଛାତ୍ରୀ ଓ ପୋଷ୍ଟ ଗ୍ରାଜ୍ୟୁଏଟରେ ୨୫ଶହ ଓବିସି ଶିକ୍ଷାର୍ଥୀଙ୍କୁ ଫାଇଦା ମିଳିବ। ସେହିପରି ଏମ୍‌ବିବିଏସ୍‌ରେ ଆର୍ଥିକ ପଛୁଆ ବର୍ଗର ୫୫୦ ଶିକ୍ଷାର୍ଥୀ ଓ ପୋଷ୍ଟ ଗ୍ରାଜୁଏସନରେ ଆର୍ଥିକ ପଛୁଆ ବର୍ଗର ୧୦୦୦ ଶିକ୍ଷାର୍ଥୀ ଲାଭବାନ ହେବେ। ଓବିସି ଓ ପଛୁଆ ବର୍ଗର ଶିକ୍ଷାର୍ଥୀମାନେ ଏବେ ଏହି ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ଦେଶର ଯେକୌଣସି ରାଜ୍ୟରେ ସିଟ୍ ପାଇଁ ଆବେଦନ କରିପାରିବେ। ଏହା କେନ୍ଦ୍ରର ସଂରକ୍ଷଣ ବ୍ୟବସ୍ଥା ହୋଇଥିବାରୁ କେନ୍ଦ୍ର ସରକାର ନୋଟିଫାଏ କରିଥିବା ଓବିସିମାନେ ଏହାର ସୁବିଧା ଉଠାଇ ପାରିବେ।

### ଓଡିଶା ଆଦର୍ଶ ...

ଏପର୍ଯ୍ୟନ୍ତ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି ୨୧୪ଗୋଟି ବ୍ଲକ ମଧ୍ୟରେ। କେତେକ ସ୍ଥାନରେ ଆବଶ୍ୟକ ଜମି ମିଳିପାରୁନଥିବା ବେଳେ କେତେକ ସ୍ଥାନ ମାନଙ୍କରେ ରାଜନୈତିକ ଗୋଷ୍ଠି କନ୍ଦଳ ଯୋଗୁଁ କେଉଁ ସ୍ଥାନରେ ନିର୍ମାଣ କରାଯିବ ତାହା ସ୍ଥିର ହୋଇପାରୁନଥିବାରୁ ପ୍ରତିଷ୍ଠା କରିବାରେ ବିଳମ୍ବ ଘଟୁଛି। ଏହି ବିଦ୍ୟାଳୟ ଗୁଡିକରେ ଷଷ୍ଠ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନେ ପାଠ ପଢିପାରିବେ କିନ୍ତୁ ରାଜ୍ୟରେ ଏପର୍ଯ୍ୟନ୍ତ କେଉଁ କେଉଁ ଜିଲ୍ଲାରେ କେତେ ଗୋଟି ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି ବୋଲି ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପାଖରେ ଖବର ନଥିବା ଘଟଣା ଅତ୍ୟନ୍ତ ଲଜ୍ୟାଜନକ ଘଟଣା ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଜନୈକ ସାମାଜିକ କର୍ମୀ ସୁଚନା ଅଧିକାର ଆଇନ ବଳରେ ସ୍କୁଲ ଓ ଗଣ ଶିକ୍ଷା ବିଭାଗକୁ ସୁଚନା ମାଗିଥିଲେବି ସୁଚନା ପ୍ରଦାନ କରାଗଲା ନାହିଁ। ସେହିପରି ଗାଁ ଠୁ ଆରମ୍ଭକରି ସହର ପର୍ଯ୍ୟନ୍ତ ସରକାର ଛତୁ ଫୁଟିଲା ପରି ବିଦ୍ୟାଳୟମାନ ଖୋଲୁଥିଲେବି ଶିକ୍ଷକ ଶିକ୍ଷୟତ୍ରୀଙ୍କ ଅଭାବ ଯୋଗୁ ସଠିକ ଭାବେ ପାଠ ପଢାଯାଇପାରୁ ନାହିଁ। କେଉଁଠାରେ ଶିକ୍ଷକମାନେ ନିଜର ଭରଣ ପୋଷଣ ପାଇଁ ମାସିକ ଦରମା ପାଇପାରୁନାହାନ୍ତି ତ କେଉଁ ସ୍ଥାନରେ ଆଡ୍‌ହକ୍ ଭାବେ ନିଯୁକ୍ତି ମିଳୁଛି। ଏପରିକି ସରକାରୀ ବିଦ୍ୟାଳୟ ମାନଙ୍କରେ ସରକାରୀ କର୍ମଚାରୀ ମାନେ ନିଜର ପିଲା ମାନଙ୍କୁ ପାଠ ନପଢାଇ ଘରୋଇ ବିଦ୍ୟାଳୟ ମାନଙ୍କରେ ପାଠପଢାଉଥିବା ବେଳେ ଆଦର୍ଶ ବିଦ୍ୟାଳୟମାନ ଖୋଲି ଏକ ପ୍ରକାର ପ୍ରହସନ କରୁଥିବା ପରି ଜଣାପଡୁଛି। ଯେଉଁ ଯେଉଁ ଜିଲ୍ଲା ମାନଙ୍କରେ ଏହି ଆଦର୍ଶ ବିଦ୍ୟାଳୟ ମାନସବୁ ଖୋଲାଯାଇଛି କେଉଁ ଠାରେ ବିଭିନ୍ନ ବିଭାଗ ଶିକ୍ଷକ ଶିକ୍ଷୟତ୍ରୀ ପଦବୀ ପୁରଣ କରାଯାଇନଥିବା ବେଳେ କେଉଁ ବିଦ୍ୟାଳୟରେ କିରାଣି ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କୁ ନିଯୁକ୍ତି ମିଳିପାରିନାହିଁ। ତେବେ ଆଦର୍ଶ ବିଦ୍ୟାଳୟ ସମସ୍ତ ବ୍ଲକ ମାନଙ୍କରେ ନଖୋଲିବାନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପଛଘୁଞ୍ଚାଦେବାର କାରଣ କ'ଣ ବୁଝାପଡୁନଥିବା ବେଳେ ଏହି ବିଦ୍ୟାଳୟର ଅଗ୍ରଗତି ଉପରେ ବି ଅଙ୍କୁଶ ଲଗାଯିବାର ସମ୍ଭାବନା ସୃଷ୍ଟି ହେଲାଣି।

### ପ୍ରଗତିଶୀଳ ନୂଆ ...

ଶୁଭାରମ୍ଭ କରାଯାଇଥିବା ଏକାଧିକ ପଦକ୍ଷେପ ଯୁବପିଢିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ସହ ଆଗକୁ ବଢ଼ିବାର ମାର୍ଗ ଦେଖାଇବ ବୋଲି ସେ କହିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏକାଧିକ ନୂଆ ଏବଂ ଅଭିନବ ପଦକ୍ଷେପର ଶୁଭାରମ୍ଭ ଦେଶର ଶିକ୍ଷା ପରିସଂସ୍ଥାନକୁ ଅଧିକ ତ୍ୱରାନ୍ୱିତ କରିବା ସହ ଦୂରଦୃଷ୍ଟିସମ୍ପନ୍ନ ନୂଆ ଶିକ୍ଷା ନୀତି ଅଧୀନରେ ଥିବା ଅନେକ ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବ। ଆଜିର ଦିନ ଆମର ଇତିହାସ ପାଇଁ ଏକ ମହତ୍ୱପୂର୍ଣ୍ଣ ଦିନ। ଆମେ ବର୍ତମାନ ଅମୃତ ମହୋତ୍ସବ ପାଳନ କରୁଛୁ। ବର୍ତମାନର ୫ ରୁ ୧୫ ବର୍ଷର ପିଲାଙ୍କୁ ନୂଆ ଶିକ୍ଷା ନୀତି ଆଗାମୀ ଭବିଷ୍ୟତର ନେତୃତ୍ୱ ଭାବରେ ପ୍ରସ୍ତୁତ କରିବା ସହ ଶିକ୍ଷା ଏବଂ ପ୍ରେରଣା ଦେବାରେ ମାଗଦର୍ଶକ ସାଜିବ। ଭାରତ ଯେତେବେଳେ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବ ସେହି ସମୟରେ ଏହି ବର୍ଗର ଛାତ୍ରଛାତ୍ରୀମାନେ ସାମର୍ଥ୍ୟର ଶୀର୍ଷରେ ଥିବେ। ନୂତନ ଶିକ୍ଷା ନୀତି ଦ୍ୱାରା ପ୍ରସ୍ତୁତ ହୋଇଥିବା ମାନବ ସମ୍ବଳ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖରେ ସାମୂହିକ ଦାୟିତ୍ୱ ନେବା ସହ ମାନବ ଜାତି ପ୍ରତି ଆସୁଥିବା ବିପଦର ସମାଧାନ କରିବେ। ପ୍ରଗତିଶୀଳ ନୂତନ ଶିକ୍ଷା ନୀତି ଆତ୍ମନିର୍ଭର ଭାରତର ବୈଶ୍ୱିକ ସ୍ଥିତି, ଭବିଷ୍ୟତକୁ ପୁନଃରୂପ ଦେବା ଉପରେ ଏକ ସୁଦୂରପ୍ରସାରୀ ପ୍ରଭାବ ପକାଇବ। ଭାରତକୁ ଶିକ୍ଷା ଅର୍ଥନୀତିର ଶୀର୍ଷରେ ପହଁଚାଇବା ପାଇଁ ଆମର ନେତୃତ୍ୱର ପ୍ରତିବଦ୍ଧତାକୁ ନୂତନ ଶିକ୍ଷା ନୀତି ପ୍ରତିଫଳିତ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଏହି ଅବସରରେ ଭର୍ଚ୍ଚୁଆଲ ପ୍ଲାଟଫର୍ମରେ ପ୍ରଧାନମନ୍ତ୍ରୀ ବିଦ୍ୟା ପ୍ରଦେଶ, ମାଧ୍ୟମିକ ସ୍ତରରେ ବିଷୟ ହିସାବରେ ଭାରତୀୟ ସାଙ୍କେତିକ ଭାଷାର ଶୁଭାରମ୍ଭ ସହ ଏନସିଇଆରଟି ଦ୍ୱାରା ପ୍ରସ୍ତୁତ ଶିକ୍ଷକମାନଙ୍କ ତାଲିମ ନେଇ ଏକ ସମନ୍ୱିତ କାର୍ଯ୍ୟକ୍ରମ ନିଷ୍ଠା ୨.୦, ସଫଳ, ଜନତାଙ୍କ ସଚେତନତା ପାଇଁ ସଫଳ ଗ୍ରେଡ, ୩, ୫,ଓ ୮ ସିବିଏସଇ ସ୍କୁଲ ପାଇଁ ଏକ ଦକ୍ଷତାଯୁକ୍ତ ଆକଳନ ପଦ୍ଧତି ଓ କୃତିମ ମେଧା ପାଇଁ ଏକ ଉତ୍ସର୍ଗୀକୃତ ଏକ ୱେବସାଇଟ୍,ଏକାଡ଼େମିକ୍ ବ୍ୟାଙ୍କ ଅଫ୍ କ୍ରେଡ଼ିଟ୍ ଏବଂ ମଲଟିପୁଲ ଏଂଟ୍ରି-ଏକଜିଟ, ଆଂଚଳିକ ଭାଷାରେ ପ୍ରଥମବର୍ଷର ଇଞ୍ଜିନିୟରିଂ ପାଠ୍ୟକ୍ରମ, ଉଚ୍ଚ ଶିକ୍ଷାର ଆଭ୍ୟନ୍ତରୀଣ ପାଇଁ ମାଗଦର୍ଶିକା, ନ୍ୟାସନାଲ ଡ଼ିଜିଟାଲ ଅଜୁକେସନ ଆର୍କିଟେକର(ଏନଡ଼ିଇଏଆର) ଏବଂ ନ୍ୟାସନାଲ ଏଜୁକେସନ ଟେକ୍ନୋଲୋଜି ଫୋରମ (ଏଇଟିଏଫ)ର ଶୁଭାରମ୍ଭ କରିଥିଲେ ଏହି ଏକାଧିକ ପଦକ୍ଷେପ ଗୁଡ଼ିକର ଶୁଭାରମ୍ଭ ଜାତୀୟ ଶିକ୍ଷା ନୀତି ୨୦୨୦ର ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବ। ଏହି ଅବସରରେ ଶ୍ରୀ ପ୍ରଧାନ ନୂତନ ଶିକ୍ଷା ନୀତିର ଚିଠା ପ୍ରସ୍ତାବକୁ ପ୍ରସ୍ତୁତ କରିଥିବାରୁ ପଦ୍ମବିଭୂଷଣ ଡ଼ା. କେ କସ୍ତୁରିରଙ୍ଗନ, ଶିକ୍ଷାବିତ୍ ଏବଂ ବୁଦ୍ଧିଜୀବୀଙ୍କୁଧନ୍ୟବାଦ ଦେବା ସହ ପ୍ରଧାନମନ୍ତ୍ରୀଙ୍କୁ ଶିକ୍ଷା ନୀତିରେ ଏକାଧିକ ପଦକ୍ଷେପ ଏବଂ ମାର୍ଗଦର୍ଶନ ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ।

### ବିଚାରପତିଙ୍କୁ ଗାଡି ...

ସୁପ୍ରିମ୍‌କୋର୍ଟ ସଂଜ୍ଞାନକୁ ନେଇଛନ୍ତି ବୋଲି କହିଛନ୍ତି। ଝାଡଖଣ୍ଡ ହାଇକୋର୍ଟରେ ଚାଲିଥିବା ଉକ୍ତ ମାମଲାର ବିଚାର ପ୍ରକ୍ରିୟାରେ ସୁପ୍ରିମ୍‌କୋର୍ଟ ହସ୍ତକ୍ଷେପ କରୁନାହାନ୍ତି ବୋଲି ମଧ୍ୟ ସ୍ପଷ୍ଟ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଧାନବାଦରେ ବିଚାରପତିଙ୍କୁ ଏକ ଅଟୋ ମଡାଇ ହତ୍ୟା କରିବା ଘଟଣାରେ ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି ଯେ, ବିଚାରପତି ଆନନ୍ଦ ଏକ ଚଉଡା ରାସ୍ତାର ଗୋଟିଏ ପାର୍ଶ୍ୱରେ ଜଗିଂ କରୁଥିଲେ। କିନ୍ତୁ ସେହି ସମୟରେ ତାଙ୍କୁ ଏକ ଅଟୋ ପିଟି ଦେଇ ଆଗକୁ ପଳାଇଥିଲା। ଘଟଣାସ୍ଥଳରେ ବିଚାରପତି ରକ୍ତାକ୍ତ ଅବସ୍ଥାରେ ପଡିଯାଇଥିଲେ। ସ୍ଥାନୀୟ ଲୋକ ବିଚାରପତିଙ୍କୁ ଡାକ୍ତରଖାନା ନେଇଥିଲେ ମଧ୍ୟ ତାଙ୍କୁ ମୃତ ଅବସ୍ଥାରେ ଅଣାଯାଇଥିବା ଡାକ୍ତର ଘୋଷଣା କରିଥିଲେ। ବିଚାରପତି ଆନନ୍ଦ ନିକଟରେ କେତେଜଣ ଜାମିନ ହାଇପ୍ରୋଫାଇଲ ଜାମିନ ଆବେଦନକୁ ଖାରଜ କରିଥିଲେ।

### ସ୍ୱାଭିମାନର ସହ ବଞ୍ଚିବା ...

ରାଜ୍ୟ ସରକାର ମାଗଣାରେ ପିଲାମାନଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା କରିଛନ୍ତି। ଜୋତା ଠାରୁ ଆରମ୍ଭ କରି ପୋଷାକ, ବହି, ସାଇକେଲ ସବୁ ସରକାର ଯୋଗାଇ ଦେଉଛନ୍ତି। ସ୍ୱାସ୍ଥ୍ୟ ସୁବିଧା ପାଇଁ ସବୁ ସରକାରୀ ଡାକ୍ତରକାନାରେ ସମସ୍ତଙ୍କ ପାଇଁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଛି। ତା ସହିତ ଗରିବ ଲୋକଙ୍କ ପାଇଁ ବିଭିନ୍ନ ରୋଜଗାର ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଉଛି। ମିଶନ ଶକ୍ତି କାର୍ଯ୍ୟକ୍ରମ ମଧ୍ୟ ଗରିବ ପରିବାରର ମା ମାନଙ୍କୁ ରୋଜଗାର ଦେଇଛି। ଚାଷୀଙ୍କ ପାଇଁ କାଳିଆ ଯୋଜନା ସାରା ଦେଶରେ ଆଦର ଲାଭ କରିଛି ବୋଲି ସେ କହିଥିଲେ। କୋଭିଡ୍ ମହାମାରୀ ସମୟରେ ଗରିବ ଲୋକଙ୍କ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସେ ଗୁରୁତ୍ୱ ଦେଇ କହିଥିଲେ ଯେ, କୋଭିଡ୍ ମହାମାରୀ ବହୁ ଲୋକ ବିଶେଷକରି, ଗରିବ ଲୋକଙ୍କର ରୋଜଗାର ଉପରେ ଗଭୀର ପ୍ରଭାବ ପକାଇଛି। ତେଣୁ ଗରିବ ଲୋକଙ୍କ ରୋଜଗାର ପାଇଁ ଚାଷୀ, ମହିଳା, ଶ୍ରମିକ ମାନଙ୍କ ପାଇଁ ରାଜ୍ୟ ସରକାର ୨୦୦୦ କୋଟି ଟଙ୍କାର ସହାୟତା ଦେଇଛନ୍ତି। ଆମର ଏହିସବୁ କାର୍ଯ୍ୟକ୍ରମ ଗରିବ ଲୋକର ସାମାଜିକ ସ୍ଥିତିରେ ଉନ୍ନତି ଆଣିଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗରିବ ଲୋକଙ୍କ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଖାଦ୍ୟ ସୁରକ୍ଷାରେ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି ବୋଲି ପ୍ରକାଶ କରି ଏ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱକୁ ସେ ପ୍ରଶଂସା କରିଥିଲେ। ମାଲକାନଗିରିଠାରେ ଉପସ୍ଥିତ ରହି ରାଜ୍ୟ କ୍ରୀଡା ଓ ଯୁବସେବା ତଥା ଇଲେକ୍ଟ୍ରୋନିକ୍ ଓ ଆଇଟି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଲେ ଯେ, ଭିଟାମିନଯୁକ୍ତ ଚାଉଳ ମାଲକାନଗିରିର ଜନସାଧାରଣଙ୍କ ପୁଷ୍ଟି ସୁରକ୍ଷାରେ ସହାୟକ ହୋଇପାରିବ। ଗରିବ ଓ ଆଦିବାସୀମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିମୂଳକ ପଦକ୍ଷେପର ଉଚ୍ଚପ୍ରଶଂସା କରିଥିଲେ। ସେହିପରି ବ୍ରହ୍ମପୁର ଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିବା ସହିତ ଗଞ୍ଜାମ ଜିଲ୍ଲାର ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଭୁବନେଶ୍ୱରଠାରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଯୋଗୁ ଓଡ଼ିଶା ଆଜି ଅନେକ କାର୍ଯ୍ୟକ୍ରମରେ ସାରା ଦେଶରେ ଅନ୍ୟ ରାଜ୍ୟମାନଙ୍କ ପାଇଁ ଆଦର୍ଶ ହୋଇପାରିଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆଜି କରୁଛନ୍ତି, ସାରା ଦେଶ ତାକୁ ଗ୍ରହଣ କରୁଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଏବଂ ଭୁବନେଶ୍ୱର କେନ୍ଦ୍ର ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ଭୁବନେଶ୍ୱର ସହରରେ ପାଇଲଟ ପ୍ରୋଜେକ୍ଟ ଭାବରେ ୱାନ ନେସନ, ୱାନ ରେସନ ଯୋଜନା କାର୍ଯ୍ୟକାରୀ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଭି.ଭି. ଯାଦବ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭାଗର ଅତିରିକ୍ତ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପିକେ ଜେନା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପିକେ ମହାପାତ୍ର, କୃଷି ଉତ୍ପାଦନ କମିଶନର ଆରକେ ଶର୍ମା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

## କାହା ସ୍ୱାର୍ଥରେ ପୁରୁଣା ଯାଗାକୁ ଫେରିବ ନୂଆ ବସ୍‌ଷ୍ଟାଣ୍ଡ

**କଳାହାଣ୍ଡି :** କାହା ସ୍ୱାର୍ଥରେ ନୂଆ ଯାଗାରେ ହେବାକୁ ଥିବା ବସ୍‌ଷ୍ଟାଣ୍ଡ ପୁରୁଣା ଯାଗାକୁ ଫେରିଆସୁଅଛି । କିଛିଦିନ ତଳେ କାମଠଣା ନିକଟରେ ନୂଆ ବସ୍ ଟର୍ମିନାଲର ସୁନ୍ଦର ଚିତ୍ର ମୋବାଇଲ ଘୁରିବୁଲୁଥିବା ବେଳେ ସ୍ଥାନୀୟ ବିଧାୟକ, ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଅନେକ ପ୍ରଶଂସା ମିଳିଥିବାର ଚିତ୍ର ମନରୁ ଲିଭି ନ ଥିବା ବେଳେ ଭବାନୀପାଟଣା ସହରରେ ନୂଆଁ ଆଲୋଚନାର ବିଷୟ ହୋଇଅଛି, ବସ୍‌ଷ୍ଟାଣ୍ଡ ଯେଉଁଠାରେ ଥିଲା ସେହିଠାରେ ହିଁ ହେବ। ଦୀର୍ଘ ବର୍ଷ ହେଲା ବସ୍‌ଷ୍ଟାଣ୍ଡ ଠାରୁ ଘୋଡାଘାଟ ଛକ ଓ ଦୟାନିଧି ଛକ ପର୍ଯ୍ୟନ୍ତ ରାସ୍ତା ଓ ରାସ୍ତା କଡର ଅବସ୍ଥା ଯାହା ଥିଲା ସେ ରାସ୍ତାରେ ଏବେ ବି ଦୁଇଟି ଛୋଟ ଗାଡି ଯିବା ଆସିବା କଷ୍ଟକର ହେଉଅଛି । ନୂତନ ବସ୍‌ଷ୍ଟାଣ୍ଡ ସ୍ଥାନ ପରିବର୍ତନ କଳାହାଣ୍ଡି ଜନସାଧାରଣଙ୍କୁ ବହୁତ ଆନନ୍ଦିତ କରିଥିଲା ଓ ପ୍ରକୃତରେ ବସ୍‌ଷ୍ଟାଣ୍ଡ ର ସ୍ଥାନାନ୍ତରିତ ଟ୍ରାଫିକ ସମସ୍ୟା ସହିତ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣାରୁ ଆଶ୍ୱସ୍ତି ମିଳିଥାନ୍ତା । ଯଦି ପ୍ରକୃତରେ ଏ ସବୁକୁ ଜଳାଞ୍ଜଳି ଦେଇ ସେଇ ପୂର୍ବମୁଷିକ ଭବତି ହୁଏ ତେବେ କାହା ସ୍ୱାର୍ଥରେ ?

## ଅବ୍ୟବସ୍ଥା ଘେରରେ କଳାହାଣ୍ଡି ତହସିଲ

**କଳାହାଣ୍ଡି,(ବିଶ୍ୱଜିତ୍ ମହାନ୍ତି) :** କିଛି ଦିନ ହେବ କଳାହାଣ୍ଡି ତହସିଲ ଅଫିସର କାର୍ଯ୍ୟକଳାପ ସୁଧୁରି ଆସୁଥିବା ବେଳେ ପୁର୍ନବାର ବିଗିଡିବାରେ ଲାଗିଛି ଓ କିଛି ଦିନ ତଳେ ଥିବା ବହୁ ଅଭିଜ୍ଞ କିରାଣୀ ମାନଙ୍କୁ ବିଭିନ୍ନ ଯାଗାକୁ ବଦଳି କରାଯିବା ଓ ନୂଆ ମୁହଁକୁ ଏହି ଅଫିସକୁ ଅଣାଯାଇଅଛି, ଓ ଜଣେ କିରାଣୀଙ୍କୁ ପାଞ୍ଚ ପାଞ୍ଚଟି ବିଭାଗ ଦିଆଯାଇଥିବା ଯୋଗୁଁ ତହସିଲରେ ଦୀର୍ଘ ବର୍ଷ ହେଲା ପଡି ରହିଥିଭଅ ମାଳ ମାଳ ଫାଇଲ ସଂଖ୍ୟା ବୃଦ୍ଧି ହେବାର ଆଶା କରାଯାଉଅଛି। ନୋଜଲ ପ୍ରଜା ସତ୍ୱ ଓ ଅନ୍ୟାନ୍ୟ ଦାଖଲ ଖାରଜ, ପୁରୁଣା କନ୍‌ଭରସ. ତଥା ଅନେକ ରେକର୍ଡ ଫଡିଙ୍ଗ ନ ହୋଇଥିବାର ସମସ୍ୟା ଏବେ ଦେଖା ଯାଉଅଛି ଓ ରେକର୍ଡ ରୁମରୁ ରେକର୍ଡ ହଜି ଯାଇଥିବା କଥା ଲୋକମାନେ ଶୁଣି ଶୁଣି ବଧିରା ହୋଇ ଗଲେଣି। ଅନେକ ପୁରୁଣା ଖାତାରୁ ଜମି ଖାଲି ହୋଇଯିବା କିଣିଥିବା ବ୍ୟକ୍ତିଙ୍କୁ ପ୍ରକାଶ କରାଯାଉଅଛି ଯଦିଓ ଉକ୍ତ ବ୍ୟକ୍ତି ଘର କରି ତା ଯାଗାରେ ଅଛି ତାହା ତହସିଲ ରେକର୍ଡର ମୂଳ ଖାତାରେ ଦେଖାଯାଉନାହିଁ । ଏଥିରୁ ଅନୁମାନ କରାଯାଏ ଏହି କଳାହାଣ୍ଡି ତହସିଲ ଜମି ଦଲାଲଙ୍କ କବଜାରେ ଅଛି । ଏଣୁ ଅନେକ ସରକାରୀ ଜମିକୁ ରାତାରାତି ଭୂନକ୍ସାରେ ପରିବର୍ତନ କରାଯାଉଅଛି ବୋଲି ଆଲୋଚନା ହେଉଅଛି । ଯାହା ଫଳରେ ରେଡ ଜଳସେଚନ ବିଭାଗ ଏବେ ଉପ-ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ଦେଖାଯାଉଅଛି।

ଏହି ତହସିଲର ମେଦୀନିପୁର ରାଜସ୍ୱ ସର୍କଲର ପରମାନନ୍ଦପୁର ଗ୍ରାମର ଅନେକ ଜମି ହେରଫେର ହୋଇ ଲୋକ କୋର୍ଟ ଦ୍ୱାରସ୍ଥ ହେବା ଓ ଭୁଲ୍ ଡିମାରକେସନ ଲୋକମାନଙ୍କୁ ଭ୍ରମେ ପକାଉଅଛି । ଏହି ଅଂଚଳର ଅନେକ ଜମିର ହେରଫେର ହେବାର ତଥ୍ୟ ନଜରକୁ ଆସୁଅଛି । ଆଜି ବି ୨୦୧୬ ମସିହା ଦାଖଲ ଖାରଜ ତହସିଲ ଅଫିସରେ ପଡି ରହିଅଛି । ଏପରିକି କେସର ସାର୍ଟିଫାଏଡ କପି ମାଗିଲେ ରେକର୍ଡ ହଜିଯାଇଥିବାର ସୂଚନା ମିଳୁଅଛି ଓ ବ୍ୟକ୍ତି ବିଶେଷ ମାନେ ୨୦୧୬ ମସିହାରୁ ସାର୍ଟିଫାଏଡ କପି ମାଗି ଏବେ ମଧ୍ୟ ପାଇନାହାଁନ୍ତି । ଓଡିଶା ସରକାରଙ୍କ ରେଭିନ୍ୟୁ ନିୟମ ଏହି ତହସିଲରେ କାର୍ଯ୍ୟ କରୁନାହିଁ ବୋଲି ଅନୁମାନ କରାଯାଉଅଛି । ପୂର୍ବରୁ ଜିଲ୍ଲାପାଳଙ୍କୁ ଏ ବିଷୟରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଧାର ହୋଇ ନାହିଁ । ସବୁ ଠାରୁ ଗରୀବ ଦୁଃଖୀ ଆଦିବାସୀ ଲୋକ ତା ଜାଗା ବିକ୍ରୟ କରି ନିଜ ଝିଅ ପୁଅଙ୍କର ବିବାହ ଓ ଡାକ୍ତରଖାନା ଖର୍ଚ୍ଚ ପାଇବା ପାଇଁ ଙଖଜ ୨୨ ରେ ପରମିସନ୍ ନିମନ୍ତେ ଆବେଦନ କରିଥିଲେ ମଧ୍ୟ ଦୀର୍ଘ ବର୍ଷ ହେଲା ହାତ ଗଣତି କିଛି ମାନ୍ୟଗଣ୍ୟ ବ୍ୟକ୍ତିଙ୍କ କେସ ଛାଡି ଦେଲେ କାହାର ଆପତି ଏ ପର୍ଯ୍ୟନ୍ତ ଶୁଣାଯାଇନାହିଁ । ଓ ମାମଲା ଗୁଡିକ ଉପଜିଲ୍ଲାପାଳଙ୍କ ଠାରୁ ବାରମ୍ବାର ତହସିଲଦାରଙ୍କ ପାଖକୁ ଫେରିଯାଉଅଛି । ନୋଜଲ ପ୍ରଜା କେସ ତହସିଲଦାରଙ୍କ ଠାରୁ ଉପଜିଲ୍ଲାପାଳ ତଥା ଜିଲ୍ଲାପାଳଙ୍କ ପାଖକୁ ଯିବା ଆସିବା କରି ଫାଇଲ ଖୁବ ମୋଟା ହେବାରେ ଲାଗିଛି । ବନ୍ଦୋବସ୍ତ ଅଫିସକୁ ଓକିଲ ମହକିଲ ଯାଦାସ୍ତ ମାଗି ମାଗି କମସେ କମ ଦୁଇ ମାସ ଦୌଡିଲେ ମଧ୍ୟ ଯାଦାସ୍ତ ହସ୍ତଗତ ହେଉନାହିଁ ଯାହା ଫଳରେ ଝଜଚ ଉଇଝର ଗୁଡିକ ଫାଇଲ କରିବାରେ ଅହେତୁକ ବିଳମ୍ବ ହେଉଅଛି । ଯାହା କିଛି ଫାଇଲ ହୋଇଅଛି ତାହା ଜିଲ୍ଲାପାଳଙ୍କ ଅଫିସରେ ପଡିରହିଅଛି । ବହୁ ଦିନର ଛୋଟ ବଡ କେସ ଗୁଡିକ ଜିଲ୍ଲାପାଳଙ୍କ ଅଦାଲତରେ ପଡି ରହିଥିବାର ଦେଖାଯାଉଅଛି । ଅନ୍ୟାନ୍ୟ ଅଫିସର କାର୍ଯ୍ୟ ଅନୁରୁପ ସଦୃଶ । ଜିଲ୍ଲାରେ ଶାସନର ମାଇଲଖୁଣ୍ଟ ଭୁଷୁଡି ପଡିଛି କହିଲେ ଭୁଲ ହେବ ନାହିଁ । ମ୍ୟୁନିସିପାଲିଟି ର ଅବହେଳା ଯୋଗୁଁ ସହରର ୱାର୍ଡ ଓ ରାସ୍ତା ଘାଟ ତଥା ଡ୍ରେନ୍ ସୁନ୍ଦର ଭାବରେ ସଫା ହେଉଥିବାରୁ ରାସ୍ତା ଘାଟରେ ଚାଲି ହେଉନାହିଁ । ଡ୍ରେନ୍ ର ପାଣି ତଳୁ ଉପରକୁ ଯାଉଅଛୁ ଓ ଗଦା ଗଦା ମଇଳା ପଡି ରହିଥିବାରୁ ମଶା ମାନଙ୍କର ବୃଦ୍ଧି ହେଉଥିବାରୁ ଡେଙ୍ଗୁ ଓ ମ୍ୟାଲେରିଆ ର ଆଶଙ୍କା ଏଡାଇ ଦିଆଯାଇପାରିବ ନାହିଁ । ଦୀର୍ଘ ଦୁଇ ବର୍ଷ ହେଲା କଲେଜ ଛକ ଠାରୁ ମେଦିନୀପୁର ଛକ ପର୍ଯ୍ୟନ୍ତ ଅଦ୍ୟବଧି ଲାଇଟ ଜଳୁ ନାହିଁ । କେବେ ଏହି କରୁଣ ପରିସ୍ଥିତି ସୁଧୁରୀ ଜନସାଧାରଣ ନ୍ୟାୟ ପାଇବେ ?

# ସତ୍ୟବାଦୀର ସଖା - ପଣ୍ଡିତ ଗୋଦାବରୀଶ



ଅକ୍ଷୟ କୁମାର ରାଉତ

ସଭ୍ୟତାର ସୂର୍ଯ୍ୟୋଦୟଠାରୁ କେତେ ମହାମନିଷୀ, ଜ୍ଞାନୀ, କବି, ଭାବୁକ, ରସିକ, ମହାପୁରୁଷ ଏହି ସୌନ୍ଦର୍ଯ୍ୟମୟୀ ଉତ୍କଳର ପ୍ରମୋଦ ଉଦ୍ୟାନଙ୍କୁ ଆଲୋକିତକରି ସତ୍ୟ, ଦୟାକ୍ଷମା ଓ ଶନ୍ତିର ଆଦର୍ଶକୁ ଦୀପ୍ତିମନ୍ତ କରିଛନ୍ତି। ସେମାନଙ୍କ ମଧ୍ୟରୁ ସତ୍ୟବାଦୀର ସଖା ପଣ୍ଡିତ ଗୋଦାବରୀଶ ମିଶ୍ର ଅନ୍ୟତମ। ୧୮୮୬ ମସିହା ଅକ୍ଟୋବର ୨୬ ତାରିଖ କାର୍ତୀକ ଦୀପାବଳୀ ଅମାବାସ୍ୟା ଦିନ ପୁରୀ ଜିଲ୍ଲାର ବାଣପୁର ନିକଟସ୍ଥ ଶ୍ରୀନିବାସ ପୁରଶାସନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଲିଙ୍ଗରାଜ ମିଶ୍ର ଥିଲେ ଜଣେ ଚଣ୍ଡୀସାଧକ ଓ ବୈଦ୍ୟ। ଗୋଦାବରୀତୀର୍ଥ ଯାତ୍ରା ପରେ ପୁତ୍ରଲାଭ ହୋଇଥିବାରୁ ପିତାମାତା ଗୋଦାବରୀ ମିଶ୍ର ନାମ ରଖିଥିଲେ। ମାତ୍ର ଭକ୍ତକବି ମଧୁସୁଦନ ଗୋଦାବରୀ ବାଳିକା ନାମକୁ ବାଳକ ନାମ ଗୋଦାବରୀଶ ମିଶ୍ର ରଖିଥିଲେ। ପଣ୍ଡିତ ଗୋଦାବରୀଶ ସ୍କୁଲରେ ପାଠ ପଢୁଥିବା ବେଳୁ ସ୍ତ୍ରୀ ଲୋକଙ୍କ ଭଳି ମୁଣ୍ଡରେ ଚୁଟି ରଖିବା ଓ କାନରେ ନୋଳି ପିନ୍ଧିବା ତାଙ୍କର ଥିଲା ଅଭ୍ୟାସ।

ଗୋଦାବରୀଶଙ୍କର ଶିକ୍ଷା ଗାଁ ଚାଟଶାଳୀର ଅବଧାନ ଗୀରିଧର ମହାନ୍ତିଙ୍କ ପାଖରେ ଆରମ୍ଭ ହୋଇଥିଲା। ଉଚ୍ଚ ପ୍ରାଥମିକ ପରୀକ୍ଷା ପୂର୍ବରୁ ତାଙ୍କର ବିବାହ ସମ୍ପନ୍ନ ହୋଇଗଲା। ବାଣପୁରରେ ମଧ୍ୟ ଓଡିଆ ପଢି ସେ ଦ୍ୱିତୀୟ ଶ୍ରେଣୀରେ ପାସ କରିବାରୁ ବୃତି ମିଳିଲା ନାହିଁ। ତେଣୁ ପାଠପଢା ବନ୍ଦହୋଇଗଲା। ଚଣ୍ଡୀପୂଜା, ଗଙ୍ଗାଷ୍ଟକ ବୈଦିକ କର୍ମକାଣ୍ଡ ଇତ୍ୟାଦି ଶିକ୍ଷାକଲେ । ପିତାଙ୍କ ଅନୁପସ୍ଥିତରେ ଠାକୁର ପୂଜା ଭାରତାଙ୍କ ଉପରେ ପଡିବାରୁ ସେ ଠାକୁରଙ୍କୁ ଖଟୁଳିରୁ ଉଠାଇ ଆଣି ଭାତରେ ମୁହଁମାଡି ଦେଇଥିଲେ। ସେ ଜଣେ ସଂସ୍କାରି ନୀତି ବାନ୍‌ବ୍ରାହ୍ମଣଟି ହୋଇପାରିଲେ ନାହିଁ। ପଇତା ଛିଣ୍ଡାଇ ଆମିଷ ଭୋଜନ କରୁଥିଲେ। ତେଣୁ ଗାଁ ଲୋକେ ଗୋଦାବରିଶଙ୍କୁ କଳାପାହାଡ ନାମରେ ଡାକିଲେ। ପିତା ଲିଙ୍ଗରାଜ ମିଶ୍ରଙ୍କ ଅଭିଳାସ ଥିଲା ପୁଅ ଗୋଟିଏ ଓକିଲ ହେବ। ତେଣୁ ସେ ନିଜର ପୈତୃକ ଜମିରୁ କିଛି ଅଂଶ ବିକି କରି ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢିଲେ। ଅଷ୍ଟମ ଶ୍ରେଣୀ ବାର୍ଷୀକ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ରଖି ପାଶ କରିଥିବାରୁ ରାମକୃଷ୍ଣ ବୋଷ ମାସିକ ୫ ଟଙ୍କା ବୃତି ପାଇବାର ବ୍ୟବସ୍ଥା କରିଦେଲେ। ଗୋଦାବରୀଶ ଦଶମ ଶ୍ରେଣୀରେ ପଢିଲା ବେଳେ ଶଶିଭୂଷଣ ରାୟଚୌଧୁରୀ ସହିତ ପରିଚିତ ହୋଇଥିଲା। ପୁରୀ ବଡଦାଣ୍ଡରେ ବିଦେଶୀ ଲୁଗା ପୋଡା ସମୟରେ ଗୋପବନ୍ଧୁଙ୍କ ସହିତ ପ୍ରଥମ ଥର ଦେଖାହେଲା। ସେ ଶଶିଦାଙ୍କ ମାଧ୍ୟମରେ ଗୋପବନ୍ଧୁଙ୍କର ନିକଟତର ହେଲେ। ଗୋପବନ୍ଧୁଙ୍କ ସ୍ୱେଚ୍ଛାସେବକ ବାହିନୀରେ ଗୋଦାବରୀଶ କାର୍ଯ୍ୟକଲେ।

ଗୋଦାବରୀଶଙ୍କ ପିନ୍ଧାଲୁଗା ଥିଲା ମାତ୍ର ଖଣ୍ଡିଏ। ସେ ଲୁଗାଟିକୁ ଛୁଟି ଦିନରେ ଝରକା ଦେଇ ଧୋବାକୁ ସଫାକରିବାକୁ ଦିଅନ୍ତି ଓ ନିଜେ ଲୁଗା ପାଇବା ପର୍ଯ୍ୟନ୍ତ କବାଟକିଳି ଘରେ ରୁହନ୍ତି। ପିତାଙ୍କର ହଇଜାରେ ମୃତ୍ୟୁଖବର ପାଇ ଘରେ ପହଚିଂବା ପର ମୁହୂର୍ତରେ ତାଙ୍କ ବୋଉ ମଧ ହଇଜାରେ ଦେହ ତ୍ୟାଗକଲେ। ଘରେ ଅନ୍ଧୁଣୀ ବୁଢୀମା ଓ ଆଠବର୍ଷର ଭଉଣୀଙ୍କୁ ଛାଡି ପୁଣି ଫେରିଗଲେ ପାଠ ପଢିବାକୁ । ରାମକୃଷ୍ଣ ବାବୁଙ୍କ ପାଚଂଟଙ୍କା ବୃତିରୁ ଟଙ୍କାଟିଏ ବଳକା କରି ଘରକୁ




ପଠାଉଥିଲେ। ୧୯୦୬ ମସିହାରେ ପ୍ରବେଶିକା ପରିକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ପାଶକରି ଦଶଟଙ୍କା ବୃତି ପାଇଲେ। ଏହିବୃତି ପଇସାରେ କଲେଜରେ ନାମଲେଖାଇ ଚନ୍ଦ୍ରମୋହନ ବାବୁଙ୍କ ବସାରେ ରହିଲେ ଓ ଖାଇଲେ। ତା ବଦଳରେ ତାଙ୍କ ଦୁଇ ପୁଅଙ୍କୁ ପାଠ ପଢାଇଲେ।

୧୯୦୭ ମସିହାରେ ଆଳି ଅଚଂଳରେ ବନ୍ୟାବିପନ୍ନମାନଙ୍କୁ ସାହାଯ୍ୟ କାର୍ଯ୍ୟ କରି ଫେରିବା ବେଳକୁ ସେ ଜ୍ୱରରେ ଆକ୍ରାନ୍ତ ହେଲେ। ଜ୍ୱର ଭଲ ହେବାର କିଛି ଦିନ ଅନ୍ତରରେ ତାଙ୍କର ସାନ ଭଉଣୀ ଉପଯୁକ୍ତ ପଥ୍ୟ ଓ ଔଷଧ ନ ପାଇ ଅତିକଷ୍ଟରେ ମୃତ୍ୟୁବରଣ କରିଥିଲା। ବାଣପୁର ଅଚଂଳରେ କଲେଜ ପଢୁଆ ଯୁବକ ଭାବରେ 'ଭଗବତୀ ପ୍ରସାଦିନୀ' ସମିତିଟିଏ ଗଠନ କରି ସରକାରୀ ଅଫିସରମାନଙ୍କ ବଦ ଅଚରଣ ସମ୍ପର୍କରେ ଆଲୋଚନା କରିବାରୁ ତାଙ୍କୁ ମିଛ କାଠଚୋରି ଅଭିଯୋଗରେ ଫସାଇ ଦିଆଗଲା। ଗୋଦାବରୀଶ ଉପରସ୍ଥ ଅଫିସର ମାନଙ୍କୁ ଜଣାଇବାରୁ ତଦନ୍ତ ହେଲା। ତଦନ୍ତ ପରେ ବାଣପୁରର ସବୁ ସରକାରୀ ଅଫିସରମାନଙ୍କୁ ବଦଳି ଗୋଦାବରୀଶ ତାହାର ସମ୍ପାଦକ ଭାବରେ କାର୍ଯ୍ୟକଲେ। ଏହି ଅନୁଷ୍ଠାନ ତରଫରୁ ଗୋଦାବରୀଶ ସେକସ୍‌ପିୟରଙ୍କର ଏକ ଇଂରେଜୀ ନାଟକରେ ଅଭିନୟ କରୁଥିଲେ। ତାଙ୍କ ଅଭିନୟରେ ଖୁସି ହୋଇ ଇଂରେଜୀ ଅଧାପକ ଗୋଦାବରୀଶଙ୍କୁ ଗୃହ ଶିକ୍ଷକ ଭାବରେ ନିଯୁକ୍ତି ଦେଇଥିଲେ। ବି.ଏ ପାସ ପରେ ଗୋଦାବରୀଶ ଓକିଲାତି ପଢିବା ଲାଗି ମାସିକ ୩୦ଟଙ୍କିଆ ବୃତି ପାଇ କଲିକତାରେ ଓକିଲାତି ପଢିବା ସଙ୍ଗେସଙ୍ଗେ ଏମ୍.ଏ ପାଠ ପଢିଲେ। ଗୋଦାବରୀଶ ଯେଉଁ ଦିନ କଲିକତା ପଢିବାକୁ ବାହାରିଥିଲେ, ସେ ଦିନ ରେଳଷ୍ଟେସନରେ ପ୍ରାୟ ପାଚଂହଜାର ଲୋକ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। କଲିକତାରେ ଶଶିଦା ଓ ନିଳକଣ୍ଠ ଥିବାରୁ ଗୋଦାବରୀଶଙ୍କର ସେଠାରେ ଚଳିବାରେ କିଛି ଅସୁବିଧା ହେଉନଥିଲା।

ଏମ୍.ଏରେ ତୃତୀୟ ଶ୍ରେଣୀ ହୋଇଥିବାରୁ ସେ ବହୁତ ମନ ଦୁଃଖ କରିଥିଲେ। କଲିକତାର ମୂକବଧିର ବିଦ୍ୟାଳୟରେ ସହକାରୀ ପ୍ରଧାନ ଶୀକ୍ଷକ ସହିତ ବିଦେଶରେ ଶିକ୍ଷାସୁଯୋଗ କରାଗଲା । ସେ ପାଉଥିବା ଦଶ ଟଙ୍କା ବୃତିର ପାଚଂଟଙ୍କା ତାଙ୍କ ସ୍ତ୍ରୀ ଓ ମାଙ୍କ ପାଇଁ ପଠାଉଥିଲେ। ଏଫ୍.ଏ ପାସ୍ କରି ଗୋଦାବରୀଶ ଦର୍ଶନ ଶାସ୍ତ୍ରୀରେ ଅନର୍ସ ନେଇ ପାଠପଢିଲେ। କିନ୍ତୁ ତାଙ୍କୁ ୧୦ ଟଙ୍କା ବୃତିଖର୍ଚ୍ଚ ପାଇଁ ନଖଟ ହେଲା। ଘର ଖର୍ଚ୍ଚ ପାଇଁ ଆଉଟଙ୍କା ପଠାଇ ପାରିଲେ ନାହିଁ। କଟକରେ ତରୁଣ ଉତ୍କଳସଂଘ ଗଠନ କରାଗଲା। ଦଲିଲରେ ଦସ୍ତଖତ କରିବା ପୂର୍ବରୁ ସେ ଗୋପବନ୍ଧୁଙ୍କ ଅନୁମତି ଲୋଡିଥିଲେ। ଦୀର୍ଘ ୩୦୦ ମାଇଲ ଦୂରରୁ ଦୋପବନ୍ଧୁ ଲେଖିଥିଲେ ଗୋଦାବରୀଶ ତମେ କଲିକତା ମୂକ ବଧିର ବିଦ୍ୟାଳୟରେ ଶିକ୍ଷକ ହେବାକୁ ଯାଉଛ। ଏଣେ ଓଡିଶାର ଲକ୍ଷ ଲକ୍ଷ ମୂକ ବଧିରଙ୍କ କଥା କଣ ଭୁଲିଗଲ। ତାଙ୍କର ଦଲିଲରେ ଦସ୍ତଖତ କରିବା ସେତିକରେ ରହିଗଲା। ଆଇନ ପାଠ ଶେଷକରି ପଣ୍ଡିତ ଗୋପବନ୍ଧୁଙ୍କର ଆହ୍ୱାନରେ ଗୋଦାବରୀଶ ସେ ସମୟର ସାମାଜିକ ଆବଶ୍ୟକତାକୁ ଲକ୍ଷ୍ୟ କରି ସିଧା ଆସି ସତ୍ୟବାଦୀ ବନ ବିଦ୍ୟାଳୟରେ ୧୯୧୩ ମସିହାରେ ଯୋଗ ଦେଇଥିଲେ। ସେଠାରେ ସେ ୩୦ ଟଙ୍କା ବେତନ ପାଇଲେ। ତିନିବର୍ଷ ଶିକ୍ଷକତା ପରେ ସେ କଲିକତା ଆସି ଶିକ୍ଷକ ଟ୍ରେନଂ ନେଲେ। ସେଠାରେ 'ପୁରୁଷୋତମ' ନାଟକ ରଚନା କରି ପ୍ରକାଶ କରିଥିଲେ। ସେ ଖଣ୍ଡିଏ ଇଂରେଜୀ କବିତା ବହି ସଂକଳନ କରିଥିଲେ।

ମଧୁବାବୁ ଓ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଉଦ୍ୟମ ଚାଲିଥିଲା । ଏହି କାର୍ଯ୍ୟରେ ଗୋଦାବରୀଶ କାମକରିବା ପଇଁ ୧୯୧୯ ମସିହାରେ ଅଗେଇ ଆସି ସିଂହଭୂମିରେ ଥିବା ଲୋକଙ୍କ ମଧରେ ଓଡିଆ ପ୍ରୀତି ଓ ଜାତୀୟତାବାଦ ଜନ୍ମାଇ ଥିଲେ। ଓଡିଆ ଭାଷ ଓ ଶିକ୍ଷାର ପ୍ରସାର ପାଇଁ ଚକ୍ରଧର ପୁରରେ ଏକ ଓଡିଆ ହାଇସ୍କୁଲ ଗୋଦାବରୀଶ ଆରମ୍ଭ କରିଥିଲେ। ସିଂହଭୂମି



କାର୍ଯ୍ୟ ଛାଡି ଗୋଦାବରୀଶ ଜନ୍ମ ସ୍ଥାନ ବାଣପୁରକୁ ଚାଲି ଆସିଲେ । ସେଠାରେ ଶିକ୍ଷର ଉନ୍ନତି ପାଇଁ ଭୁବନାନନ୍ଦ ଦାସ , ମଜୁମଦାର ଓ ଗୋଦାବରିଶ ମିଶି ଏକ 'ଜାତୀୟ ଶିକ୍ଷ ସଦନ' ନାମରେ ଅନୁଷ୍ଠାନ ଗଠନ କରିଥିଲ। ଗୋଦାବରୀଶ ସହକାରୀ ରେଜିଷ୍ଟ୍ରର ହିରି ଦାସରାୟଙ୍କ ସହାୟତାରେ ଦୁଇଟି ସମବାୟ ସମିତି ଓ ଗୋଟିଏ ସମବାୟ ବ୍ୟାଙ୍କ ବାଣପୁରଠାରେ ଆରମ୍ଭ କରିଥିଲେ।




ଗୋଦାବରିଶ ୧୯୪୧ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ପାରଳା ମହାରାଜଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିଲେ। ପାରଳାମହାରାଜ ଓ ଗୋଦାବରିଶଙ୍କ ପ୍ରଚେଷ୍ଟାରେ ଓଡିଶାରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ସ୍ଥାପନ ହୋଇଥିଲା। ୧୯୫୨ ମସିହାରେ ବାଣପୁରର କୃଷ୍ଣପ୍ରସାଦ ନିର୍ବାଚନ ମଣ୍ଡଳୀରୁ ଗୋଦାବରିଶ ନିର୍ବାଚିତ ହୋଇ ଓଡିଶା ବିଧାନସଭାର ସଭ୍ୟ ହେଲେ। ସେ ଥିଲେ ଜଣେ ସମାଜ ସଂସ୍କାରକ ଓ ସୁସାହିତି୍ୟକ ଗୋଦାବରୀଶ ତାଙ୍କ ଜୀବନକାଳରେ ଗୁଡିଏ ଉପାଦେୟ ପୁସ୍ତକ ରଚନା କରିଥିଲେ। ତଙ୍କର 'କାଳିଜାଈ' କବିତା ବେଶ ଲୋକପ୍ରିୟ। ସେ କିଛି ଦିନ ସମାଜର ସମ୍ପାଦକ୍ ଥିଲେ। ବିହାର ଓଡିଶା କାଉନସିଲ୍‌ର ସଭ୍ୟ ହୋଇଥିଲେ।

ଗୋଦାବରିଶ ବ୍ରୀଟିଶ ସରକାରଙ୍କର ବିରୁଦ୍ଧାଚରଣକରି ୭ ଥର ଜେଲ ଦଣ୍ଡ ଭୋଗିଥିଲେ। ସର୍ବମୋଟ ୧୧ ବର୍ଷ ସେ ଜେଲ ଦଣ୍ଡରେ ଦଣ୍ଡିତ ହୋଇଥିଲେ। ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ହଠାତ୍ ଇହଧାମ ତ୍ୟାଗକରି ସେ ଚାଲିଗଲେ ଅମର ପୁରକୁ । ଓଡିଆ ମାଟି, ଓଡିଆ ଭାଷା ଓ ଓଡିଆ ଲୋକଙ୍କୁ ଆଲୋକ ଦେଖାଇ ନିଜେ ଲିଭି ଯାଇଥିଲେ। ଓଡିଆ ମାଟି ହରାଇଥିଲା ଏକ ମହାନ ପଣ୍ଡିତ, ଶିକ୍ଷାବିତ,କବିଓ ଲେଖକ।

*ପାରାଦ୍ୱୀପଗଡ, କୁଜଙ୍ଗ,ଜଗତସିଂହପୁର*
*ମୋ-୯୯୩୭୬୯୧୪୭୫*

# ବନୀକରଣକୁ ତ୍ୱରାନ୍ୱିତ କର: ଜଙ୍ଗଲ ମନ୍ତ୍ରୀ



**ଭୁବନେଶ୍ୱର :** ଏବର୍ଷ ରାଜ୍ୟର ୧ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ବନୀକରଣ ଜାରି ରହିଛି। ଏଥିପାଇଁ ଜଙ୍ଗଲ ବିଭାଗର ୩ ହଜାର ୩୭୫ଟି ନର୍ସରିରେ ୧୦ କୋଟି ୮୬ ଲକ୍ଷ ଚାରା ଉତ୍ପାଦନ ହୋଇଛି। ଏଥିସହିତ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୫୦ ହଜାର ହେକ୍ଟର ଜମିରେ ବନୀକରଣ କରାଯାଇ ୫୭ ଲକ୍ଷ ଗରିବଙ୍କ ଲାଗି ଶ୍ରମ ନିଯୁକ୍ତି ସୃଷ୍ଟି ହୋଇପାରିବ। ଗତ ୧୫ ତାରିଖ ସୁଦ୍ଧା ୪୩ ହଜାର ହେକ୍ଟର ଜମିରେ ୧ ଲକ୍ଷ ୨୬ ହଜାର ଚାରା ରୋପଣ ହୋଇଛି। ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତ ଯୋଜନା ମାଧ୍ୟମରେ ବନୀକରଣ ସହ ଜଙ୍ଗଲ ରାସ୍ତା ମରାମତି ଓ ନିର୍ମାଣ କାର୍ଯ୍ୟ ମଧ ଅନ୍ତର୍ଭୁକ୍ତ କରାଯାଇଛି। ସଂପୃକ୍ତ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ବନଖଣ୍ଡ ଅଧିକାରୀମାନେ ବନୀକରଣକୁ ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ଅଧିକରୁ ଅଧିକ ତ୍ୱରାନ୍ୱିତ କରିବାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବନଖଣ୍ଡ ଅଧିକାରୀ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି। ଲୋକସେବା ଭବନରେ ଭର୍ଚୁଆଲ ମୋଡରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ଆରୁଖ କହିଲେ ବନ୍ୟଜନ୍ତୁ-ମଣିଷ ସଂଘର୍ଷ ହ୍ରାସ କରିବା ପାଇଁ ଗତ ଜାନୁଆରିରେ 'ଜନ ସୁରକ୍ଷା ଗଜ ରକ୍ଷା' ନାମରେ ଏକ ନୂତନ ଯୋଜନା ପ୍ରଣୟନ ହୋଇଛି। ଏହି ଯୋଜନା ମାଧ୍ୟମରେ ଲୋକଙ୍କୁ ନିଜ ଫସଲ ଜମିର ଚାରି ପାର୍ଶ୍ୱରେ ସୌର ବାଡ଼ ନିର୍ମାଣ ପାଇଁ ଉତ୍ସାହିତ କରାଯାଉଛି। ଏଥିପାଇଁ ଓରେଡା ବୈଷୟିକ ଜ୍ଞାନକୌଶଳ ପ୍ରଦାନ କରିବୟ ଜଙ୍ଗଲ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଓ ଅଧିକାରୀଙ୍କ ପେନ୍ସନ, ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ପ୍ରାପ୍ୟ ପ୍ରଦାନକୁ ବନଖଣ୍ଡ ଅଧିକାରୀମାନେ ତ୍ୱରାନ୍ୱିତ କରିବା ଜରୁରୀ। ପ୍ରତି ସପ୍ତାହରେ ଗୋଟିଏ ଦିନ ବନଖଣ୍ଡ ଅଧିକାରୀମାନେ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ସେମାନଙ୍କ ପ୍ରାପ୍ୟ ଶୀଘ୍ର ପ୍ରଦାନର ବ୍ୟବସ୍ଥା କରନ୍ତୁ ବୋଲି ମନ୍ତ୍ରୀ କହିଥିଲେ। ବିଭାଗୀୟ ସଚିବ ମୋନା ଶର୍ମା ଯୋଗଦେଇ କାର୍ଯ୍ୟକାରୀ ହେଉଥିବା ଅଭିନବ ଯୋଜନା ଓ କାର୍ଯ୍ୟକ୍ରମର କିଭଳି ସଫଳ ରୂପାୟନ ହୋଇପାରିବ ସେଦିଗରେ ପଦକ୍ଷେପ ନେବାକୁ ଡିଏଫଓମାନଙ୍କୁ ମରାମର୍ଶ ଦେଇଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଶଶି ପଲ୍‌ଙ୍କ ସମେତ ବିଭାଗର ଅଧିକାରୀମାନେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

### ଆଗକୁ ପଞ୍ଚାୟତ ନିର୍ବାଚନ

# ମହିଳା ଜନପ୍ରତିନିଧିଙ୍କ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ

**ଭଦ୍ରକ :** ସରକାର ମହିଳାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିବା ସହ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ କରିଛନ୍ତି। ରାଜନୀତି କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିବାରୁ ୨୦୧୭ ପଂଚାୟତ ନିର୍ବାଚନରେ ୫୦ ପ୍ରତିଶତ ସିଟ୍ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଥିଲା। ଗ୍ରାମପଂଚାୟତ ପୁର୍ନଗଠନ ଆଇନ ଅନୁଯାୟୀ ୨୦୧୬ ମସିହାରେ ଭଦ୍ରକ ଜିଲ୍ଲା ରେ ୨୬ଟି ନୂଆ ପଂଚାୟତ ଗଠନ ହୋଇଥିଲା ଏବଂ ପଂଚାୟତ ସଂଖ୍ୟା ୧୯୨ରୁ ୨୧୮ରେ ପହଂଚିଥିଲା। ୨୦୧୭ ପଂଚାୟତ ନିର୍ବାଚନରେ ୨୧୮ପଂଚାୟତ ମଧ୍ୟରୁ ୧୦୯ଟି ପଂଚାୟତରେ ମହିଳା ସରପଂଚ ଓ ସମିତିସଭ୍ୟା ନିର୍ବାଚିତ ହୋଇଥିଲେ । ଏହି ପରିପ୍ରେକ୍ଷିରେ ବନ୍ତ ବ୍ଲକର ୨୫ଟି ପଂଚାୟତରୁ ପୁରୁଷଣ୍ଡ, ବଡ଼ମହିଁଷଗୋଠ, ମହାନ୍ତିପଡ଼ା, କାଦବରାଙ୍ଗ, ଆଡ଼ିଆ, କେନ୍ଦୁଆପଦା, ଟିଲୋ, ସେଣ୍ଡତିରା, ଓ ଗୋବିନ୍ଦପୁର ଏହିପରି ୯ଟି ପଂଚାୟତରେ ମହିଳା ସରପଂଚ କ୍ଷମତା ହାସଲ କରିଥିଲେ। ତନ୍ମଧ୍ୟରୁ ଆଗରପଡ଼ା ଥାନା ଅନ୍ତର୍ଗତ




ପୁରୁଷଣ୍ଡ,ବଡ଼ମହିଁଷଗୋଠ,ମହାନ୍ତିପଡ଼ା,କାଦବରାଙ୍ଗ ଏବଂ ଆଡ଼ିଆ ପଂଚାୟତ ଅନ୍ୟତମ। ଉକ୍ତ ୫ଟି ପଂଚାୟତ ମଧ୍ୟରୁ ମହାନ୍ତିପଡ଼ା ପଂଚାୟତକୁ ଛାଡ଼ି ଅନ୍ୟ ୪ଟି ପଂଚାୟତରେ କଂଗ୍ରେସ ଦଳର ମହିଳା ସରପଂଚ କ୍ଷମତା ହାସଲ କରିଥିଲେ। ଉକ୍ତ ପଂଚାୟତର ପଂଚାୟତବାସୀ ବହୁ ଆଶା ରଖି ଉକ୍ତ ସରପଂଚଙ୍କୁ ବିଜୟୀ କରାଇଥିବାବେଳେ ଇତି ମଧ୍ୟରେ କାର୍ଯ୍ୟକାଳକୁ ୫ବର୍ଷ ବିତିସାରିଥିଲେ ସୁଦ୍ଧା ବହୁ କ୍ଷେତ୍ରରେ ମହିଳାମାନେ କେବଳ ସରପଂଚ ସିଟ୍‌କୁ ଜାବୁଡ଼ି ଧରିଥିବା ବେଳେ ସେମାନଙ୍କ ସ୍ୱାମୀ ସରପଂଚଙ୍କ କାର୍ଯ୍ୟ ନିର୍ବାହ କରୁଛନ୍ତି। ବହୁ ପଂଚାୟତବାସୀ ସରପଂଚଙ୍କୁ ଚିହ୍ନି ମଧ୍ୟ ପାରିନାହାନ୍ତି । ପ୍ରତ୍ୟେକ ସରକାରୀ କିମ୍ବା ବେସରକାରୀ ସଭାସମିତିରେ ସରପଂଚଙ୍କ ପରିବର୍ତ୍ତେ ସରପଂଚ ପ୍ରତିନିଧି ଅର୍ଥାତ ସେମାନଙ୍କ ସ୍ୱାମୀ ମାନଙ୍କ ଉପସ୍ଥିତି ପରିଲକ୍ଷିତ ହେଉଛି। ସରକାରୀ ଦପ୍ତରରେ ସରପଂଚଙ୍କ ପରିବର୍ତ୍ତେ ସେମାନଙ୍କ ସ୍ୱାମୀଙ୍କ ରାଜୁତି ଚାଲୁଛି। ପଂଚାୟତର ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥର ବ୍ୟବହାର କିପରି ହେଉଛି ଯଦି ପ୍ରଶ୍ନ କରାଯାଏ ତାହାର ଉତ୍ତର ମଧ୍ୟ ସରପଂଚଙ୍କ ଠାରୁ ମିଳିବା କଷ୍ଟକର ହୋଇପଡୁଛି। କୋଭିଡ୍-୧୯ ପରି ମହାମାରୀ ସମୟରେ ସରପଂଚଙ୍କୁ ଜିଲ୍ଲାପାଳ କ୍ଷମତା ପ୍ରଦାନ କରାଯାଇଥିଲେ ସୁଦ୍ଧା ସେମାନେ ପଂଚାୟତବାସୀଙ୍କ ପାଇଁ ଆଖି ଦୃଶିଆ କାମ କରିଥିବା ନଜରକୁ ଆସିନାହିଁ। ତେଣୁ ମହିଳାମାନଙ୍କ ପାଇଁ ସଂରକ୍ଷିତ ବ୍ୟବସ୍ଥା କ'ଣ ପାଇଁ ବୋଲି ପ୍ରଶ୍ନ ଉଠିବା ସହ ଏହା ପ୍ରହସନରେ ପରିଣତ ହୋଇଥିବା ଜଣାପଡ଼ିଛି। ତେବେ ଆଗାମୀ ପଂଚାୟତ ନିର୍ବାଚନ ବେଳକୁ ଏହି ୫୦ ପ୍ରତିଶତ ସଂରକ୍ଷିତ ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ କରି ମହିଳା ପ୍ରତିନିଧିମାନେ ରବର ଷ୍ଟାମ୍ପ ନହୋଇ ସେମାନଙ୍କ କାର୍ଯ୍ୟ ନିଜେ ସଂପାଦନା କରିବା ବ୍ୟବସ୍ଥା ସରକାରଙ୍କ ତରଫରୁ କରାଯିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



# ଏଣିକି ହାଇକୋର୍ଟରେ ମାମଲା ଶୁଣାଣିର ହେବ ସିଧା ପ୍ରସାରଣ



**କଟକ :** ଏଣିକି ହାଇକୋର୍ଟରେ ମାମଲା ଶୁଣାଣିର ସିଧା ପ୍ରସାରଣ ସାଧାରଣ ଲୋକେ ଦେଖି ପାରିବେ। ଏ ନେଇ 'ହାଇକୋର୍ଟ ଅଫ୍ ଓଡ଼ିଶା ଲାଇଭ୍ ଷ୍ଟ୍ରିମିଂ ଅଫ୍ କୋର୍ଟ ପ୍ରୋସିଡିଂସ୍ ରୁଲ୍ସ-୨୦୨୧' ପ୍ରଣୟନ କରାଯାଇଛି। ଏହି ନୂତନ ନିୟମାବଳୀ ଅଗଷ୍ଟ ୨ରୁ କାର୍ଯ୍ୟକାରୀ ହେବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ଫିଜିକାଲ, ଭର୍ଚୁଆଲ୍ ତଥା ହାଇବ୍ରିଡ୍ ବ୍ୟବସ୍ଥାରେ ହାଇକୋର୍ଟରେ ମାମଲା ଶୁଣାଣି ସମୟରେ ଓପନ କୋର୍ଟ ପ୍ରସଙ୍ଗ କାର୍ଯ୍ୟକାରୀକୁ ଅଧିକ ବ୍ୟାପକ କରିବା ଉଦ୍ଦେଶ୍ୟ ନେଇ ଏହି ନିୟମାବଳୀ କରାଯାଇଛି। ମାମଲା ଶୁଣାଣି ପ୍ରକ୍ରିୟା(କୋର୍ଟ ପ୍ରୋସିଡିଂ) ସିଧା ପ୍ରସାରଣ(ଲାଇଭ ଷ୍ଟ୍ରିମିଂ) କାର୍ଯ୍ୟ ହାଇକୋର୍ଟଙ୍କ ଦ୍ୱାରା ଅନୁମତିପ୍ରାପ୍ତ ବ୍ୟକ୍ତି/କର୍ମଚାରୀ କରିବେ। ମାମଲା ଶୁଣାଣିର ସିଧା ପ୍ରସାରଣ ସଂପର୍କିତ ୱେବ୍ ଲିଙ୍କ୍ ହାଇକୋର୍ଟ ୱେବସାଇଟରେ ଏବଂ ସଂପୃକ୍ତ ଖଣ୍ଡପୀଠଙ୍କ କଜ୍‌ଲିଷ୍ଟରେ ପ୍ରକାଶ ପାଇବ। ପାରିବାରିକ ବିବାଦ, ଶିଶୁ, ବାଳଅପରାଧ, ପୋକ୍ସ ଆଇନ, ଜୁଭେନାଇଲ ଜଷ୍ଟିସ (କେୟାର ଆଣ୍ଡ ପ୍ରୋଟେକ୍ସନ ଅଫ୍ ଚିଲ୍ଡ୍ରେନ୍) ଆକ୍ଟ, ୨୦୧୫, ଆଇପିସିର ଦଫା ୩୭୬ ସମେତ ଦୁଷ୍କର୍ମ ସଂକ୍ରାନ୍ତୀୟ ମାମଲା, ମହିଳାଙ୍କ ସହିତ ଲିଙ୍ଗଭେଦ ସଂପର୍କିତ ହିଂସା, ଅଫିସିଆଲ ସିକ୍ରେଟ୍ସ ଆକ୍ଟ, ୧୯୨୩ ବା ଜାତୀୟ ସୁରକ୍ଷା ସଂପର୍କିତ ମାମଲା, ହେବିୟସ କର୍ପସ, ଇନ୍ କ୍ୟାମେରା ପ୍ରୋସିଡିଂସ୍ ଓ ଅନ୍ୟ କେତେକ ମାମଲାର ସିଧା ପ୍ରସାରଣକୁ ବାଦ ଦିଆଯାଇଛି। ଏଥି ସହିତ କେଣସି ମାମଲାର ଶୁଣାଣି ସିଧା ପ୍ରସାରଣ ପାଇଁ ଯୋଗ୍ୟ ନୁହେଁ ବୋଲି ଯଦି ଖଣ୍ଡପୀଠ ମତ ଦିଅନ୍ତି ତେବେ ଏହାକୁ ମଧ୍ୟ ବାଦ ଦିଆଯିବ। ଏଥି ସହିତ ପକ୍ଷ, ଆଇନଜୀବୀ କେଣସି ମାମଲାର ସିଧା ପ୍ରସାରଣ ବନ୍ଦ ରଖିବାକୁ ଅନୁରୋଧ କରି ପାରିବେ। ଯଦି ଖଣ୍ଡପୀଠ ଏପରି ଅନୁରୋଧକୁ ଉପଯୁକ୍ତ ବୋଲି ଗ୍ରହଣ କରନ୍ତି ତେବେ ସିଧା ପ୍ରସାରଣ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇ ପାରିବେ। ନ୍ୟାୟର ସ୍ୱାର୍ଥ ଦୃଷ୍ଟିରୁ ଜରୁରୀ ପରିସ୍ଥିତିରେ ମଧ୍ୟ ମାମଲା ଶୁଣାଣିର ସିଧା ପ୍ରସାରଣ ବନ୍ଦ ପାଇଁ ବିଚାରପତି ନିର୍ଦ୍ଦେଶ ଦେଇ ପାରିବେ। କୋର୍ଟ ପ୍ରୋସିଡିଂର ସିଧା ପ୍ରସାରଣକୁ କେଣସି ବ୍ୟକ୍ତି ଅଧିକାର ବୋଲି ଦାବି କରି ପାରିବେ ନାହିଁ। ଲାଇଭ ଷ୍ଟ୍ରିମିଂ ଭିଡିଓର ଅନଧିକୃତ ବ୍ୟବହାର କରାଯାଇ ପାରିବ ନାହିଁ। କୋର୍ଟ ପ୍ରୋସିଡିଂର ସିଧା ପ୍ରସାରଣ କରାଯାଉଥିବା ଭିଡିଓକୁ ଅଦାଲତି ପ୍ରକ୍ରିୟାରେ ପ୍ରମାଣ ଭାବେ ବ୍ୟବହାର କରାଯାଇ ପାରିବ ନାହିଁ ଓ ଗ୍ରହଣୀୟ ହେବ ନାହିଁ। ମାମଲା ଶୁଣାଣିର ସିଧା ପ୍ରସାରଣ ବେଳେ କୌଣସି ଟୀପ୍ପଣୀ, ମତାମତକୁ ଅଦାଲତି ପ୍ରକ୍ରିୟାର ଅଂଶ ଭାବେ ବା ଅଫିସିଆଲ ଭର୍ସନ ଭାବେ ଗ୍ରହଣ କରାଯିବ ନାହିଁ। ଖଣ୍ଡପୀଠଙ୍କ ରାୟ, ନିର୍ଦ୍ଦେଶ ଓ ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ଜାରି ଏ ସଂପର୍କିତ ସାର୍ଟିଫାଏଡ କପିକୁ କେବଳ ପ୍ରମାଣସିଦ୍ଧ ଭାବେ ଗ୍ରହଣ କରାଯିବ। ଅଦାଲତରେ ମାମଲା ଶୁଣାଣି ପ୍ରକ୍ରିୟାରେ ଅଂଶ ଗ୍ରହଣ ବେଳେ ଶୃଙ୍ଖଳା ରକ୍ଷା କରାଯିବ ବୋଲି ଏ ସଂପର୍କିତ ନିୟମାବଳୀରେ ସ୍ପଷ୍ଟ କରାଯାଇଛି।

# ୨୦୮୩ କୋଟିର ୭ ପ୍ରକଳ୍ପ ମଞ୍ଜୁର

**ଭୁବନେଶ୍ୱର :** ଦୁଇ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଆଇଓସିଏଲ୍ ଓ ଏଚ୍‌ପିସିଏଲ୍‌ର ଇଥାନାଲ ପ୍ଲାଣ୍ଟ ସ୍ଥାପନ ପ୍ରକଳ୍ପ ସମେତ ମୋଟ ୨୦୮୩.୮୮ କୋଟି ଟଙ୍କାର ୭ଟି ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ ମିଳିଛି। ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ଏହି ୭ଟି ପୁଞ୍ଜିନିବେଶ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି ଓ ଏହା ଦ୍ୱାରା ରାଜ୍ୟରେ ୨୧୪୪ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ଆର୍ଥିକ ଗତିବିଧି ବୃଦ୍ଧି ପାଇବା ସହ ବହୁ ପରିମାଣର ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟ ସଚିବ ଶ୍ରୀ ମହାପାତ୍ର କହିବା ସହ ପ୍ରକଳ୍ପ ଗୁଡିକ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକ ଜମି ଓ ଜଳର ବାସ୍ତବ ଆକଳନ କରି ସେମାନଙ୍କୁ ଯୋଗାଇ ଦେବାକୁ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ଓ ଅକ୍ଷୟ ଶକ୍ତି, ପର୍ଯ୍ୟଟନ ଓ ଖାଦ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପ ଗୁଡିକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ ମିଳିଛି। ଯେଉଁସବୁ ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ ମିଳିଛି ସେଥିରେ ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସିଏଲ୍) ଦ୍ୱାରା ୮୭୦ କୋଟି ଟଙ୍କା ବ୍ୟୟରେ ବାଲେଶ୍ୱର ବାଳଗୋପାଳପୁର ଶିଳ୍ପାଞ୍ଚଳରେ ଥଥାନାଲ ପ୍ଲାଣ୍ଟ ଓ୮ ମେଗାୱାଟର ବିଦ୍ୟୁତ୍ ଉତ୍ପାଦନ ପ୍ଲାଣ୍ଟ ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହା କାର୍ଯ୍ୟକ୍ଷମ ହେଲେ ୧୯୪ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ (ଏଚ୍‌ପିସିଏଲ) ୫୦୦ କୋଟି ଟଙ୍କା ବ୍ୟୟରେ ନବରଙ୍ଗପୁରର ଉମରକୋଟଠାରେ ଇଥାନଲ ପ୍ଲାଣ୍ଟ ନିର୍ମାଣ କରିବ। ଏଥିରେ ୨୪୦ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ମିଳିବ। ନ୍ୟୁଲଟ୍ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ୧୨୫ କୋଟି ଟଙ୍କା ବ୍ୟୟରେ ଅନୁଗୁଳ ଜିଲ୍ଲାରେ ବନ୍ତଳା ନିକଟରେ ବାୟୋଗ୍ୟାସ୍ ପ୍ଲାଣ୍ଟ ଓ ୨.୨୦ ମେଗାୱାଟ୍ ବିଶିଷ୍ଟ ପାୱାର ପ୍ଲାଣ୍ଟ ସ୍ଥାପନ କରାଯିବ। ଏଥିରେ ୬୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚର ପ୍ରାଃ ଲିମିଟେଡ୍ ୧୫୦ କୋଟି ଟଙ୍କା ବ୍ୟୟରେ କୁଜଙ୍ଗରେ ଏକ ମଲଟି ମୋଡାଲ ଲଜିଷ୍ଟିକ୍ ପାର୍କ ସ୍ଥାପନ କରିବ। ଏଥିରେ ୧୦୦ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ। ସେହିପରି ବଲାଙ୍ଗିରର ସଇଁତଳାଠାରେ ଆଦିତ୍ୟ ବିର୍ଲା ରିନ୍ୟୁଏବଲ୍ ଲିଃ ଦ୍ୱାରା ୮୯.୪୪ କୋଟି ଟଙ୍କା ବ୍ୟୟରେ ୧୮.୭୫ ମେଗାୱାଟ ବିଶିଷ୍ଟ ସୋଲାର ପାୱାର ପ୍ଲାଣ୍ଟ ନିର୍ମାଣ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପ୍ରାୟ ୨୮ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଅନ୍ୟ ଦୁଇଟି ପଞ୍ଚତାରକା ହୋଟେଲ ପ୍ରକଳ୍ପକୁ ମଧ୍ୟ ସିଙ୍ଗିଲିୱିଣ୍ଡୋ ମଞ୍ଜୁରୀ ମିଳିଛି। ଆଟମୋସ୍ଫିୟର କୋର ଇଣ୍ଡିଆ ପ୍ରାଃ ଲିମିଟେଡ୍ ଦ୍ୱାରା ଖୋର୍ଦ୍ଧା ଜିଲ୍ଲାରେ ୧୮୪.୬୪ କୋଟି ଟଙ୍କା ବ୍ୟୟରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣ କରାଯିବ। ଏଥିରେ ୪୬୯ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଡିଏନ୍ ହୋମସ ପ୍ରାଃ ଲିଃ ଦ୍ୱାରା ଭୁବନେଶ୍ୱରର ଚନ୍ଦକା ନିକଟରେ ୧୬୪.୮୦ କୋଟି ଟଙ୍କା ବ୍ୟୟରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ହୋଟେଲ କାର୍ଯ୍ୟକ୍ଷମ ହେଲେ ୪୬୩ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଏହି ସିଙ୍ଗଲ୍‌ୱିଣ୍ଡୋ ଅଥରିଟି ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜଙ୍ଗଲ ଓ ପରିବେଶ ସଚିବ ମୋନା ଶର୍ମା, ଶିଳ୍ପ ସଚିବ ହେମନ୍ତ କୁମାର ଶର୍ମା, ଜଳସମ୍ପଦ ସଚିବ ଅନୁ ଗର୍ଗ, ଅର୍ଥ ସଚିବ ଅଶୋକ କୁମାର ମୀନା ଓ ଇପିକଲ ଏମ୍‌ଡି ବିଏସ୍ ପୁନିଆଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦେଶର ୫୯% ଅଞ୍ଚଳକୁ ଭୂକମ୍ପ ଭୟ

**ନୂଆଦିଲ୍ଲୀ :** ଏକାଧିକ ଭୂକମ୍ପ ଝଟକା ଗତ ସପ୍ତାହରେ ଭାରତର ଉତ୍ତର ଭାଗରେ ଦେଖିବାକୁ ମିଳିଛି। ଅନେକ ଭୂକମ୍ପ ଝଟକା ମଧ୍ୟରୁ ରାଜସ୍ଥାନର ବିକେନାରରେ ଲୋକମାନେ ୫.୩ ତୀବ୍ରତାର ଝଟକା ଅନୁଭବ କରିଥିବା ବେଳେ ହାଇଦ୍ରାବାଦରେ ବି ୪.୦ ତୀବ୍ରତାର ଭୂକମ୍ପ ରେକର୍ଡ କରାଯାଇଛି। କିନ୍ତୁ ଏବେ ନୂଆ ତଥ୍ୟରୁ ଜଣାପଡିଛି ଯେ ଦେଶର ୫୯% ଅଞ୍ଚଳ ପ୍ରତି ଭୂକମ୍ପର ଭୟ ସର୍ବାଧିକ ରହିଛି। ଏହି ୫୯% ଅଞ୍ଚଳରେ ଭିନ୍ନଭିନ୍ନ ତୀବ୍ରତାର ଭୂକମ୍ପ ଅନୁଭୂତ ହେବାରେ ଆଶଙ୍କା ରହିଥିବା ସର୍ଭେରୁ ଜଣାପଡିଛି। ଭୂବିଜ୍ଞାନୀ ବିଭାଗର ମନ୍ତ୍ରୀ ଡା ଜିତେନ୍ଦ୍ର ସିଂହ ଲୋକସଭାରେ ଏପରି ତଥ୍ୟ ଦେଇଛନ୍ତି। ସେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି, ନୂଆ ମ୍ୟାପ୍‌ରେ ଭାରତର ସମସ୍ତ ଅଞ୍ଚଳକୁ ଭୂକମ୍ପ ଦୃଷ୍ଟିକୋଣରୁ ୪ଟି ଜୋନରେ ବିଭକ୍ତ କରାଯାଇଛି। ଜୋନ୍ ଭି'ରେ ଭୂକମ୍ପର ଆଶଙ୍କା ସବୁଠାରୁ ଅଧିକ ଥିବା ବେଳେ ଜୋନ୍ ୨ରେ ସାମାନ୍ୟ କମ ରହିଛି। ଜୋନ ଭି'ରେ ଦେଶର ୧୧% ଅଞ୍ଚଳର ରହିଥିବା ବେଳେ ଜୋନ୍ ଆଇଭି'ରେ ୧୮%, ଜୋନ୍ ୩ରେ ୩୦% ଓ ବାକି ଅଞ୍ଚଳକୁ ଜୋନ୍ ୨ରେ ରଖାଯାଇଛି। ଜୋନ୍ ଭି'ରୁ ଜୋନ୍ ୩ରେ ଥିବା ଅଞ୍ଚଳ ଗୁଡିକରେ ଭୂକମ୍ପ ଝଟକା ଅନୁଭୂତ ହେବାର ଅଧିକ ଆଶଙ୍କା ରହିଛି। ବିଭିନ୍ନ ପ୍ରକାରର ଭୂତଳ ଚଳପ୍ରଚଳ ଓ ପୁରୁଣା ତଥ୍ୟକୁ ଆଧାର କରି କେଉଁ ଅଞ୍ଚଳ ପ୍ରତି ଭୂକମ୍ପର ଆଶଙ୍କା କେତେ ରହିଛି, ତା'କୁ ଚିହ୍ନଟ କରାଯାଇଛି। ଏନ୍‌ଏସ୍‌ଏନ୍ ପକ୍ଷରୁ ୧୧୫ଜଣ ପର୍ଯ୍ୟବେକ୍ଷକଙ୍କୁ ଦେଶର ବିଭିନ୍ନ ପ୍ରାନ୍ତକୁ ପଠାଯାଇ ଭୂତଳ ଗତିବିଧିର ଯାଞ୍ଚ କରାଯାଇଥିଲା। ଏହାଦ୍ୱାରା ଯଦି କୌଣସି ସ୍ଥାନରେ ଭୂକମ୍ପ ହୁଏ, ଏହି ତଥ୍ୟ ଆଧାରରେ କେନ୍ଦ୍ର ଓ ରାଜ୍ୟର ବିପର୍ଯ୍ୟୟ ପ୍ରଶମନ ଟିମ୍ ନିଜକୁ ପ୍ରସ୍ତୁତ କରିପାରିବ ଏବଂ ଉଦ୍ଧାର କାର୍ଯ୍ୟ ଠିକ୍ ଭାବେ କରାଯାଇପାରିବ। ସରକାର କହିଛନ୍ତି ୨୦୨୦ରେ ୩ କିମ୍ବା ତା'ଠାରୁ ଅଧିକ ତୀବ୍ରତାର ୯୬୫ଟି ଭୂକମ୍ପ ରେକର୍ଡ କରାଯାଇଛି। ଏହା ମଧ୍ୟରୁ ୧୩ଟି ଏନ୍‌ସିଆର ଓ ଏହାର ଆଖପାଖ ଅଞ୍ଚଳରେ ଅନୁଭୂତ ହୋଇଥିଲା। ସରକାର ଜୋନ ଭି' ବା ସର୍ବାଧିକ ଭୂକମ୍ପ ଆଶଙ୍କା ଥିବା ଅଞ୍ଚଳ ଗୁଡିକର ତାଲିକାରେ ଭୂଜ, ଦରଭଙ୍ଗା, ଗୌହାଟୀ, ତେଜପୁର, ଶ୍ରୀନଗର, ସାଦିୟା, ପୋର୍ଟବ୍ଲେୟାର, ମଣ୍ଡି, କୋହିମା ଓ ଜୋରହଟକୁ ରଖିଛନ୍ତି। ଜୋନ୍ ଆଇଭି'ରେ ଅଲମୋରା, କୋଲକାତା, ଜଲପାଇଗୁଡି, ଲୁଧିଆନା, ମୋଙ୍ଗହୟର, ମୋରଦାବାଦ, ପାଟନା, ପ୍ରଙ୍ଗଣା, ପିଲିଭିଟ, ଶିମଲା, ରୋରକୀ, ଅମ୍ବାଲା, ଅମୃତସର, ବାହାରାଇଚ, ବାରାଉନି, ବୁଲନ୍ଦଶହର, ଚଣ୍ଡିଗଡ, ଦାର୍ଜିଲିଙ୍ଗ, ଡେରାଡୁନ, ଦେଓରିଆ, ଦିଲ୍ଲୀ, ଦିନାଜପୁର, ଗାଜିଆବାଦ, ଗ୍ୟାଙ୍ଗଟକ ଓ ଗୋରଖପୁର ରହିଛି।

# ପଞ୍ଚାୟତ ନିର୍ବାଚନ; ବିଜେପି ମଙ୍ଗୁଆଳଙ୍କୁ ନେଇ ବଢୁଛି ଅଡୁଆ

**ଜଗତ୍‌ସିଂହପୁର,(ଜ୍ୟୋତିରଞ୍ଜନ ପଟ୍ଟନାୟକ):** ଆଗାମୀ ୨୦୨୨ ପଞ୍ଚାୟତ ନିର୍ବାଚନ ବିଗୁଲ ବାଜିବା ପୂର୍ବରୁ ମଇଦାନକୁ ଓହ୍ଲାଇବାକୁ କର୍ମୀମାନଙ୍କ ମଧ୍ୟରେ ସଜବାଜ ବି ଆରମ୍ଭ ହେଲାଣି । ପଞ୍ଚାୟତ ନିର୍ବାଚନ ମହାସମରରେ କିଏ କେଉଁ ଦଳରୁ ପ୍ରାର୍ଥୀ ହୋଇ ଲଢ଼ି ଜିତି ପାରିବ ତାକୁ ନେଇ କର୍ମୀମାନଙ୍କ ମଧ୍ୟରେ ସବୁଠି ଉତ୍କଣ୍ଠା ଦେଖାଦେଲାଣି । ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ନିର୍ବାଚନ ତାରିଖ ଧାର୍ଯ୍ୟ କଲାମାତ୍ରେ କୋଭିଡ଼ କଟକଣାକୁ ଫୁ କରି କର୍ମୀମାନେ ଗାଁ ଗହଳି ସ୍ଥାନ ମାନଙ୍କରେ ମଦ ଓ ମାଂସର ଆସର ଜମାଇ କାଫି ଟଙ୍କା ସବୁ ଆଦାୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ରାଜ୍ୟରେ ୩ଗୋଟି ଦଳ ମଧ୍ୟରୁ ବିଜେପି ଦଳ ଖୁବ୍ ଶୃଙ୍ଖଳିତ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ପରିଚାଳିତ ହୋଇଥିବାରୁ ଏହାର ଏକ ସ୍ୱତନ୍ତ୍ରତା ରହିଅଛି। କେନ୍ଦ୍ର ସରକାରଙ୍କ ନିକଟରେ ଅମାପ ଧନ ଥିବାରୁ ବହୁ ଅସନ୍ତୁଷ୍ଟ ବିଜେଡି ଓ କଂଗ୍ରେସ୍ କର୍ମୀ ବା ନେତାମାନେ ବିଧାନ ସଭା ହେଉ ବା ପଂଚାୟତ ନିର୍ବାଚନ ସମୟରେ ଚାନ୍ଦା ଆଦାୟ କାରିବା ପାଇଁ ବିଜେପି ଆଡକୁ ମୁହାଁଇବାରେ ସକ୍ଷମ ହେଉଛନ୍ତି । ସେହିପରି ବିଜେପି ଦଳର ଜିଲ୍ଲା ସଭାପତି ଦାୟିତ୍ୱରେ ଥିବା ନେତା ଜଣଙ୍କ ଓଳିଆରୁ ପଡି ଗଜା ହେବା ପରି କଂଗ୍ରେସ୍‌ରୁ ଆସି ବିଜେପିରେ ମିଶିଯାଇ ରାଜ୍ୟ ନେତୃତ୍ୱ ମଣ୍ଡଳୀକୁ ଏକ ପ୍ରକାର ଦଖଲରେ ରଖିଛନ୍ତି, ଫଳରେ କଂଗ୍ରେସ୍‌ର କେତେକ ଟାଣୁଆ ନେତା ଓ କର୍ମୀମାନେ ଭିତିରିଆ ବିଜେପି ଦଳ ସହିତ ହାତ ମିଶାଇ ରୋଜଗାର କରିବାବେଳେ ଜିଲ୍ଲାରେ ବିଜେପି ଦଳ ତା'ର ଅସ୍ତିତ୍ୱ ହରାଇବାକୁ ବସିଲାଣି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ବିଜେଡି ଓ ବିଜେପି କଡା ଟକ୍କର ମଧ୍ୟରେ ଜିଲ୍ଲାର ୨୬ଗୋଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ବିଜେପି ୩ଗୋଟି ଆସନ ହାତେଇ ନେଇଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନ ବେଳକୁ ନିଜର ସତ୍ତା ହରାଇବା ସହିତ ଗୋଟିଏ ଜିଲ୍ଲାପରିଷଦ ଆସନ ହାତେଇପାରିବ ନାହିଁ ବୋଲି ବହୁ ପୁରାତନ ବିଜେପି ନେତା, କର୍ମୀ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଚର୍ଚ୍ଚା ଆରମ୍ଭ ହେଲାଣି। ଯଦି ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେପି ରାଜ୍ୟ ନେତୃମଣ୍ଡଳୀ ଜିଲ୍ଲା ସଭାପତି ଦାୟିତ୍ୱରେ ଥିବା ନେତାଙ୍କୁ ନହଟାନ୍ତି ତେବେ ବିଜେପି ଦଳ ଭାଗ ଭାଗ ହୋଇଯିବ ଓ ଜିଲ୍ଲା ସଭାପତିଙ୍କ ୩ବର୍ଷ ରହଣି ମଧ୍ୟରେ ବିଜେପି ଦଳର ଭାବମୂର୍ତ୍ତି ବା ଆଦର୍ଶକୁ ଲୋକମାନଙ୍କ ନିକଟରେ ପହଁଞ୍ଚାଇ ପାରିନଥିବା ବେଳେ ଜିଲ୍ଲାରେ ଏକ ଆଖିଦୃଶିଆ କାର୍ଯ୍ୟକ୍ରମ କରିବାରେ ସକ୍ଷମ ହୋଇ ପାରି ନାହାନ୍ତି । ବିଜେପିର ଏପରି ଦୃଦର୍ଶାକୁ ଦେଖି ଓ କର୍ମୀମାନଙ୍କ ମଧ୍ୟରେ ଥିବା ମନୋମାଳିନ୍ୟ ଘଟଣାରେ ଫାଇଦା



ଉଠାଇବା ପାଇଁ ବିଜେଡି ତା'ର ରଣନୀତି ମଧ୍ୟ ବଦଳାଇବା ଆରମ୍ଭ କଲାଣି, ଫଳରେ ଜିଲ୍ଲା ରାଜନୈତିକ ମାନଚିତ୍ରରେ ଝଟକିଉଠୁଥିବା ପଦ୍ମଫୁଲଟି ମଳିନ ପଡି ଝଡିଯାଇପାରେ ବୋଲି ରାଜନୈତିକ ସମୀକ୍ଷକଙ୍କ ମହଲରେ ଆଲୋଚନା ଆରମ୍ଭ ହେଲାଣି । ଆଗାମୀ ପଞ୍ଚାୟତ ନିର୍ବାଚନ ବେଳକୁ ଜିଲ୍ଲାରେ ବିଜେପି ତା'ର ବିଫଳତାର ସ୍ୱାଦ ଚାଖିବାକୁ ପଡିବ । କେନ୍ଦ୍ରରେ ବିଜେପି ତା'ର ବିକାଶର ନାରା ଦେଇ ଭୋଟ ବ୍ୟାଙ୍କ ହାତେଇ ନେଉଥିବା ବେଳେ ରାଜ୍ୟରେ ବିଜେପିର ଗୋଷ୍ଠୀ କନ୍ଦଳ ଯୋଗୁ ପ୍ରତି ଜିଲ୍ଲାମାନଙ୍କରେ ଅସନ୍ତୋଷ ଆରମ୍ଭ ହେଲାଣି । ଆଗାମୀ ପଞ୍ଚାୟତ ନିର୍ବାତନ ପୂର୍ବରୁ ଜିଲ୍ଲା ସଭାପତି ପରିବର୍ତ୍ତନରେ ୍ଦି ନ କରନ୍ତି ତେବେ ଏହା ବିଜେପି ପାଇଂ ବୁମେରାଙ୍ଗ ହେବା ସହିତ ପକ୍ଷପାତ ରୋଗର ଶିକାର ହୋଇପାରେ । ବେଳ ଥାଉ ଥାଉ ଯଦି ରାଜ୍ୟ ଦଳୀୟ ନେତୃ ମଣ୍ଡଳୀ ସ୍ଥିତି ନ ସୁଧାରିଲେ ତେବେ ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେପି ତା'ର ସ୍ଥିତି ହରାଇ ବସିବ। ଦିନକୁ ଦିନ ଜିଲ୍ଲାରେ ବିଜେପିର ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ ହୋଇଚାଲିଛି । ଏପରିକି ତିର୍ତ୍ତୋଲ ଉପନିର୍ବାଚନ ସମୟରେ ବାହାର ଜିଲ୍ଲାର କିଛି ବ୍ୟକ୍ତି ଆସି ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତ ଦାୟିତ୍ୱରେ ପ୍ରଭାରୀ ଭାବେ ଦାୟିତ୍ୱ ନିର୍ବାହ କରି ଅର୍ଥ ରୋଜଗାର କରିବା ଭୂମିକା ଦେଖିବାକୁ ମିଳିଥିଲା। ଏପରିକି ସେମାନେ ରହିବା ପାଇଁ ଘରଭଡା ନେବା ସହିତ ଚାରିଚକିଆ ଯାନରେ ବୁଲି ନାମି ଦାମୀ ହୋଟେଲରେ ଖାଇବା ଓ ସ୍ଥାନୀୟ କିଛି କୁଜି ନେତାଙ୍କୁ ଧରି ନିର୍ବାଚନ ଅର୍ଥରାଶି ସବୁକୁ ଚଳୁ କରିଦେଇଚ୍ଲେ। ଏକଥାକୁ ଜଣିବା ପରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳ ଛାଡି ପଳାଇବାରେ ସକ୍ଷମ ହୋଇଥିଲେ। ଜିଲ୍ଲା ସଭାପତିଙ୍କ ନେତୃତ୍ୱରେ ଦଳର ଭାବମୂର୍ତ୍ତିକୁ ବଞ୍ଚାଇ ରଖିବା ପାଇଁ ଜଗତ୍‌ସିଂହପୁରର ପୂର୍ବତନ ସାଂସଦ ବିଭୁପ୍ରସାଦ ତରାଇ କିମ୍ବା ପାରାଦ୍ୱିପ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦିତା କରିଥିବା ବବି ସଂପଦ ଚରଣ ସ୍ୱାଇଁଙ୍କୁ ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ଦେବାକୁ ବହୁ ବିଜେପି ନେତା ଓ କର୍ମୀମାନଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

# ୬୩,୩୦୩ ପ୍ରାଥମିକ ଶିକ୍ଷକ ପାଇବେ ପଦୋନ୍ନତି

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟ ଗୁଡିକର ଶିକ୍ଷକ ମାନଙ୍କ ପଦୋନ୍ନତି ପାଇଁ ଆବଶ୍ୟକ ରେସିଡେନ୍ସି ପିରିଅଡକୁ କମ୍ କରାଯାଇଛି। ଏହାଦ୍ୱାରା ରାଜ୍ୟର ୬୩,୩୦୩ ଜଣ ପ୍ରାଥମିକ ଶିକ୍ଷକ ପଦୋନ୍ନତି ପାଇପାରିବେ। ତା ସହିତ ଉଚ୍ଚପ୍ରାଥମିକ ସ୍ତରରେ ବିଭିନ୍ନ ବିଷୟ ପାଇଁ ଶିକ୍ଷକ ପଦବୀ ପୂରଣ ହେବ ଏବଂ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ପ୍ରଧାନ ଶିକ୍ଷକ ପଦବୀ ଗୁଡିକ ମଧ୍ୟ ପୂରଣ ହୋଇପାରିବ। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ସ୍ତରରେ ଶିକ୍ଷକ ଅଭାବ ପୂରଣ ହେବା ଦ୍ୱାରା ପ୍ରାଥମିକ ବିଦ୍ୟାଳୟ ଗୁଡିକର ପରିଚାଳନାରେ ଉନ୍ନତି ଆସିବା ସହିତ ଶୈକ୍ଷିକ ପରିବେଶରେ ମଧ୍ୟ ଉନ୍ନତି ଆସିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେବା ଦ୍ୱାରା ୫(ଏ) ସ୍ତରରେ ଥିବା ୨୯,୭୫୯ ଜଣ ସହକାରୀ ଶିକ୍ଷକ ୫(ବି) ସ୍ତରକୁ ପଦୋନ୍ନତି ପାଇବେ ଏବଂ ୫(ବି) ସ୍ତରରେ ଥିବା ୨୯,୭୫୯ ଜଣ ବରିଷ୍ଠ ଶିକ୍ଷକ ତୁରନ୍ତ ଲେଭେଲ-୪ କୁ ପଦୋନ୍ନତି ପାଇବେ। ଏହାସହିତ ଲେଭେଲ ଓଠରେ ଥିବା ୩୭୮୫ ଜଣ ପ୍ରଧାନ ଶିକ୍ଷକ ସେପ୍ଟେମ୍ବର ମାସ ସୁଦ୍ଧା ଲେଭେଲ-୩ କୁ ପଦୋନ୍ନତି ପାଇବେ। ଲେଭେଲ ୫(ବି) ରେ ଥିବା ସହକାରୀ ଶିକ୍ଷକ ମାନଙ୍କ ପାଇଁ ରେସିଡେସନ୍ସି ପିରିଅଡକୁ ଏକ ବର୍ଷରୁ ୬ ମାସ କରାଯାଇଥିବା ବେଳେ, ଲେଭେଲ-୪ ରୁ ଲେଭେଲ-୩ କୁ ପଦୋନ୍ନତି ପାଇବା ପାଇଁ ରେସିଡ଼େନସି ପିରିଅଡର ସୀମା ୨ ବର୍ଷରୁ ୧ ବର୍ଷ କରାଯାଇଛି। ସୂଚନାଯୋଗ୍ୟ ଯେ ୨୦୧୯ରେ ପ୍ରାଥମିକ ଶିକ୍ଷକ ମାନଙ୍କ କ୍ୟାଡରର ପୁନର୍ଗଠନ କରାଯାଇ ଲେଭେଲ-୪ ରେ ୨୧,୪୬୩ ଶିକ୍ଷକ ପଦବୀ ସ୍ଥାନରେ ୫୧,୧୬୪ ଟି ପଦବୀ ସୃଷ୍ଟି କରାଯାଇଥିଲା ଏବଂ ଲେଭେଲ-୩ ରେ ଥିବା ୯୩୦୫ ଟି ପଦବୀ ସ୍ଥାନରେ ୧୮,୭୬୯ ଶିକ୍ଷକ ପଦବୀ ସୃଷ୍ଟି କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦୋନ୍ନତି ପାଇବାକୁ ଯାଉଥିବା ସବୁ ଶିକ୍ଷକ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଗୁଣାତ୍ମକ ଶିକ୍ଷାଦାନ ଦିଗରେ ରାଜ୍ୟ ସରକାରଙ୍କ ଉଦ୍ୟମର ସଫଳତାରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
Managing Editor : **Laxmipriya Dash**
Editor : **Tarak Mohanty**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
ସମ୍ପାଦକ : ତାରକ ମହାନ୍ତି